ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.280, Bhubaneswar Saturday, December 21, 2019 ୨୨ତମ ବର୍ଷ ସଂଖ୍ୟା–୨୮୦ ଭୁବନେଶ୍ୱର ,ଶନିବାର, ଡିସେମ୍ବର ୨୧, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

୫ ଲକ୍ଷ କୋଟି ଡଲାର ଅର୍ଥ ବ୍ୟବସ୍ଥାର ଲକ୍ଷ୍ୟ ହାସଲ ସମ୍ଭବ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୦।୧୨(ପି.ଏନ): ୫ ଲକ୍ଷ କୋଟିଡଲାର ଅର୍ଥବ୍ୟବସ୍ଥାର ଲକ୍ଷ୍ୟହାସଲସମ୍ଭବବୋଲି ପ୍ରଧାନମନ୍ତ୍ରୀଶ୍ରୀ ନରେନ୍ଦ୍ରମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ନୂଆଦିଲ୍ଲୀରେ ପ୍ରମୁଖ ଉଦ୍ୟୋଗ ଚାମ୍ବର 'ଆସୋଚାମ'ର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରି ଏହା କହିଛନ୍ତି। କର୍ପୋରେଟ ଜଗତର ବିଶିଷ୍ଟବ୍ୟକ୍ତି, କୂଟନୀତିଜ୍ଞଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ସମୂହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀକହିଥିଲେ ଯେ ଭାରତକୁ ୫ ଲକ୍ଷକୋଟିଡଲାର ଅର୍ଥବ୍ୟବସ୍ଥାରେ ପରିଣତକରିବାରବିଚାର ଅଚାନକ ଆସିନାହିଁ। ସେ କହିଥିଲେ ଯେ ଗତ ୫ ବର୍ଷମଧରେ ଦେଶ ନିଜକୁ ଏତେସୁଦୃଢ଼ କରିନେଇଛି ଯେ ଏହାକେବଳ ନିଜ ପାଇଁଏତେ ଗୁରୁତ୍ୱପୂର୍ଣ୍ଣଲକ୍ଷ୍ୟ ନିର୍ଦ୍ଧାରଣକରିନାହିଁ, ବରଂ ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣକରିବା ଆରମ୍ଭ ମଧ କରି ଦେଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ୫ ବର୍ଷ ପୂର୍ବରୁ ଅର୍ଥବ୍ୟବସ୍ଥାବିପର୍ଯ୍ୟୟ ଆଡ଼କୁ ଗତି କରୁଥିଲା। ଆମ ସରକାର ଏଥିରେ ବିରାମ ଲଗାଇବା ସହିତ ଅର୍ଥବ୍ୟବସ୍ଥାରେ ଅନୁଶାସନର ମାର୍ଗ ମଧ ପ୍ରଶସ୍ତକଲା।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମେଭାରତର ଅର୍ଥବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିଲୁ, ଯାହାଦ୍ୱାରାଏହାର ପରିଚାଳନା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଶୃଙ୍ଖଳିତ ଢଙ୍ଗରେ ହୋଇପାରିବ। ଆମେ ଉଦ୍ୟୋଗ ଜଗତର ଦଶନ୍ଧି ପୁରୁଣା ଦାବି ପୂରଣ କଲୁ ଏବଂ ଆମେ ଦେଶକୁ ୫ ଲକ୍ଷ କୋଟି ଡଲାର ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ଦୃଢ଼ ମୂଳଦୁଆ ପ୍ରତିଷ୍ଠା କରିଛୁ।ସେ କହିଥିଲେ, 'ଆମେ ଔପଚାରିକତାଏବଂ ଆଧୁନିକୀକରଣର ଦୁଇଟି ଦୃଢ଼ ସ୍ତମ୍ଭ ଉପରେ ଭାରତୀୟ ଅର୍ଥବ୍ୟବସ୍ଥା ନିର୍ମାଣ କରୁଛୁ। ଆମେ ଅଧିକରୁ ଅଧିକ କ୍ଷେତ୍ରକୁ ଔପଚାରିକ ଅର୍ଥବ୍ୟବସ୍ଥା ପରିଧି ମଧକୁ ଆଣିବାଲାଗି ପ୍ରୟାସ କରୁଛୁ। ଏଥିସହିତ ଆମେ ଦେଶର ଅର୍ଥବ୍ୟବସ୍ଥାକୁ ନବୀନତମ ପ୍ରଯୁକ୍ତି ସହ ଯୋଡୁଛୁ, ଯାହାଦ୍ୱାରା ଆମେ ଆଧୁନିକୀକରଣର ଗତିକୁ ଆହୁରି ଦ୍ରୁତ କରିପାରିବୁ।ପ୍ରଧାନମନ୍ତ୍ରୀ କହିଥିଲେ, ଏବେ କୌଣସି କମ୍ପାନୀର ପଞ୍ଜିକରଣରେ ଅନେକ ସପ୍ତାହ ସମୟ ଲାଗିବା ବଦଳରେ ମାତ୍ର କିଛି ଘଂଟା ଲାଗୁଛି। ସ୍ୱୟଂଚାଳିତ ପ୍ରକ୍ରିୟା ଫଳରେ ସୀମାପାର ବାଣିଜ୍ୟ ଖୁବ ଦ୍ରୁତଗତିରେ କରିବାରେ ସହାୟତା ମିଳୁଛି। ମୌଳିକ ଢାଂଚାଗତ ସୁବିଧା ପରସ୍ପର ସହ ଯୋଡ଼ିହେବା ଫଳରେ ବନ୍ଦର ଓ ବିମାନ ବନ୍ଦରରେ ଜାହାଜ ଓ ବିମାନର ଆଗମନ ଓ ପ୍ରସ୍ଥାନରେ ଲାଗୁଥିବା ମୋଟ ସମୟ ନିରନ୍ତର ହ୍ରାସପାଉଛି। ଏସବୁ ଏକ ଆଧୁନିକ ଅର୍ଥବ୍ୟବସ୍ଥାର ଉଦାହରଣ। ପ୍ରଧାନମନ୍ତ୍ରୀ କହିଥିଲେ, ଆଜି ଆମ ଦେଶରେ ଏପରି ଏକ ସରକାର ଅଛି ଯିଏ ଉଦ୍ୟୋଗ ଜଗତର ବିଚାରକୁ ଶୁଣୁଛି, ତା'ର ଆବଶ୍ୟକତାକୁ ବୁଝୁଛି ଏବଂ ତା'ର ପରାମର୍ଶ ପ୍ରତି ସମ୍ପୂର୍ଣ୍ଣ ଭାବେ ସମ୍ବେଦନଶୀଳ ରହିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ନିରନ୍ତର କଠିନ ପରିଶ୍ରମ କରିବା ଫଳରେ ହିଁ ଭାରତ 'ବ୍ୟବସାୟିକ ସୁଗମତା' ସୂଚକାଙ୍କରେ ଉଲ୍ଲେଖନୀୟ ଉନ୍ନତି ହାସଲ କରିବାରେ ସଫଳ ହୋଇପାରିଛି।

ପ୍ରଧାନମନ୍ତ୍ରୀ କହିଥିଲେ ଯେ 'ବ୍ୟବସାୟିକ ସୁଗମତା' ବାକ୍ୟ ମାତ୍ର କେତୋଟି ଶବ୍ଦର ସମାହାର ହୋଇପାରେ, କିନ୍ତୁଏହି ସୂଚକାଙ୍କରେ ଭାରତର ର୍ୟାଙ୍କିଙ୍ଗରେ ଉନ୍ନତି ଆଣିବାଲାଗି ଅଗଣିତ କଠିନ ପ୍ରୟାସ କରାଯାଇଛି, ଏଥିମଧରେ ଭୂମିଗତ ସ୍ତରରେ ନୀତି ଏବଂ ନିୟମରେ ଆବଶ୍ୟକ ପରିବର୍ତ୍ତନ ଆଣିବା ମଧ ସାମିଲ ରହିଛି।

ପ୍ରଧାନମନ୍ତ୍ରୀ ଏହି ବିଷୟ ଉପରେ ମଧ ରେଖାପାତ କରିଥିଲେ ଯେ ଦେଶରେ ବ୍ୟକ୍ତିଗତ ଉପସ୍ଥିତି ବିନାଟିକସ ପ୍ରଶାସନ ସୁନିଶ୍ଚିତ କରିବା ଦିଗରେ ନିରନ୍ତର ପ୍ରୟାସ କରାଯାଉଛି, ଯଦ୍ୱାରା ଟିକସଦାତା ଏବଂ ପ୍ରାଧିକରଣ ମଧରେ ବ୍ୟକ୍ତିଗତ ଉପସ୍ଥିତିର ଆବଶ୍ୟକତା ହ୍ରାସପାଇବ।ସେ କହିଥିଲେ ଯେ ଟିକସ ବ୍ୟବସ୍ଥାରେ ପାରଦର୍ଶିତା, ଦକ୍ଷତା ଏବଂ ଉତରଦାୟିତ୍ୱ ସୁନିଶ୍ଚିତ କରିବାଲାଗି ଆମେ ବ୍ୟକ୍ତିଗତ ଉପସ୍ଥିତି ବିନାଟିକସ ପ୍ରଶାସନ ଦିଗରେ ଆହୁରି ଦ୍ରୁତଗତିରେ ଅଗ୍ରସର ହେଉଛୁ।ପ୍ରଧାନମନ୍ତ୍ରୀ ଏହା ମଧ କହିଥିଲେ ଯେ ସରକାର କର୍ପୋରେଟ କ୍ଷେତ୍ରସହ ଜଡ଼ିତ ଅନେକ ଆଇନର ଅଣ-ଅପରାଧିକରଣ କରି ଦେଇଛନ୍ତି, ଫଳରେ ଉଦ୍ୟୋଗ ଜଗତ ଭୟମୁକ୍ତ ପରିବେଶରେ କାମ କରିପାରିବେ। ପ୍ରଧାନମନ୍ତ୍ରୀ କହିଥିଲେ, ଆପଣମାନେ ଜାଣନ୍ତି ଯେ କମ୍ପାନୀ ଆଇନରେ ଅନେକ ବ୍ୟବସ୍ଥା ରହିଛି, ଯାହାର ମାମୁଲି ଉଲ୍ଲଙ୍ଘନକୁ ମଧ ଫୌଜଦାରୀ ଅପରାଧ ଭାବେ ବିବେଚନା କରାଯାଇଥାଏ। ଆମ ସରକାରଏପରି ଅନେକ ବ୍ୟବସ୍ଥାର ଅଣ-ଅପରାଧୀକରଣ କରି ଦେଇଛନ୍ତି। ଆମେ ଏହାବ୍ୟତିତ ମଧ ଅନେକ ବ୍ୟବସ୍ଥାର ଅଣ-ଅପରାଧୀକରଣ କରୁଛୁ ଅଥବା ସେଗୁଡ଼ିକୁ ଦେୱାନୀ ଅପରାଧରେ ପରିଣତକରି ଦେଉଛୁ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନ ଦେଶରେ କର୍ପୋରେଟ ଟିକସ ଦର ସର୍ବନିମ୍ନ ରହିଛି ଏବଂ ଏହାଦ୍ୱାରା ଆର୍ଥିକ ବିକାଶ ଗତିଶୀଳ ହେବ। କେବଳ ଆମ ଦେଶରେ ହିଁ ସରକାର ସର୍ବନିମ୍ନ କର୍ପୋରେଟ ଟିକସ ସଂଗ୍ରହ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଶ୍ରମ ସଂସ୍କାର ଦିଗରେ ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ ପ୍ରଧାନମନ୍ତ୍ରୀ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ। ସେ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଆହୁରି ଅଧିକ ପାରଦର୍ଶୀ ଏବଂ ଲାଭପ୍ରଦ କରିବା ଲାଗି ଏହି କ୍ଷେତ୍ରରେ ଲାଗୁ କରାଯାଇଥିବା ବ୍ୟାପକ ସୁଧାର ବିଷୟରେ ମଧ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ କାରଣରୁ ଆଜି ୧୩ଟି ବ୍ୟାଙ୍କଲାଭ ଦିଗରେ ଅଗ୍ରସର ହେଉଛନ୍ତି, ଅନ୍ୟପକ୍ଷରେ ୬ଟି ବ୍ୟାଙ୍କ 'ପିସିଏ' ପରିଧିରୁ ବାହାରକୁ ଆସିସାରିଛନ୍ତି। ଆମେବ୍ୟାଙ୍କ ସମ୍ମିଶ୍ରଣ ପ୍ରକ୍ରିୟାକୁ ମଧ ଗତିଶୀଳ କରିଛୁ। ଆଜି ବ୍ୟାଙ୍କଗୁଡ଼ିକ ନିଜ ନିଜ ଦେଶବ୍ୟାପୀ ନେଟୱାର୍କକୁ ବିସ୍ତାରିତ କରୁଛନ୍ତି ଏବଂ ଏହାସହିତ ଏଗୁଡ଼ିକ ବୈଶ୍ୱିକ ମାନ୍ୟତା ହାସଲ କରିବା ଦିଗରେ ଅଗ୍ରସର ହେଉଛନ୍ତି।ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏ ସମସ୍ତ ସକାରାତ୍ମକତା ସହିତଭାରତ ୫ ଲକ୍ଷକୋଟି ଡଲାର ଅର୍ଥବ୍ୟବସ୍ଥାରେ ପରିଣତ ହେବା ଦିଗରେ ଅଗ୍ରସର ହୋଇଚାଲିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସରକାରଏହି ଲକ୍ଷ୍ୟହାସଲ ଦିଗରେ ଆବଶ୍ୟକ ସହଯୋଗ କରିବା ଉଦ୍ଦେଶ୍ୟରେ ମୌଳିକ ଭିତିଭୂମି କ୍ଷେତ୍ରରେ୧୦୦ ଲକ୍ଷକୋଟି ଟଙ୍କା ସହିତ ଗ୍ରାମୀଣ କ୍ଷେତ୍ରରେ ମଧରେ ୨୫ ଲକ୍ଷକୋଟି ଟଙ୍କାର ଅତିରିକ୍ତ ନିବେଶ କରିବେ।

ରାଜ୍ୟରେ ଭିନ୍ନକ୍ଷମ ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି:ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା

ଭୁବନେଶ୍ୱର, ୨୦।୧୨(ପି.ଏନ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟରେ ବିଭାଗ ପକ୍ଷରୁ ଯଥେଷ୍ଟ ଅଗ୍ରଗତିମୂଳକ କାର୍ଯ୍ୟ ହୋଇଛି। ଭିନ୍ନକ୍ଷମ ଚିହ୍ନଟ ପରିଚୟ ପତ୍ର ପ୍ରଦାନରେ ଓଡ଼ିଶା ଦେଶରେ ପ୍ରଶଂସିତ ହୋଇଥିଲାବେଳେ ୧୦୭ଟି ଶିକ୍ଷାନୁଷ୍ଠାନକୁ ଗ୍ରାଂଟ ଇନ୍ ଏଡ୍ ଯୋଗାଇ ଦିଆଯାଉଛି। ବିଭିନ୍ନ କାର୍ଯ୍ୟକ୍ରମକୁ ଅଧିକ ସଶକ୍ତ ଓ ସଫଳ କରିବା ନିମନ୍ତେ ବିଭାଗ ତତ୍ପର ରହିଛି ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ଆଜି ପୂର୍ବାହ୍ନରେ ଲୋକସେବା ଭବନରେ ବିଭାଗର ରାଜ୍ୟସ୍ତରୀୟ ଉପଦେଷ୍ଟା ବୋର୍ଡ଼ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ଭିନ୍ନକ୍ଷମ ପଞ୍ଜିକରଣ ଓ ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ ସାଙ୍ଗକୁ ବିବାହ ବିଚ୍ଛେଦଗ୍ରସ୍ତ ମହିଳାଙ୍କୁ ସ୍ୱେଚ୍ଛା ପ୍ରମାଣପତ୍ର ଦେବାର ବ୍ୟବସ୍ଥା, ହିତାଧିକାରୀମାନଙ୍କ ଜମାଖାତାକୁ ସହାୟତା ରାଶିର ପ୍ରତ୍ୟକ୍ଷ ହସ୍ତାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଛି। ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନରେ ୮ କୋଟି ଟଙ୍କା ବ୍ୟୟ କରାଯାଇଥିବାବେଳେ କନ୍ଧମାଳ, ଖୋର୍ଦ୍ଧା, ସମ୍ବଲପୁର, କଟକ, ପୁରୀ, ଗଞ୍ଜାମ, ଭଦ୍ରକ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ଭିନ୍ନକ୍ଷମମାନଙ୍କ ପାଇଁ ସମନ୍ୱିତ ଭିତିଭୂମି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଭୁବନେଶ୍ୱର ଠାରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ଏକ ସ୍ପୋର୍ଟସ ସେଂଟର ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି ଓ ପ୍ରଥମ ଥର ପାଇଁ ଚଳିତ ବର୍ଷ ରାଜ୍ୟରେ ଭିନ୍ନକ୍ଷମ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଛି। ଭିନ୍ନକ୍ଷମମାନଙ୍କ ଗମନାଗମନ ନିମନ୍ତେ ସବୁ ସରକାରୀ-ବେସରକାରୀ କୋଠାବାଡ଼ିଗୁଡ଼ିକରେ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ଖୁବ୍ଶୀଘ୍ର ଦୁଇଟି ଭିନ୍ନକ୍ଷମ ଶିଶୁ ପ୍ରଯତ୍ନ କେନ୍ଦ୍ର ସ୍ଥାପିତ ହେବାକୁ ଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଉଲ୍ଲେଖ କରିଥିଲେ। ପରାମର୍ଶଦାତା ମଣ୍ଡଳୀ ବୈଠକରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସମାଗତ ବୋର୍ଡ଼ ସଦସ୍ୟମାନେ ନିଜ ନିଜର ମତ ଏବଂ ପ୍ରସ୍ତାବ ପ୍ରଦାନ କରିଥିଲେ। ବିଶେଷ କରି, ଶତପ୍ରତିଶତ ପରିଚୟ ପତ୍ର ପ୍ରଦାନ, ସ୍ୱାସ୍ଥ୍ୟବୀମା ଅନ୍ତର୍ଭୁକ୍ତିକରଣ, ମିଶନ କ୍ଷମତାର ସଶକ୍ତିକରଣ, ବସୁନ୍ଧରା ଯୋଜନାରେ ଜମି ପ୍ରଦାନ, ବୌଦ୍ଧିକ ଭିନ୍ନକ୍ଷମମାନଙ୍କ ନିମନ୍ତେ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଅଧିକାରୀ ନିୟୋଜନ, ଅଧିକ ସଂଖ୍ୟାରେ ସ୍ୱତନ୍ତ୍ର ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ ଓ ଏକ ରାଜ୍ୟସ୍ତରୀୟ ତାଲିମ ପ୍ରତିଷ୍ଠାନ ଆରମ୍ଭ ଇତ୍ୟାଦି ବାବଦରେ ପରାମର୍ଶଦାତା ମାନେ ମତାମତ ଦେଇଥିଲେ। ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଭାସ୍କରଜ୍ୟୋତି ଶର୍ମା ପାୱାର ପଏଂଟ ପ୍ରଦର୍ଶନ ମାଧ୍ୟମରେ ବିଭାଗର କାର୍ଯ୍ୟାବଳୀ ଉପରେ ବିଶଦ ସୂଚନା ଦେଇଥିଲେ। ବିଭାଗ ପକ୍ଷରୁ ରାଜ୍ୟରେ ୫୭୯୧୧୩ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଥିଲାବେଳେ ୨୮୯୭୯୧ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ୧୯୫ଟି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ଜରିଆରେ ୪୭୭୬୫ ଜଣ ଭିନ୍ନକ୍ଷମ ଉପକୃତ ହୋଇଥିଲାବେଳେ ୨୪୫୧୩ ଜଣ ବିଭିନ୍ନ ପୁନର୍ବାସ ଉପକରଣ ପାଇଛନ୍ତି। କ୍ଷମତା ଏକ୍ସପ୍ରେସ ଜରିଆରେ ୧୪୮୦୮ ଜଣ ଭିନ୍ନକ୍ଷମ ଉପକୃତ ହୋଇଛନ୍ତି। ଭୁବନେଶ୍ୱର ଠାରେ ପ୍ରତିଷ୍ଠିତ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରରେ ୨୭୯ ଜଣ ଭିନ୍ନକ୍ଷମଙ୍କୁ ଅସ୍ତ୍ରୋପଚାର କ୍ରମେ ଚିକିତ୍ସା ସୁବିଧା ମିଳିଛି ଏବଂ ୭୪୦୪ ଜଣଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି। ରାଜ୍ୟରେ ୨୯୧୦ଟି ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଛି ଏବଂ ସେମାନଙ୍କୁ ଆବର୍ତନ ପାଣ୍ଠି ଆକାରରେ ୧.୯୪ କୋଟି ଯୋଗାଇ ଦିଆଯାଇଛି। ସେହିପରି ୪.୬୯ ଲକ୍ଷ ଭିନ୍ନକ୍ଷମ ହିତାଧିକାରୀ ପେନସନ ପାଉଥିବାବେଳେ ୩୪୩ ଜଣ ଭିନ୍ନକ୍ଷମ ଦମ୍ପତିଙ୍କୁ ୫୦ହଜାର ଟଙ୍କା ଲେଖାଏଁ ବିବାହ ସହାୟତା ଯୋଗାଇ ଦିଆଯାଇଛି ବୋଲି ଶ୍ରୀ ଶର୍ମା ସୂଚନା ଦେଇଥିଲେ। ବୈଠକ ଶେଷରେ ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ବ୍ରତତୀ ହରିଚନ୍ଦନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଆନ୍ତଃରାଜ୍ୟ ଏଟିଏମ୍ ହ୍ୟାକର୍ ଗ୍ୟାଙ୍ଗର ୪ ସଦସ୍ୟ ଗିରଫ

ସମ୍ବଲପୁର, ୨୦।୧୨ (ପି.ଏନ):ଏକ ଆନ୍ତଃରାଜ୍ୟ ଏଟିଏମ୍ ହ୍ୟାକର୍ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ସମ୍ବଲପୁର ଜିଲ୍ଲା ପୋଲିସ । ଘଟଣାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ୧ ଲକ୍ଷ ୪୭ ହଜାର ଟଙ୍କା ସମେତ ହ୍ୟାକିଂରେ ବ୍ୟବହୃତ ବହୁ ଉପକରଣ ଜବତ କରାଯାଇଛି । ଏହି ଜବତ ଉପକରଣ ମଧ୍ୟରେ ଦୁଇଟି ସ୍ୱାଇପ୍ ମେସିନ୍, ୩୦ଟି ଏଟିଏମ୍ କାର୍ଡ଼, ଅଭିଯୁକ୍ତ ମାନଙ୍କ ଦ୍ୱାରା ବ୍ୟବହୃତ ୪ଟି ମୋବାଇଲ୍ ଫୋନ୍, ଲାପଟପ୍ ସମେତ ଏକ କାର୍ ମଧ୍ୟ ଜବତ ହୋଇଛି । ଏହି ଗ୍ୟାଙ୍ଗ୍ ର ମୁଖ୍ୟ ତଥା ମାଷ୍ଟରମାଇଣ୍ଡ ଫେରାର୍ ଥିବା ବେଳେ ତାକୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଛି । ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରୀ ରଖିଛି । ମାଷ୍ଟର ମାଇଣ୍ଡର ନିକଟତର ହେବାକୁ ପ୍ରଚେଷ୍ଟା ଜାରୀ ରଖିଥିବା ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି । ଗିରଫ ୪ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇ ଜଣ ସମ୍ବଲପୁରର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ବିହାର ରାଜ୍ୟର ବୋଲି ଜଣାପଡିଛି ।

କିଟ୍‌ରେ ୪୦ତମ ଓଡ଼ିଶା ବାଣିଜ୍ୟ ସମ୍ମିଳନୀ ଉଦ୍‌ଘାଟିତ

Inauguration Ceremony
40th All Odisha Commerce Conference &
International Seminar - 2019
Year of Odisha Commerce Association
KIIT Deemed to be University, Bhubaneswar

ଭୁବନେଶ୍ୱର, ୨୦।୧୨: କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ନିଖିଳ ଉତ୍କଳ ବାଣିଜ୍ୟ ସଂଘ ପକ୍ଷରୁ ୪୦ତମ ନିଖିଳ ଉତ୍କଳ ବାଣିଜ୍ୟ ସମ୍ମିଳନୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ବାଣିଜ୍ୟ ଓ ବ୍ୟବସାୟ ଦୃଷ୍ଟିକୋଣରୁ ପରିଚାଳନା, ସଂପର୍କ, ରୂପାନ୍ତରଣ ପ୍ରକ୍ରିୟା ଏବଂ ନେତୃତ୍ୱ ଦକ୍ଷତାର ବିକାଶ ହେଉଛି ବାଣିଜ୍ୟ ଶିକ୍ଷାର ଚାରୋଟି ଉପାଦାନ। ବିଶ୍ୱର ୯୦ ପ୍ରତିଶତ ବାଣିଜ୍ୟ ଓ ବ୍ୟବାସାୟ ଏହି ୪ଟି ଉପାଦାନ ଉପରେ ପର୍ଯ୍ୟବେସିତ। ମହାତ୍ମା ଗାନ୍ଧୀଙ୍କ ୭ଟି ସାମାଜିକ ବିଲକ୍ଷଣ ଉପରେ ଆଲୋକପାତ କରି ସେ କହିଲେ, ନୀତି ବିହୀନ ରାଜନୀତି, କାର୍ଯ୍ୟ ବିହୀନ ସମ୍ପତ୍ତି, ବିବେକ ହୀନ ସୁଖ, ମାନବିକତା ବିହୀନ ବିଜ୍ଞାନ, ଚରିତ୍ର ବିହୀନ ଜ୍ଞାନ, ତ୍ୟାଗ ବିହୀନ ଧର୍ମ ଏବଂ ନୀତି ବିହୀନ ବ୍ୟବସାୟୀ ମୂଲ୍ୟହୀନ। ମାନବସମ୍ବଳ ପରିଚାଳନା ଏବଂ ଭାବପୂର୍ଣ୍ଣ ପରଚାଳନାର ଗୁରୁତ୍ୱ ଉପରେ ଆଲୋକପାତ କରି ଏହା ଦାୟିତ୍ୱବୋଧ ସୃଷ୍ଟି କରିଥାଏ ବୋଲି କହିଥିଲେ। ଲୋକଙ୍କ ମଙ୍ଗଳ ପାଇଁ ଆମର କ୍ଷମତା ଓ ପ୍ରଦର୍ଶନକୁ ଏକାଠି କରିବା ଆବଶ୍ୟକ। ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ କହିଲେ, ଏବେ ବାଣିଜ୍ୟ ଅନ୍ୟ ସମସ୍ତ ବିଷୟଗୁଡ଼ିକ ମଧ୍ୟରେ ବାନ୍ଧି ରଖିବାର ଶକ୍ତି ଭାବେ ଉଭା ହୋଇଛି। କାରଣ ଏବେ ସମଗ୍ର ବିଶ୍ୱ ଅଧିକ ସଂଖ୍ୟାରେ ଜୀବିକା ସୃଷ୍ଟି ହେଉ ବୋଲି ଚାହୁଁଛି। ଜୀବିକା କହିଲେ ରୋଜଗାର ଏବଂ ମୂଲ୍ୟଭିତ୍ତିକ ବ୍ୟବସ୍ଥାକୁ ବୁଝାଏ। ତେଣୁ ଶିକ୍ଷା ବ୍ୟବସ୍ଥାରେ ଜୀବିକା ସୃଷ୍ଟି କରିବା ସାମ୍ନାକୁ ଆସିଲା। ବାଣିଜ୍ୟ ଶିକ୍ଷାରୁ ପ୍ରଥମେ ଏହି ଧାରା ଆରମ୍ଭ ହୋଇଥିଲା। ରାଜ୍ୟର ସହରାଞ୍ଚଳ ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାଣିଜ୍ୟ ଶିକ୍ଷା ପ୍ରତି ଆଗ୍ରହ ବଢୁଥିବା ବେଳେ ଗ୍ରାମାଞ୍ଚଳ ମହାବିଦ୍ୟାଳୟ ଗୁଡ଼ିକରେ ବାଣିଜ୍ୟ ଶିକ୍ଷା ପ୍ରତି ଅନାଗ୍ରହ ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳ ମହାବିଦ୍ୟାଳୟ ଗୁଡ଼ିକରେ ଅଧିକରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାଣିଜ୍ୟ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଲାଗି ବାଣିଜ୍ୟ ଶିକ୍ଷାରେ କାର୍ଯ୍ୟରତ ଅଧ୍ୟାପକ ଅଧ୍ୟାପିକାମାନେ ଚେଷ୍ଟା କରିବା ଉଚିତ। ସେମାନେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ପରାମର୍ଶ ଓ ଉତ୍ସାହିତ କରିବା ଉଚିତ ବୋଲି ପ୍ରଫେସର ଦାସ କହିଥିଲେ। ୪୦ତମ ଓଡ଼ିଶା ବାଣିଜ୍ୟ ସମ୍ମିଳନୀର ସମ୍ପାଦିକା ତଥା କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ କହିଲେ, ଜ୍ଞାନ ଆହରଣ, ଦକ୍ଷତା ଏବଂ ପ୍ରତିଭା ପାଇଁ ବାଣିଜ୍ୟ ହେଉଛି ଏକ ବ୍ୟବସ୍ଥା। ଆମର ସାମାଜିକ ବ୍ୟବସ୍ଥା ଯେତେ ମଜଭୁତ ହେବ ସମାଜରେ ସାଧାରଣ ଲୋକ ଏହାର ସୁଫଳ ସେତେ ଅଧିକ ପାଇବେ ବୋଲି ସେ କହିଥିଲେ। ଶିକ୍ଷାର ସମସ୍ତ କ୍ଷେତ୍ର ବାଣିଜ୍ୟ ସହ ଯୋଡ଼ି ହୋଇ ରହିଛନ୍ତି ବୋଲି ପ୍ରଫେସର ସାମନ୍ତ କହିଥିଲେ। ସମ୍ମିଳନୀରେ ଅଧ୍ୟକ୍ଷତା କରି ନିଖିଳ ଉତ୍କଳ ବାଣିଜ୍ୟ ସଂଘର ସଭାପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ପ୍ରବୋଧ କୁମାର ହୋତା ବିଦ୍ୟାଳୟ ପାଠ୍ୟକ୍ରମରେ ବାଣିଜ୍ୟକୁ ସାମିଲ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସଂଘର ସଂପାଦକ ତଥା ଯାଜପୁର ଭି ଏନ୍ କଲେଜର ଅଧ୍ୟକ୍ଷ ମେଜର ଡ. ଏସ୍ ଏ ତାହିର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାଣିଜ୍ୟ ଶିକ୍ଷାରେ ଉଲ୍ଲେଖନୀୟ ଯୋଗଦାନ ଥିବା ପ୍ରଫେସରମାନଙ୍କୁ ରାଜ୍ୟପାଳ ପ୍ରଫେସର ଲାଲ୍ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀ ଆୟୋଜନ କମିଟି ସମ୍ପାଦକ ପ୍ରଫେସର ଜୟନ୍ତ ପରିଡ଼ା, ଓଡ଼ିଶା ବାଣିଜ୍ୟ ଜର୍ଣ୍ଣାଲର ପରିଚାଳନା ସମ୍ପାଦକ ପ୍ରଫେସର ମଳୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଦିଲ୍ଲୀ ଓ ଏନସିଆରରେ ଭୂମିକମ୍ପର ଝଟକା ତୀବ୍ରତା ୬.୪

ନୂଆଦିଲ୍ଲୀ, ୨୦।୧୨(ପି.ଏନ): ରାଜଧାନୀ ଦିଲ୍ଲୀ ଓ ଏନସିଆର ସମେତ ଦେଶର ଅନ୍ୟ କେତେକ ସ୍ଥାନରେ ଆଜି ଭୂମିକମ୍ପର ଝଟକା ଅନୁଭୂତ ହୋଇଛି । ତେବେ ଏଥିରେ କିଛି କ୍ଷୟକ୍ଷତି ଓ ମୃତାହତ ହୋଇଥିବା ନେଇ କୌଣସି ସୂଚନା ନାହିଁ । ୟୁଏସ ସିସ୍ମୋଲୋଜିକାଲ ସେଂଟରର ସୂଚନା ମୁତାବକ, ଏହି ଭୂମକମ୍ପର ତୀବ୍ରତା ରିକ୍ଟର ସ୍କେଲ୍ ରେ ୬.୪ ଥିଲା । ଭୂମିକମ୍ପର କେନ୍ଦ୍ରସ୍ଥଳ କାବୁଲ ଠାରୁ ୨୪୫ କି.ମି. ଦୂର ଅର୍ଥାତ୍ ଆଫଗାନିସ୍ତାନର ହିନ୍ଦୁକୋଶ ଠାରେ ଥିଲା । ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ପ୍ରାୟ ୫ଟା ୧୫ ମିନିଟ୍ ସମୟରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ଦିଲ୍ଲୀ ବ୍ୟତୀତ ପଞ୍ଜାବ, ହରିୟାଣା, କଶ୍ମୀରର ଅଧିକାଂଶ ଅଂଚଳରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଥିଲା

ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ସମ୍ବଲପୁର, ୨୦।୧୨(ପି.ଏନ): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଏନ.ଏ.ସି.ର ସହକାରୀ ଯନ୍ତ୍ରୀ ଉପେନ୍ଦ୍ର ନାୟକଙ୍କ ଘରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ଭିଜିଲାନ୍ସ ଏସପିଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର, ସୁନ୍ଦରଗଡ଼, ରାଉରକେଲା, ଦେଓଗଡ଼, ବଲାଙ୍ଗିର ଓ ଝାରସୁଗୁଡ଼ା ଟିମ୍ ଏହି ଚଢ଼ଉରେ ସାମିଲ୍ ହୋଇଛନ୍ତି । ବିଭାଗୀୟ ଅଧିକାରୀ ମାନେ ଯନ୍ତ୍ରୀ ଉପେନ୍ଦ୍ରଙ୍କ ଘୋଷାସ୍ଥିତ ବାସଭବନ, କୁଚିଣ୍ଡା ସ୍ଥିତ ବାସଭବନ ଓ ଶ୍ୱଶୁର ଘରେ ଏକ ସଙ୍ଗେ ଚଢ଼ଉ କରି କାଗଜପତ୍ର ଯାଂଚ୍ କରୁଛନ୍ତି । ଏହା ବ୍ୟତୀତ ଅନ୍ୟ ଏକ ଟିମ୍ ଏନଏସି କାର୍ଯ୍ୟାଳୟରେ ପହଂଚି ଛାନଭିନ୍ ଜାରୀ ରଖିଛନ୍ତି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ।

ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀଙ୍କ ଦିନିକିଆ ମୟୂରଭଞ୍ଜ ଗସ୍ତ

ବାରିପଦା, ୨୦।୧୨(ପି.ଏନ): ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ଆଜି ତାଙ୍କର ଦିନିକିଆ ମୟୂରଭଞ୍ଜ ଗସ୍ତ ଶେଷ କରି ଭୁବନେଶ୍ୱର ପ୍ରତ୍ୟାବର୍ତନ କରିଛନ୍ତି । ଏହି ଗସ୍ତ ସମୟରେ ସେ ଜିଲ୍ଲାର ବିଭିନ୍ନ ସ୍ଥାନ ବୁଲି ଦେଖିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇ-ଫେସିଲେସନ ସେଣ୍ଟରରେ ଜିଲ୍ଲାସ୍ତରୀୟ ପଦାଧିକାରୀମାନଙ୍କୁ ନେଇ ଏକ ବୈଠକରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ସମୀକ୍ଷା କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ତାଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେବା ଅବସରରେ ଜିଲ୍ଲାରେ କୃଷି, ଉଦ୍ୟାନକୃଷି, ସେରିକାଲଚାର, ଗମନାଗମନ, ସ୍ୱାସ୍ଥ୍ୟସେବା ଆଦି ଉପରେ ଗୁରୁତ୍ୱ ଦେଇଥିବାର ପ୍ରକାଶ କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀତ୍ରିପାଠୀ ଆଜି ପୂର୍ବାହ୍ନରେ ପାଂଚପୀଢ଼ ଉପଖଣ୍ଡର ସଦର ମହକୁମା କରଞ୍ଜିଆ ଦେଇ ମୟୂରଭଞ୍ଜ ଜିଲ୍ଲାରେ ପହଂଚି ଯଶୀପୁର ମେଡ଼ିକାଲ ପରିଦର୍ଶନରେ ଯାଇ ରୋଗୀମାନଙ୍କ ସହ ସିଧାସଳଖ କଥା ହୋଇ ସେମାନଙ୍କ ସୁବିଧା ଅସୁବିଧା, ନିରାମୟରେ ଔଷଧପତ୍ର ମିଳୁଛି କିନାହିଁ, ଡ଼ାକ୍ତରମାନେ ଠିକ ସମୟରେ ରୋଗୀସେବା ଯୋଗାଉଛନ୍ତି କି ନାହିଁ, ଡ଼ାକ୍ତରମାନେ ରୋଗୀମାନଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରୁଛନ୍ତି କି ନାହିଁ ଆଦି ବିଭିନ୍ନ ବିଷୟ ପଚାରି ବୁଝିଥିଲେ । ସେହିପରି ମେଡ଼ିକାଲରେ କେଉଁ କେଉଁ ଔଷଧ ଉପଲବ୍ଧ ରହିଛି ସେ ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ । ଯଶୀପୁର ମେଡ଼ିକାଲକୁ ଆଧୁନିକିକରଣ କରାଇବା ନିମନ୍ତେ ସରକାର ଦେଢ଼ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ କିପରି ଚାଲିଛି ସ୍ୱାସ୍ଥ୍ୟ ସେବା ବୋଲି ଦେଖିବା ସଂଗେସଂଗେ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଏଥିସହିତ ମହାର୍ଦ୍ଦାପଲସା ଠାରେ ଓଏମଡ଼ିସି ଖର୍ଚ୍ଚରେ ନିର୍ମିତ ରାସ୍ତା ମଧ୍ୟ ବୁଲି ଦେଖିବା ପରେ କୁଳିଅଣା ବ୍ଲକର ଏନଏଚ ୧୮ରୁ ଜିଆଣି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ପରିଦର୍ଶନ କରି ଜିଲ୍ଲାର ସଦର ମହକୁମା ବାରିପଦାରେ ପହଂଚିଥିଲେ । ଏହାପରେ ଦେବେନ୍ଦ୍ରପୁରସ୍ଥିତ ଆଦୃତା(ଘରୋଇ) ଶିଶୁ କେୟାର ସେଣ୍ଟରରେ ପହଂଚି ସେଠାରେ ରହିଥିବା ୨୧ ଅରଫାନ ଶିଶୁମାନଙ୍କର କିପରି ଯତ୍ନ ନିଆଯାଉଛି, କଣ କଣ ଖାଇବାକୁ ଦିଆଯାଉଛି ସେ ସମ୍ପର୍କରେ ପିଲାମାନଙ୍କ ନିକଟରୁ ଅବଗତ ହୋଇଥିଲେ । ଏଥିସହିତ ଜିଲ୍ଲାରେ ଥିବା ଏହିପରି ୧୧ଟି ଅନୁଷ୍ଠାନକୁ ଜିଲ୍ଲାପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଓ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ ଏବଂ ଆଦୃତାକୁ ସରକାରୀ ଜମି ଯୋଗାଇ ଦିଆଯିବ ବୋଲି ମଧ୍ୟ ଘୋଷଣା କରିଥିଲେ । ଏହାପରେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡ଼ିକାଲ କଲେଜ ଓ ଚିକିତ୍ସାଳୟ ପରିଦର୍ଶନରେ ଯାଇ ସିଧାସଳଖ ରୋଗୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ପ୍ରତି ଡ଼ାକ୍ତରମାନଙ୍କ ବ୍ୟବହାର, ଡ଼ାକ୍ତରମାନେ ନିରାମୟରୁ ମିଳୁଥିବା ଔଷଧ ଲେଖୁଛନ୍ତି ନା ବାହାରର ଔଷଧ ଲେଖୁଛନ୍ତି, ରୋଗୀମାନଙ୍କୁ ମିଳୁଥିବା ଖାଦ୍ୟ ଆଦି ସମ୍ପର୍କରେ ପଚାରି ବୁଝିବା ପରେ ମେଡ଼ିକାଲ କଲେଜ କର୍ତ୍ତୃପକ୍ଷଙ୍କ ସହ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରି ବୁଝିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇ-ଫେସିଲେସନ ସେଣ୍ଟରରେ ଜିଲ୍ଲାପାଳ, ଏସପି ଓ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିବାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ତାଙ୍କର ଗସ୍ତ ସମ୍ପର୍କରେ ସୂଚନା ଦେବା ଅବସରରେ ଓଡ଼ିଶା ସରକାରଙ୍କ ଟ୍ରାନ୍ସପାରମେଟିକ୍ ଏଜେଣ୍ଡା ବିଷୟ ଉତଥାପନ କରିଥିଲେ । ଓଡ଼ିଶା ସରକାର ରିହେବିଟେସନ, ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହାର ସଠିକ୍ ମୁକାବିଲା ଆଦି ବିଭିନ୍ନ କ୍ଷେତ୍ରରେ ସମଗ୍ର ଭାରତ ଓ ପୃଥିବୀରେ ପ୍ରଶଂସିତ ହୋଇ ପାରିଛି । ଏଥିସହିତ ଭାରତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍କିମରେ ଓଡ଼ିଶା ଟପ୍ ୫ ମଧ୍ୟରେ ରହିବା ପାଇଁ ଚାହୁଁଛି । ସେଥି ନିମନ୍ତେ ୫-ଟି କାର୍ଯ୍ୟକ୍ରମ ହାତକୁ ନେଇଛି । ବିଶେଷ କରି ଅଧୁନିକ ଜ୍ଞାନ କୌଶଳ ଓ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର ଉପରେ ଗୁରୁତ୍ୱାରୋପ କରୁଛି । ନିକଟରେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ୫-ଟିକୁ ପ୍ରଶଂସା କରିଥିଲେ । ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ସମଗ୍ର ଭାରତରେ ଅଗ୍ରଣୀ ଭୂମିକା ଲିଭାଇ ଆସିଛି । ମୟୂରଭଞ୍ଜ ଜିଲ୍ଲାର ଅର୍ଥନୀତି କୃଷି ଉପରେ ନିର୍ଭର କରୁଥିବାରୁ କୃଷି ସହିତ ଉଦ୍ୟାନକୃଷି, ପଶୁପାଳନ, ସେରିକାଲଚର ଆଦି ଉପରେ ଗୁରୁତ୍ୱ ଦେଇଥିଲେ । ସେହିପରି ସରକାର ମାଇନିଂରୁ ୨ହଜାର କୋଟି ଟଙ୍କା ମୟୂରଭଞ୍ଜ ଜିଲ୍ଲାର ସାମଗ୍ରୀକ ବିକାଶ ନିମନ୍ତେ ମଞ୍ଜୁରୀ କରିଛନ୍ତି । ଏଥିରେ ପାନୀୟ ଜଳ ଯୋଗାଣ, ଗମନାଗମନ, ଜୀବନଜୀବିକା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ବିନିଯୋଗ କରାଯିବ । କେବଳ ସ୍ୱାସ୍ଥ୍ୟ ବିଭାଗକୁ ୨୫୦ କୋଟି ଦିଆଯାଇଛି । ଜିଲ୍ଲାପାଳ ମୁଖ୍ୟ ଭୂମିକା ଲିଭାଇବେ । ବିଭିନ୍ନ ଲାଇନ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ । ଜିଲ୍ଲାରେ ରାଜପଥ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଭୁବନେଶ୍ୱରରେ ରାଜପଥ ଅଥରେଟି ସହିତ ଖୁବ ଶୀଘ୍ର ବୈଠକ ଡ଼କାଇ ଆଲୋଚନା କରିବେ ଏବଂ ବନ୍ୟପ୍ରାଣୀ ବିଭାଗର ପ୍ରଶାସନିକ ପଦାଧିକାରୀଙ୍କୁ ନେଇ ମଧ୍ୟ ଆଲୋଚନାରେ ବସିବେ ।

ପେଟ୍ରୋଲ୍ ପମ୍ପରୁ ୫୦ ହଜାର ଲୁଟ୍

କେନ୍ଦ୍ରାପଡ଼ା, ୨୦।୧୨(ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ୫ ନଂ (କ) ଜାତୀୟ ରାଜପଥର ହଜାରୀ ଛକ ନିକଟରେ ଥିବା ଏକ ପେଟ୍ରୋଲ୍ ପମ୍ପରୁ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ବନ୍ଧୁକ ମୁନରେ ୫୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି । ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଦୁଇଟି ବାଇକ୍ ରେ ୪ ଜଣ ଦୁର୍ବୃତ୍ତ ଆସି ପ୍ରଥମେ ଏହି ପେଟ୍ରୋଲ୍ ପମ୍ପ ନିକଟରେ ପହଂଚି ଥିଲେ । ସେଠାରେ ତେଲ ପକାଇବାକୁ କହିବାରୁ କର୍ମଚାରୀ ମାନେ ମନା କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଦୁର୍ବୃତ୍ତ ମାନେ ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀଙ୍କୁ ବନ୍ଧୁକ ଦେଖାଇ ଭୟଭିତ କରିଥିଲେ । ସେଠାରୁ କ୍ୟାସ୍ କାଉଂଟରକୁ ଯାଇ କର୍ମଚାରୀଙ୍କୁ ମାଡ଼ପିଟ୍ କରିବା ସହ ଆସବାବପତ୍ର ଫିଙ୍ଗାଫୋପଡ଼ା କରିଥିଲେ । ଏହାପରେ ବନ୍ଧୁକ ଦେଖାଇ କାଉଂଟରରୁ ୫୦ ହଜାର ଟଙ୍କା ଲୁଟିନେଇ ଆଖି ପିଛୁଳାକେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ପେଟ୍ରୋଲ୍ ପମ୍ପର ମାଲିକଙ୍କ ଲିଖିତ ଅଭିଯୋଗକୁ ଭିତି କରି ମାର୍ଶାଘାଇ ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି । ଘଟଣାସ୍ଥଳ ଅନୁଧାନ କରିବା ସହ ପେଟ୍ରୋଲ୍ ପମ୍ପ କର୍ମଚାରୀଙ୍କୁ ପଚରା ଉଚୁରା କରିଛି । ସେମାନଙ୍କ ଠାରୁ ମିଳିଥିବା ତଥ୍ୟ, ସିସିଟିଭି ଫୁଟେଜ୍ କୁ ଆଧାର କରି ପୋଲିସ ତଦନ୍ତ ପ୍ରକ୍ରିୟାକୁ ଆଗକୁ ବଢ଼ାଇଛି । ତେବେ ଅଦ୍ୟାବଧି ଲୁଟେରାଙ୍କ ନିକଟରେ ପହଂଚି ପାରିନି ପୋଲିସ ।

ଟି ଟାଇମ୍

ବର ମାରେ ୩ଥର ଶର

ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା

ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

ପୁରାଣ କାହାଣୀ

ମା’କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ–ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ ‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

ଆଜିର ଭାଗ୍ୟ

ମେଷ କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ପର୍ଯ୍ୟବେକ୍ଷକ
ମହାନଗର

ଚାପରେ ବିଦ୍ୟାର୍ଥୀ ଓ ଆତ୍ମହତ୍ୟା

ଭୁବନେଶ୍ୱର (ପିଏନ୍): ଭାରତୀୟ ଛାତ୍ରଛାତ୍ରୀମାନେ ଆଜିକା ସମୟରେ ନିଜର ସଫଳତାର ମାତ୍ରାକୁ ପୂରଣ କରିବା ପାଇଁ ସ୍ୱାଭାବିକ ଭାବେ ଚାପଗ୍ରସ୍ତ ହେଉଛନ୍ତି। ସେଥିରେ ଆଉ ଗୋଟିଏ ବଡ଼ କଥା ହେଲା ଯେ ପ୍ରାୟତଃ ଅଭିଭାବକମାନେ ନିଜ ପିଲାର ସଫଳତାକୁ ଏକ ପ୍ରକାର ଯେଉଁ ଆଶା ରଖିଥାନ୍ତି ଏହାକୁ ପାଳନ କରିବା ପାଇଁ ପିଲାଟି ନାନା ଚାପର ସମ୍ମୁଖୀନ ହେଉଛି। ବର୍ତ୍ତମାନର ସମୟରେ ଆମ ଦେଶରେ ଉଚ୍ଚକୋଟୀର ଶିକ୍ଷାନୁଷ୍ଠାନରେ ପଢ଼ିବା ଲାଗି ଭାରତୀୟ ଛାତ୍ରଛାତ୍ରୀମାନେ ସବୁଠାରୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷାରେ ଅବତୀର୍ଣ୍ଣ ହୁଅନ୍ତି। ଏବଂ ଅନେକ ହୁଏତ ଜାଣିନଥିବେ ଯେ ସେହି ସର୍ବମୋଟ ପରୀକ୍ଷାର୍ଥୀମାନଙ୍କ ଭିତରୁ ମାତ୍ର ଏକ ପ୍ରତିଶତ ହିଁ ନିଜ ମନ ମୁତାବକ ଶିକ୍ଷାନୁଷ୍ଠାନରେ ସ୍ଥାନ ପାଇବାରେ ସଫଳ ହୁଅନ୍ତି। ନିକଟରେ ବେଙ୍ଗୁଲୁରସ୍ଥିତ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ମେଣ୍ଟାଲ ହେଲ୍‌ଥ ଏଣ୍ଡ ନ୍ୟୁରୋ ସାଇସେନ୍‌ସେସ୍ ବା ନିମହାନ୍‌ସ'ର ସଦ୍ୟତମ ତଥ୍ୟରୁ ଜଣାଯାଇଛି ଯେ ପୃଥିବୀରେ ପ୍ରତିବର୍ଷ ୮ଲକ୍ଷ ଲୋକ ଆତ୍ମହତ୍ୟା କରୁଥିବା ବେଳେ, ଆତ୍ମହତ୍ୟା କରୁଥିବା ଭାରତୀୟଙ୍କ ସଂଖ୍ୟା ୧.୩୫ ଲକ୍ଷ। ତେଣୁ ଭାରତ ପୃଥିବୀର ଅନ୍ୟତମ ସର୍ବାଧିକ ଆତ୍ମହତ୍ୟା ପ୍ରବଣ ଦେଶ ମାନଙ୍କ ଭିତରୁ ଗୋଟିଏ। ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ଯେ ଆତ୍ମହତ୍ୟା କରୁଥିବା ଭାରତୀୟ ମାନଙ୍କ ଭିତରେ ୧୫-୩୦ ବର୍ଷ ବୟସ ପର୍ଯ୍ୟାୟର ଯୁବକ ଯୁବତୀଙ୍କ ସଂଖ୍ୟା ସର୍ବାଧିକ। ଆଜିକାଲି କେବଳ ପାଠପଢ଼ା ବ୍ୟବସ୍ଥା ନୁହେଁ ଚାକିରି ଖୋଜିବାର ହତାଶାବୋଧ, ପ୍ରେମପ୍ରତାରଣା, ନିର୍ବାଚନ ହେଉ ବା ଲଟେରୀ ଏହାର ପରାଜୟ ଠାରୁ ଆହୁରି ଅନେକ କାରଣ। କମ୍ ବୟସରୁ ହିଁ ମାନସିକ ଚାପ କିଶୋର ମାନଙ୍କୁ ଅସ୍ତବ୍ୟସ୍ତ କରୁଛି। ଏହି ଚାପରେ ଦଳିମକ୍‌ଚି ହୋଇଯାଉଛି କିଶୋର ଜୀବନର ଛୋଟ ଛୋଟ ସ୍ୱପ୍ନ। ଭାରତର ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୁବପୀଢ଼ି ହେଉଛନ୍ତି ଆଗାମୀ କାଲିର ସ୍ୱପ୍ନ। ଭାରତର ଭବିଷ୍ୟତ ମଧ୍ୟ ନିଶ୍ଚିତ ଭାବରେ ଉଜ୍ଜଳ କିନ୍ତୁ ଦୁଃଖଦ ସ୍ଥିତି ହେଉଛି ଏହା ଯେ ଭାରତର ଅଧିକାଂଶ ଯୁବବର୍ଗ ବିଭିନ୍ନ କାରଣରୁ ନୈରାଶକୁ ଶୀକାର ହୋଇ ଜୀବନକୁ ହାରୁଛନ୍ତି। କହିବାକୁଗଲେ ଭାରତ ହେଉଛି କିଶୋର ଆତ୍ମହତ୍ୟାର ପୃଥିବୀର ରାଜଧାନୀ। ପ୍ରାୟତଃ କସ୍ମୋପର୍ଲିଟାନ ସହରରେ ଏହି ଘଟଣା ଅଧିକା ଦେଖିବାକୁ ମିଳୁଛି। ସେହିପରି ବ୍ରିଟିଶ ମେଡ଼ିକାଲ ଜର୍ଣ୍ଣାଲ ଲାନେକ୍‌ଟ୍‌ର ପ୍ରକାଶିତ ତଥ୍ୟ ଅନୁଯାୟୀ ଭାରତର ଇନ୍‌ଫରମେସନ ଟେକ୍ନୋଲୋଜି ହବ୍ ଭାବେ ପରିଚିତ ଭାରତର ଦକ୍ଷିଣ ଭାରତର ଅଧିକାଂଶ ସହରରେ ସର୍ବାଧିକ ଆତ୍ମହତ୍ୟା ଯୁବଗୋଷ୍ଠୀଙ୍କ ଭିତରେ ଦେଖାଯାଇଥାଏ। ଭାରତରେ ଆତ୍ମହତ୍ୟାର ପରିସଂଖ୍ୟାନ ହେଉଛି ଏହା ପୁରୁଷଙ୍କ ଆତ୍ମହତ୍ୟା ହାର ନାରୀଙ୍କ ଠାରୁ ପ୍ରାୟ ୪ଗୁଣ ଅଧିକ। କିନ୍ତୁ ଯେବେ କିଶୋରୀ କିଶୋର ବା ଯୁବତୀ ଯୁବକଙ୍କ ଆତ୍ମହତ୍ୟା ପ୍ରସଙ୍ଗ ଆସେ ଏହି ହାର ସମ୍ପୂର୍ଣ୍ଣ ଓଲଟା ପରିଲକ୍ଷିତ ହୋଇଥାଏ। ଏଥିଲାଗି ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ଅନେକ ପରିମାଣରେ ଦାୟୀ ବୋଲି ମତ ପ୍ରକାଶ ପାଉଛି। ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ଅତ୍ୟଧିକ ଚାକିରିକୈନ୍ଦ୍ରିକ ହୋଇପଡ଼ିଥିବାରୁ ଉଚ୍ଚଶିକ୍ଷିତ ଛାତ୍ରଛାତ୍ରୀମାନେ ଆତ୍ମନିଯୁକ୍ତ ହେବା ପ୍ରତି ଆଗ୍ରହ ପ୍ରଦର୍ଶନ ନକରି କେବଳ ଚାକିରି ପଛରେ ଗୋଡାଉଛନ୍ତି ଏବଂ ଆମ ଦେଶରେ ବାରମ୍ବାର ଦେଖାଯାଉଥିବା ନିଯୁକ୍ତି ସଂକୋଚନ ହେତୁ ଚାକିରି ନପାଇ ସେମାନଙ୍କ ଭିତରୁ ଅନେକ ହତାଶା ଜର୍ଜରିତ ହୋଇ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛନ୍ତି। ଏହା ମଧ୍ୟ ଦେଖାଯାଉଛି ଯେ ବହୁ ଶିକ୍ଷିତ ବେକାର ଯୁବକଯୁବତୀ ଆତ୍ମହତ୍ୟା ନ କଲେ ବି ବିପଥଗାମୀ ହୋଇ ନିଜ ଜୀବନକୁ ନଷ୍ଟ କରିବା ସହିତ ଦେଶ ଓ ସମାଜ ଲାଗି ବୋଝ ହୋଇପଡୁଛନ୍ତି। ଏଇ ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଏକ ମୌଳିକ ସଂସ୍କାର ଅଣାଯିବା ଆବଶ୍ୟକ। ଆମ ଉଚ୍ଚଶିକ୍ଷା ବ୍ୟବସ୍ଥା କେବଳ ଚାକିରି କୈନ୍ଦ୍ରିକ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ସାମର୍ଥ୍ୟ ବୃଦ୍ଧି କୈନ୍ଦ୍ରିକ ହେବା ଉଚିତ। କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗ ଏ ଦିଗରେ ଯେତେ ଶୀଘ୍ର ପଦକ୍ଷେପ ନେବେ ସେତେ ଭଲ। କିଶୋର ମାନଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାର ବିଭିନ୍ନ କାରଣ ରହିଛି। ପ୍ରଥମତଃ ହେଉଛି ସେମାନଙ୍କ ଭିତରେ ମାନସିକ ଚାପ ବଢୁଛି। ସଂପ୍ରତି ଦେଖାଯାଉଛି କେବଳ ଶିକ୍ଷକ ଶିକ୍ଷୟିତ୍ରୀ ନୁହେଁ ଅଭିଭାବକମାନେ ପିଲାର ବୌଦ୍ଧିକ ସାମର୍ଥ୍ୟ ଠାରୁ ଅଧିକ ପାଇବାର ଆଶା ରଖି ତା ଉପରେ ଏକ ପ୍ରକାର ମାନସିକ ଚାପ ସୃଷ୍ଟି କରୁଛନ୍ତି। ତେବେ ଯେଉଁମାନେ ଏଥିରେ ବିଫଳ ହୁଅନ୍ତି ସେମାନେ ନିଜକୁ ଅପାରଗ ଓ ଅନ୍ୟମାନଙ୍କଠାରୁ ହୀନମନ୍ୟ ଭାବି ଆତ୍ମହତ୍ୟା ପାଇଁ ଦୁଃଖଦ ରାସ୍ତାକୁ ବାଛି ନେଇଥାନ୍ତି। ସେହିପରି କେତେକ କ୍ଷେତ୍ରରେ ମନ ପସନ୍ଦର ପାଠପଢ଼ା ବା କ୍ୟାରିୟର ଗଠନର ସ୍ୱାଧୀନତା ନପାଇବାରୁ ପିଲାମାନେ ମୃତ୍ୟୁପରି ଭୟଙ୍କର ନିଷ୍ପତ୍ତି ନେଇଥାନ୍ତି। ସେହିପରି ଅନ୍ୟତମ ବଡ଼ କାରଣ ହେଉଛି ପାରିବାରିକ ସମସ୍ୟା। ବର୍ତ୍ତମାନ ଅଧିକାଂଶ ପରିବାରରେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ବିଭିନ୍ନ କାରଣରୁ ଘରେ ମାନସିକ ଅଶାନ୍ତି ଓ ଝଗଡ଼ା ଲାଗି ରହୁଥିବାରୁ ପିଲାମାନେ ଏକ୍ଷେତ୍ରରେ ବାପମାଙ୍କ ଠାରୁ ସ୍ନେହଶ୍ରଦ୍ଧା କମ୍ ପାଇ ମାନସିକ ଭାବରେ ଏକୁଟିଆ ଅନୁଭବ କରି ଦୀର୍ଘ ସମୟ ଧରି ଚୁପ୍‌ଚାପ ବସି ରହନ୍ତି। ସେହିପରି ସାଧାରଣ ଜୀବନରେ ହଠାତ୍ କିଛି ପରିବର୍ତ୍ତନ ଆସିବା ଆତ୍ମହତ୍ୟା ମନୋବୃତ୍ତି ସୃଷ୍ଟିର ଆଶଙ୍କାକୁ ବଢ଼ାଇଥାଏ। ସେହିପରି କେହି କେହି ଆତ୍ମହତ୍ୟା କରିବି ବୋଲି ଖୋଲାଖୋଲି ଭାବେ ମଧ୍ୟ କହିଥାନ୍ତି। ତେବେ ଏ କ୍ଷେତ୍ରରେ ପରିବାର ବର୍ଗ ଓ ବନ୍ଧୁପରିଜନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ପିଲାଟିକୁ ମାନସିକ ଭାବରେ ଓ ନୈତିକ ସ୍ତରରେ ଧୈର୍ଯ୍ୟ, ସାହସ ଓ ଦୃଢ଼ ମନୋବଳର ପ୍ରେରଣା ଦିଅନ୍ତୁ। କୌଣସି ପରିସ୍ଥିତିରେ ତାକୁ ନିଃସଙ୍ଗତାର ଅନୁଭବ କରିବାକୁ ଦିଅନ୍ତୁ ନାହିଁ। ବରଂ ଭଲ ହେବ ପିଲାଟିକୁ କୌଣସି ପ୍ରକାର ଆଧ୍ୟାତ୍ମିକ ରାସ୍ତାର ବାଟ ଦେଖାଇବା। ନିଜର ବ୍ୟସ୍ତବହୁଳ ସମୟରୁ କିଛି କାଢ଼ି ପିଲାଟି ସହିତ ମନଖୋଲା କଥା ହୁଅନ୍ତୁ। କୌଣସି ଦର୍ଶନୀୟ ସ୍ଥାନ, ପ୍ରାକୃତିକ ପରିବେଶ ବା ପିଲାଟିର ସ୍ମୃତି ରହିଥିବା ଜାଗାକୁ ତାକୁ ବୁଲାଇ ନିଅନ୍ତୁ। ମଠ, ମନ୍ଦିର ଯିବାକୁ ଇଚ୍ଛା କରୁଥିଲେ ତ ଖୁବ୍ ଭଲ। ତେବେ ଏ ସବୁ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ। କାହା କଥାରେ ଶୁଣି କୌଣସି ଇଆଡୁ ସିଆଡୁ ନିଦ ବଟିକା ପିଲାଟିକୁ ଦିଅନ୍ତୁ ନାହିଁ ବା ଡାକ୍ତରୀ ଚିକିତ୍ସା ନକରି ଗୁଣୀଗାରେଡ଼ି ଝଡ଼ାଫୁଙ୍କା ଚିକିତ୍ସାକୁ ବିଶ୍ୱାସ କରନ୍ତୁ ନାହିଁ। ଧୈର୍ଯ୍ୟହରା ନ ହୋଇ ନିୟମିତ ଡାକ୍ତରୀ ପରାମର୍ଶ ନେଇ ପିଲାମାନଙ୍କୁ ଭଲ ରାସ୍ତା ଦେଖାଇଲେ ଦେଖିବେ ଏହି ସୁଇସାଇଡ଼୍‌ର ମାତ୍ରା ନିଶ୍ଚିତ ଭାବରେ କମିଯିବ।

(ସୌଜନ୍ୟ: ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼୍, କଟକ, ଦୂରଭାଷ: ୯୧୩୨୪୩୩୩୩୩)

ଡଃ ଭୀମରାଓ ଆମ୍ବେଦକର-ଜଣେ ପ୍ରଗତିଶୀଳ ଅର୍ଥନୀତିଜ୍ଞ

ଅବହେଳିତ, ଲାଞ୍ଛିତ ଓ ଶୋଷିତ କୋଟି କୋଟି ଗରିବ ଜନତା, ମହିଳା ଓ ଶିଶୁ, ଦଳିତ, ଆଦିବାସୀ, ଅନଗ୍ରସର ବର୍ଗ ଓ ସଂଖ୍ୟାଲଘୁମାନଙ୍କର ତ୍ରାଣକର୍ତ୍ତା- ସେ ଜଣେ ମହାନ୍ ଦେଶପ୍ରେମୀ, ପରାକ୍ରମୀ ବିପ୍ଳବୀ,ଅଦ୍ୱିତୀୟ ସମାଜ ସଂସ୍କାରକ, ବିଚକ୍ଷଣ ରାଜନୀତିଜ୍ଞ, ଦୃଢ଼ମନା, ବିଜ୍ଞ ପ୍ରଶାସକ, ଦେଶର ଆର୍ଥିକ ଓ ସାମାଜିକ ସ୍ୱାଧୀନତାର ପଥପ୍ରଦର୍ଶକ, ସର୍ବଶ୍ରେଷ୍ଠ ସମ୍ବିଧାନବିତ୍, ମହାଜ୍ଞାନୀ ବାରିଷ୍ଟର ଓ ପ୍ରତିଭାବାନ୍ କର୍ମଯୋଗୀ। ଏ ହେଉଛନ୍ତି ଭାରତ ରତ୍ନ ବାବା ସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକର। ଏକଥା ସମସ୍ତେ ଜାଣନ୍ତି, ମାତ୍ର ସେ ଜଣେ ପ୍ରଗତିଶୀଳ ଅର୍ଥନୈତିଜ୍ଞ ବୋଲି ବହୁ ଭାରତୀୟ ଜାଣନ୍ତି ନାହିଁ। ନିକଟରେ ଏ କଥାର ଖୋଲାସା କରିଛନ୍ତି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୧୮୯୧ ମସିହା ଏପ୍ରିଲ୍ ମାସ ୧୪ ତାରିଖ ମହାରାଷ୍ଟ୍ର ରତ୍ନଗିରି ଜିଲ୍ଲାର ମହୁ ନାମକ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ରାମଜୀ ସକ୍‌ପାଲ୍ ଓ ମାଆଙ୍କ ନାମ ଭୀମାବାଈ। ୧୯୦୭ ମସିହାରେ ସେ ମାଟ୍ରିକ୍ ପାଶ୍ କଲେ। ୧୯୧୨ ମସିହାରେ ସେ ବି.ଏ. ପାଶ୍ କଲେ। ବରୋଦାର ମହାରାଜ ଗାଏକଓ୍ୱାଡ୍‌ଙ୍କ ସାହାଯ୍ୟ ପାଇ ୧୯୧୩ ମସିହାରେ ନ୍ୟୁୟର୍କର କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପାଠ ପଢିଲେ। ୧୯୧୫ ମସିହାରେ ସେ ଏମ.ଏ. ପାଶ୍ କଲେ। ଏହାପରେ ଡକ୍ଟର ଅଫ୍ ଫିଲୋସଫି ଡିଗ୍ରୀ ପାଇଲେ। ଆମେରିକାରେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଡିଗ୍ରୀ ପାଇଁ ଅଧ୍ୟୟନ କରୁଥିବାବେଳେ ତାଙ୍କର ଗବେଷଣା ବିଷୟ ଥିଲା "ପୁରାତନ ଭାରତୀୟ ବାଣିଜ୍ୟ"। ଲଣ୍ଡନ ସ୍କୁଲ୍ ଅଫ୍ ଇକୋନୋମିକ୍ସରେ ସ୍ନାତକୋତ୍ତର ଡିଗ୍ରୀ ପାଇଁ ତାଙ୍କର ଗବେଷଣା ବିଷୟ ଥିଲା, ବ୍ରିଟିଶ୍ ଇଣ୍ଡିଆରେ ପ୍ରାଦେଶିକ ଅର୍ଥନୀତିର ଅଭ୍ୟୁଦୟ। ତାଙ୍କର ଡକ୍ଟର ଇନ୍ ସାଇନ୍ସରେ ବିଷୟ ଥିଲା, "ଟଙ୍କାର ସମସ୍ୟା"। ଏହିସବୁ ଅର୍ଥନୀତି ଉପରେ ଅଧ୍ୟୟନ ୧୯୩୦ ମସିହାରେ ତାଙ୍କ ଗବେଷଣାମୂଳକ ସନ୍ଦର୍ଭ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା, ଟାଇମ୍ସ (ଲଣ୍ଡନ) ଇକୋନୋମିଷ୍ଟ ଓ ଫାଇନାନ୍‌ସିୟର ଭଳି ନାମକରା ପତ୍ରିକାରେ ସମୀକ୍ଷା କରାଯାଇ ଉଚ୍ଚ ପ୍ରଶଂସା କରାଯାଇଥିଲା। ନୋବେଲ୍ ପୁରସ୍କାର ପ୍ରାପ୍ତ ଅର୍ଥନୀତିଜ୍ଞ ଡକ୍ଟର ଅମର୍ତ୍ତ୍ୟସେନ୍ କହିଥିଲେ ଅର୍ଥନୀତିରେ ଆମ୍ବେଦକର ହେଉଛନ୍ତି, ମୋର ପିତୃତୁଲ୍ୟ ଓ ଦଳିତ ଶ୍ରେଣୀର ତ୍ରାଣକର୍ତ୍ତା। ଅର୍ଥନୀତି କ୍ଷେତ୍ରରେ ତାଙ୍କର ଅବଦାନ ଖୁବ୍ ଉଚ୍ଚକୋଟିର। ଆର୍ଥିକ ଅନୁଦାନ ଦେବା କ୍ଷେତ୍ରରେ କେନ୍ଦ୍ର ରାଜ୍ୟ ସମ୍ପର୍କ ସ୍ଥାନ ପାଇଛି। ତାଙ୍କର ସନ୍ଦର୍ଭ "ବ୍ରିଟିଶ୍ ଇଣ୍ଡିଆରେ ପ୍ରାଦେଶିକ ଅର୍ଥନୀତିର ଅଭ୍ୟୁତ୍‌ଥାନ ୧୮୩୩ ରୁ ୧୮୭୧ ପର୍ଯ୍ୟନ୍ତ ବ୍ରିଟିଶ୍ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ରାଜସ୍ୱନୀତି ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ ସରକାରଙ୍କର ଅର୍ଥନୈତିକ କ୍ଷମତା କେନ୍ଦ୍ରିକରଣ, ଅଧିକ ଟିକସ୍ ଅଦାୟ ଓ ଅଦରକାରୀ ବ୍ୟୟଭାର ଆର୍ଥିକ ବିଶୃଙ୍ଖଳାର କାରଣ ବୋଲି ସେ ଦର୍ଶାଇଥିଲେ। ୧୯୨୪ ମସିହା ମାର୍ଚ୍ଚ ୯ ତାରିଖରେ ସେ "ବହିଷ୍କୃତ ହିତ କାରିଣୀ ସଭା" ଗଠନ କଲେ। ବହିଷ୍କୃତ ହିତାକାରିଣୀ ସଭା ନିଶା ବିରୋଧି ଆନ୍ଦୋଳନର ମଧ୍ୟ ଆରମ୍ଭ କଲା। ନିଶାଗ୍ରସ୍ତତା ହିଁ ଦାସତ୍ୱର ମୂଳ କାରଣ। ଏହା ମନୁଷ୍ୟର ସୁସ୍ଥ ବିଚାର ଧାରକୁ ନଷ୍ଟ କରିଦିଏ। ତେଣୁ ସେ ସର୍ବତ୍ର କହୁଥିଲେ - ନିଶା ଛାଡ ଓ ଶିକ୍ଷିତ ହୁଅ। ୧୯୨୭ ମସିହାରେ "ବହିଷ୍କୃତ ଭାରତ" ନାମକ ଏକ ପତ୍ରିକା ପ୍ରକାଶ କଲେ। ଏହି ପତ୍ରିକାଟି ତଳ ଜାତିର ଲୋକମାନଙ୍କ ମଧ୍ୟରେ ନୂତନ ଜାଗରଣ ସୃଷ୍ଟି କଲା ଓ ତାଙ୍କ ଆନ୍ଦୋଳନକୁ ଇନ୍ଧନ ଯୋଗାଇଲା। ଏହି ପତ୍ରିକାରେ ସେ କଠୋର ଶବ୍ଦରେ ଲେଖିଲେ, "ଅଧିକାର ଭିକ୍ଷା ଦ୍ୱାରା ପ୍ରାପ୍ତ ନାହିଁ, ଏହାକୁ ବଳପୂର୍ବକ ହାସଲ କରିବାକୁ ହୁଏ। ଅପହୃତ କ୍ଷମତାକୁ ମାଗିଲେ ମିଳେନାହିଁ ବା ନିବେଦନ କଲେ ମିଳେନାହିଁ, ଅବିରତ ସଂଗ୍ରାମ ଫଳରେ ହିଁ ତାହା ମିଳେ।" ଦଳିତମାନଙ୍କୁ ସେ ଆହ୍ୱାନ ଦେଇ ଲେଖିଲେ, ନିଜେ ନିଜର ଦାସତ୍ୱ ବନ୍ଧନକୁ ଛିନ୍ନ କର। ଦଳିତ ମାନଙ୍କ ଜୀବନ ଦାସତ୍ୱର ଜୀବନଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ। ୧୯୧୯ ଆକ୍ଟ ସଂଶୋଧନ ପାଇଁ ବ୍ରିଟିଶ୍ ସରକାର ସାରଜନ୍ ସାଇମନ୍‌ଙ୍କ ନେତୃତ୍ୱରେ ଏକ କମିଶନ ୧୯୨୮ ମସିହାରେ ଭାରତକୁ ପଠାଇଲେ। ମୁସଲମାନଙ୍କ ଦାବି ବିଷୟରେ ଉଲ୍ଲେଖ ରହିଲା କାରଣ ସେମାନେ ଏକ ସ୍ୱାଧୀନରାଷ୍ଟ୍ର ଦାବି କରିବା ଆରମ୍ଭ କରିଦେଇଥିଲେ। କିନ୍ତୁ ହିନ୍ଦୁ ସମାଜରେ ପୋକ ମାଛି ପରି ଜୀବନ ବିତାଉଥିବା ଦଳିତମାନଙ୍କ ସମ୍ବନ୍ଧରେ ସମ୍ବିଧାନ ଚିଠାରେ କିଛି ଉଲ୍ଲେଖ ନଥିଲା। ଆମ୍ବେଦକର ବହିଷ୍କୃତ ହିତାକାରିଣୀ ସଭା ତରଫରୁ ଗୋଟିଏ ସ୍ମାରକପତ୍ର ସାଇମନ୍ କମିଶନଙ୍କୁ ଦେଲେ। ଫଳରେ ବିଭିନ୍ନ କ୍ଷେତ୍ରରେ ଦଳିତମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାର ଭିତ୍ତି ପ୍ରସ୍ତର ପଡ଼ିଲା। ପ୍ରଥମେ ଗୋଲ୍ ଟେବୁଲ୍ ବୈଠକରେ ମୁସଲମାନଙ୍କୁ ରାଜନୈତିକ ସ୍ୱୀକୃତି ମିଳିଛି। କଂଗ୍ରେସ ତଥା ଗାନ୍ଧିଜୀ ତାହାକୁ ସ୍ୱୀକୃତି ଦେଇଛନ୍ତି ଏହି ବୈଠକରେ ଦଳିତମାନଙ୍କୁ ମଧ୍ୟ ରାଜନୈତିକ ଅଧିକାର ମିଳିଛି କିନ୍ତୁ ଏହାକୁ ଗାନ୍ଧିଜୀ ବିରୋଧ କରୁଥିଲେ। ଆମ୍ବେଦକର କହୁଥିଲେ ଆତ୍ମସମ୍ମାନ ଓ ଅଧିକାର ପାଇଁ ଦଳିତମାନେ ଲଢୁଛନ୍ତି। ତେଣୁ ଆପଣ ଏହାକୁ ବିରୋଧ କରୁଛନ୍ତି କାହିଁକି? ଭାରତରେ ୨୦୦୦ରୁ ଅଧିକ ବର୍ଷ ଦଳିତମାନେ ଅବହେଳିତ ଓ ନିଷ୍କେସିତ ହୋଇ ରହିଅଛନ୍ତି। ଏମାନେ ମୁକ ବଧିର ଓ ଅନ୍ଧ ଅବସ୍ଥାରେ ଉଚ୍ଚଜାତିର ଲୋକମାନଙ୍କ ଦ୍ୱାରା କ୍ରୀତଦାସ ତୁଲ୍ୟ ଅଛନ୍ତି। ଉଚ୍ଚଜାତିର ଲୋକମାନେ ରାଜନୈତିକ ଦୃଷ୍ଟିରୁ ପରାଧିନ ଅଟନ୍ତି, ମାତ୍ର ଦଳିତମାନେ ଅର୍ଥନୈତିକ-ସାମାଜିକ ଓ ରାଜନୈତିକ ଦୃଷ୍ଟିରୁ ପରାଧିନ। ଆମ୍ବେଦକର ଦଳିତମାନଙ୍କ ପାଇଁ ପୃଥକ ନିର୍ବାଚନ ମଣ୍ଡଳୀ ଚାହୁଁଥିଲେ। କିନ୍ତୁ ମହାତ୍ମା ଗାନ୍ଧୀ ଦଳିତମାନଙ୍କ ପାଇଁ ପୃଥକ ନିର୍ବାଚନ ମଣ୍ଡଳୀ ଚାହୁଁ ନଥିଲେ। ଉଭୟଙ୍କ ମଧ୍ୟରେ ଘୋର ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା। ତେଣୁ ମହାତ୍ମା ଗାନ୍ଧୀ ଆମରଣ ଅନଶନ ଆରମ୍ଭ କଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେଲା। କିନ୍ତୁ ଆମ୍ବେଦକର ତାଙ୍କ ଜିଦ୍‌ରେ ଅଟଳ। ସେ ଘୋଷଣା କଲେ ଗୋଟିଏ ଜୀବନ ପାଇଁ ମୁଁ କୋଟି କୋଟି ଦଳିତଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପାରିବି ନାହିଁ। ସର୍ବଶେଷରେ ଗାନ୍ଧିଜୀ ଓ ଆମ୍ବେଦକରଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହେଲା। ଏହା ପୁନା ଚୁକ୍ତି ଭାବେ ପରିଚିତ। ଏହି ଚୁକ୍ତି ଅନୁଯାୟୀ ୭୧ ଆସନ ପରିବର୍ତ୍ତେ ୧୪୮ଟି ସଂରକ୍ଷିତ ସ୍ଥାନ ଦଳିତମାନେ ପାଇଲେ। ସେ ତଳ ଜାତିର ଲେକମାନଙ୍କୁ ସର୍ବଦା କହୁଥିଲେ "ଏଜୁକେଟ୍, ଏଜିଟେଟ୍, ଏଣ୍ଡ ଅର୍ଗାନାଇଜ୍" ଅର୍ଥାତ୍ ନିଜକୁ ଶିକ୍ଷିତ କରି ଆନ୍ଦୋଳନ କର ଏବଂ ସଂଗଠିତ ହୁଅ। ଆମର ଲଢେଇ ଧନ ଓ କ୍ଷମତା ପାଇଁ ନୁହେଁ -ଏ ଲଢେଇ ସାମାଜିକ ସ୍ୱାଧୀନତା ପାଇଁ। ସେ କହୁଥିଲେ ରାଜନୈତିକ କ୍ଷମତା ହେଉଛି ସମସ୍ତ ତାଲାର ଗୋଟିଏ ସାଧାରଣ ଚାବିକାଠି। ତେଣୁ ନୀଚ ଜାତିମାନେ ଏହି ଚାବିକାଠିକୁ ଅକ୍ତିଆର କରି ନିଜର ସାମାଜିକ ପରିବର୍ତ୍ତନ ଓ ଆର୍ଥିକ ଉନ୍ନତି କରିବା ଉଚିତ୍ ହେବ। ୧୯୪୭ ମସିହା ଏପ୍ରିଲମାସ ୨୯ ତାରିଖରେ ଅସ୍ପୃଶ୍ୟତା ନିବାରଣ ଆଇନ୍ ପାଶ୍ ହେଲା। ଏହି ଐତିହାସିକ ଘଟଣାକୁ ଭୂୟସୀ ପ୍ରଶଂସା କରି ସେ କହିଥିଲେ-କଂଗ୍ରେସ ଓ ମହାତ୍ମା ଗାନ୍ଧୀ ଯୋଗୁଁ ଏହା ସମ୍ଭବ ହେଲା। ଦେଶ ବିଦେଶର ପତ୍ରପତ୍ରିକାରେ ଯଥାର୍ଥରେ ଖବର ପାଇଥିଲା - ଯେ ଆମ୍ବେଦକରଙ୍କୁ ବାଦଦେଇ ଅସ୍ପୃଶ୍ୟତା ନିବାରଣକୁ ଚିନ୍ତା କରାଯାଇନପାରେ। ଯେପରିକି ପିତା ବିନା ପୁତ୍ରର ସୃଷ୍ଟି ଅସମ୍ଭବ - ୧୯୪୭ ମସିହା ଅଗଷ୍ଟ ମାସ ୨୯ ତାରିଖ ଦିନ ବ୍ୟବସ୍ଥାପକସଭା ସମ୍ବିଧାନିକ ଚିଠା କମିଟି ଗଠନ କଲା ଏବଂ ଡଃ ଆମ୍ବେଦକଙ୍କୁ ତାହାର ଚେୟାରମ୍ୟାନ୍ ରୂପେ ନିଯୁକ୍ତି କଲା। ଦିନରାତି, ଘଣ୍ଟା ପରେ ଘଣ୍ଟା ସେ ନିରବଚ୍ଛିନ୍ନ ପରିଶ୍ରମ କରି ୨ ବର୍ଷ ୧୧ ମାସ ୧୮ ଦିନ ରେ ସମ୍ବିଧାନ ଲେଖା ସମାପ୍ତ କଲେ ଏବଂ ଏହା ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ବ୍ୟବସ୍ଥାପକ ସଭା ଦ୍ୱାରା ପାଶ୍ ହେଲା ଓ ୧୯୫୦ମସିହା ଜାନୁଆରୀ ୨୬ ତାରିଖଠାରୁ କାର୍ଯ୍ୟକାରୀ ହେଲା। ୧୯୫୧ ମସିହା ସେପ୍ଟେମ୍ବର ମାସ ୧୭ତାରିଖରେ ସ୍ୱାଧୀନ ଭାରତର ପ୍ରଥମ ଆଇନ୍ ମନ୍ତ୍ରୀ ହିସାବରେ ପାଲିଆମେଣ୍ଟରେର "ହିନ୍ଦୁ କୋର୍ଡ ବିଲ୍" ଦାଖଲ କଲେ। କଂଗ୍ରେସର ବ୍ରାହ୍ମଣବାଦୀମାନଙ୍କ ବିରୋଧ ଦ୍ୱାରା ପାଶ୍ ହୋଇପାରିଲା ନାହିଁ, ତେଣୁ ସେ କ୍ୟାବିନେଟ୍‌ରୁ ଇସ୍ତଫା ଦେଲେ। ସେ ହିନ୍ଦୁ ଧର୍ମର କୁସଂସ୍କାର, ଜାତିବାଦ, ଜଟିଳତା ଓ ଅତ୍ୟାଚାରରେ ଅତିଷ୍ଟ ହୋଇ ୧୯୫୬ ମସିହା ଅକ୍ଟୋବର ମାସ ୧୪ ତାରିଖରେ ବୌଦ୍ଧଧର୍ମ ଗ୍ରହଣ କଲେ। ସେ ସର୍ବଦା କହି ଆସୁଥିଲେ ମୁଁ ହିନ୍ଦୁ ସମାଜରେ ଅସ୍ପୃଶ୍ୟ ହୋଇ ଜନ୍ମ ହୋଇଛି କିନ୍ତୁ ହିନ୍ଦୁ ହୋଇ ମରିବି ନାହିଁ। ୧୯୫୬ ମସିହା ଡିସେମ୍ବର ୫ ତାରିଖରେ ସେ ଗୁରୁତ୍ୱରର ଅସୁସ୍ଥ ହୋଇପଡିଲେ। ସେ ତାଙ୍କ ପ୍ରାଇଭେଟ୍ ସେକ୍ରେଟାରୀଙ୍କୁ ଡାକି କହିଥିଲେ, ତୁମେ ମୋ ଲୋକମାନଙ୍କୁ କହିବ, ମୁଁ ବିଶେଷ କିଛି ସେମାନଙ୍କ ପାଇଁ କରିପାରିନାହିଁ। ସେମାନଙ୍କୁ କହିବ ଏ ସମସ୍ତ ଅସଂପୂର୍ଣ୍ଣ କାର୍ଯ୍ୟକୁ ସେମାନେ ସମାପ୍ତ କରିବେ। ମୋ ଲୋକମାନେ ଏତିକି କରିପାରିଲେ ମୋ ଜୀବନ ବ୍ୟାପି ସଂଘର୍ଷ ଓ ଅକ୍ଳାନ୍ତ ପରିଶ୍ରମ ସାର୍ଥକ ହେବ। ତାଙ୍କ ମୃତ୍ୟୁପରେ କିଏ ତାଙ୍କୁ କାର୍ଲମାର୍କ୍ସଙ୍କ ସହିତ ତ କିଏ ତାଙ୍କୁ ଆବ୍ରାହିମ୍ ଲିଙ୍କନଙ୍କ ସହିତ ଏବଂ କିଏ ତାଙ୍କୁ ମାର୍ଟିନ୍‌ଲୁଥର କିଙ୍ଗ୍‌ଙ୍କ ସହିତ ତୁଳନା କଲେ। ଆମ୍ବେଦକର ଆଜି ଅମ ଗହଣରେ ନାହାନ୍ତି ସତ, କିନ୍ତୁ ସେ ବଞ୍ଚିଛନ୍ତି କୋଟି କୋଟି ଦଳିତ, ନିଷ୍କେଷିତ ଓ ଶୋଷିତ ନରନାରୀଙ୍କ ହୃଦୟରେ କ୍ରାନ୍ତିର ପ୍ରେରଣା ହୋଇ। ସେ ବଞ୍ଚିଛନ୍ତି ବିଶ୍ୱ ମାନବ ଜାତି ପାଇଁ ସମାନତାର ବର୍ତ୍ତୀ ହୋଇ । ଜୟଭୀମ - ଜୟ ଭାରତ

ଶ୍ୟାମସୁନ୍ଦର ମଲ୍ଲିକ, ଏନ୍-୫/୪୫୮, ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର

ସମ୍ବିଧାନ ବିରୋଧୀ ନାଗରିକତା ସଂଶୋଧନ ଆଇନ୍ ପ୍ରତ୍ୟାହାର ଦାବିରେ ବାମପନ୍ଥୀ ଦଳମାନଙ୍କର ଭୁବନେଶ୍ୱରରେ ଗଣଧାରଣା



ଭୁବନେଶ୍ୱର (ପିଏନ୍): ନାଗରିକତା ସଂଶୋଧନ ଆଇନ ପ୍ରତ୍ୟାହାର ଦାବି କରି ଦେଶବ୍ୟାପୀ ପ୍ରତିବାଦ କରିବା ପାଇଁ ବାମପନ୍ଥୀ ଦଳମାନେ ଆହ୍ୱାନ ଦେଇଥିଲେ। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ଏକ ଶୋଭାଯାତ୍ରା ବାହାରି ମହାତ୍ମା ଗାନ୍ଧୀମାର୍ଗଠାରେ ଗଣଧାରଣା ସଂଗଠିତ ହୋଇଯାଇଛି। ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍) ଲିବରେସନ ଏବଂ ଫରୱାର୍ଡ଼ ବ୍ଲକ ତରଫରୁ ଆୟୋଜିତ ଏହି ଧାରଣା କାର୍ଯ୍ୟକ୍ରମରେ ବାମପନ୍ଥୀ ଦଳମାନଙ୍କର ବହୁ ସଭ୍ୟ, ସମର୍ଥକଙ୍କ ସମେତ ଅନେକ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ସିପିଆଇ(ଏମ୍)ର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ କ୍ଷୀରୋଦ କୁମାର ସିଂହଦେଓ, ସିପିଆଇ(ଏମ୍‌ଏଲ୍) ଲିବରେସନ ରାଜ୍ୟନେତା ମହେନ୍ଦ୍ର ପରିଡ଼ା, ଫରୱାର୍ଡ଼ ବ୍ଲକର ଯୁବନେତା ନାରାୟଣ ଡ଼ାଲୁଆ ପ୍ରମୁଖଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ଗଣଧାରଣାକୁ ପରିଚାଳନା କରିଥିଲେ। ଏହି ଗଣଧାରଣାରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ଅଲିକିଶୋର ପଟ୍ଟନାୟକ, ସିପିଆଇ(ଏମ୍‌ଏଲ୍) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଫରୱାର୍ଡ଼ ବ୍ଲକର ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ସମେତ ପୂର୍ବତନ ସାଂସଦ ଶିବାଜୀ ପଟ୍ଟନାୟକ, ପ୍ରଫେସର ମନୋରଞ୍ଜନ ମହାନ୍ତି, ପ୍ରଫେସର ବିଜୟ କୁମାର ବହିଦାର, ବରିଷ୍ଠ ସାମ୍ବାଦିକ ରବି ଦାସ, ଲୋହିଆ ଏକାଡ଼େମୀର ସମ୍ପାଦକ ଦେବପ୍ରସାଦ ରାୟମହାପାତ୍ର, ନିଶାନ ପତ୍ରିକାର ସମ୍ପାଦକ ଲେଲିନ କୁମାର, ସାମାଜିକ କର୍ମୀ ମାନସ ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରାମକୃଷ୍ଣ ପଣ୍ଡା, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ସିପିଆଇ (ଏମ୍‌ଏଲ୍) ଲିବରେସନର ରାଜ୍ୟ ନେତା ତଥା ପୂର୍ବତନ ବିଧାୟକ ରାଧାକାନ୍ତ ସେଠି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଗଣଧାରଣାରେ ଉଦ୍‌ବୋଧନ ଦେଇ ବାମପନ୍ଥୀ ଦଳର ନେତୃବୃନ୍ଦ ଏବଂ ବୁଦ୍ଧିଜୀବୀମାନେ କହିଛନ୍ତି ଯେ, ନାଗରିକ ସଂଶୋଧନ ଆଇନ୍ ଆମ ସମ୍ବିଧାନର ମୌଳିକ ଢାଞ୍ଚାକୁ ବିରୁଦ୍ଧାଚରଣ କରୁଛି। ଧର୍ମ ନାମରେ ବିଦେଶୀ ଶରଣାର୍ଥୀମାନଙ୍କୁ ନାଗରିକତ୍ୱ ଦେବା ଏବଂ ମୁସଲମାନମାନଙ୍କୁ ଏଥିରୁ ବାଦ୍ ଦେବା ଆମ ସମ୍ବିଧାନ ଓ ଧର୍ମନିରପେକ୍ଷତା ଉଭୟଙ୍କୁ ଜଳାଞ୍ଜଳି ଦିଆଯାଇଛି। ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ କେନ୍ଦ୍ରର ଶାସକ ଦଳ କ୍ଷମତାର ଦୁରୁପଯୋଗ କରି ସଂସଦରେ ବିଲ୍ ଗୃହିତ କରାଇବା ମଧ୍ୟ ସମ୍ବିଧାନ ବିରୋଧୀ କାର୍ଯ୍ୟ। ବର୍ତ୍ତମାନ ଏହା ଆଇନ୍‌ରେ ପରିଣତ ହୋଇଛି। ସାମଗ୍ରିକ ଭାବେ ନାଗରିକତ୍ୱର ସ୍ୱୀକୃତି ଦେବା ନାମରେ ଏହି ଆଇନ୍ ଆମ୍ ଆଦ୍‌ମୀ ବା ଗରିବ ଜନସାଧାରଣଙ୍କ ନାଗରିକତ୍ୱ ପ୍ରତି ଗଭୀର ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ଆଇନ୍ ବଳରେ ୬ଟି ଧର୍ମାବଲମ୍ବୀ ଲୋକମାନେ ନାଗରିକତ୍ୱ ପାଇଲା ବେଳେ ମୁସଲମାନ ଧର୍ମାବଲମ୍ବୀ ଲୋକମାନେ ନାଗରିକତ୍ୱ ପାଇବେ ନାହିଁ। ବାମପନ୍ଥୀ ଦଳମାନେ ବିଚାର କରୁଛନ୍ତି ଯେ, ଏହା ଧର୍ମ-ଧର୍ମ ଭିତରେ ବିଦ୍ୱେଷ ସୃଷ୍ଟି କରି ଆମ ସମାଜ ଏବଂ ଦେଶକୁ ଏକ ବିଭାଜନର ରାସ୍ତା ଖୋଲିବ। ଏହି ଆଇନ୍ ପରେ ଜାତୀୟ ନାଗରିକ ପଞ୍ଜିକା କାର୍ଯ୍ୟକ୍ରମ ସାରା ଦେଶରେ ଲାଗୁ ହେବ ବୋଲି ସରକାର ଘୋଷଣା କରିଛନ୍ତି। ଅର୍ଥାତ୍ ଯେଉଁ ଭାରତୀୟମାନେ ନିଜର ନାଗରିକତାର ପ୍ରମାଣ ଦେଇପାରିବେ ନାହିଁ, ସେମାନେ ଦେଶହରାରେ ପରିଣତ ହେବେ। ନାଗରିକତା ପାଇଁ ପାସ୍‌ପୋର୍ଟ, ଆଧାରକାର୍ଡ଼, ଭୋଟର ପରିଚୟ ପତ୍ର ଇତ୍ୟାଦି ପର୍ଯ୍ୟାପ୍ତ ନୁହେଁ। ଏଥିପାଇଁ ସାଧାରଣ ଲୋକଙ୍କୁ ଅନେକ ପ୍ରକାରର ଦଲିଲ୍ ଦେବାକୁ ପଡ଼ିବ ଯାହା ଆଦୌ ସମ୍ଭବ ନୁହେଁ। ଏହି ପ୍ରକ୍ରିୟାରେ ଅସଂଖ୍ୟ ଦଳିତ, ଆଦିବାସୀ ଏବଂ ମୁସଲମାନମାନଙ୍କୁ ଦେଶହରା ଭାବେ ଗିରଫ କରାଯାଇ ବନ୍ଦୀଶାଳାରେ ରଖାଯିବାର ଆଶଙ୍କା ରହିଛି। ଏହି ଦେଶହରା ନାଗରିକମାନଙ୍କୁ ଅନ୍ୟ କୌଣସି ଦେଶ ଗ୍ରହଣ କରିବେ ନାହିଁ। ଏହିଭଳି ଏକ ଅତି ଭୟଙ୍କର ଆଇନ ଆସିଲା ପରେ କେରଳ, ପଶ୍ଚିମବଙ୍ଗ, ପଞ୍ଜାବ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ରାଜସ୍ଥାନ ଏହିପରି ୬ଟି ରାଜ୍ୟ ସରକାର ଏହି ଆଇନକୁ କାର୍ଯ୍ୟକାରୀ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଓଡ଼ିଶାର ବିଜେଡ଼ି ସଂସଦରେ ଏହି ଆଇନ୍ ସପକ୍ଷରେ ଭୋଟ ଦେଇ ବର୍ତ୍ତମାନ ଏନ୍‌ଆରସି ଲାଗୁହେବ ନାହିଁ ବୋଲି କହିବା ହାସ୍ୟାସ୍ପଦ, ଦୋମୁହାଁ ଏବଂ ସୁବିଧାବାଦୀ ରାଜନୀତିକୁ ପ୍ରତିଫଳିତ କରୁଛି। ଦେଶରେ ଏକହଜାର ବୈଜ୍ଞାନିକ ନାଗରିକତା ସଂଶୋଧନ ଆଇନ ବିରୋଧରେ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ସମୂହ, ଦେଶର ରାଜଧାନୀ ଦିଲ୍ଲୀ, ପ୍ରାୟ ସମସ୍ତ ପ୍ରମୁଖ ସହର ଏବଂ ରାଜ୍ୟମାନଙ୍କରେ ପ୍ରତିବାଦର ଜୁଆର ଦେଖାଦେଇଛି। ୨୪ଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ପ୍ରତିବାଦ ଆନ୍ଦୋଳନର ଆଗ ଧାଡ଼ିରେ ରହିଛନ୍ତି। ପ୍ରତିବାଦକୁ ଦମନ କରିବା ପାଇଁ ସରକାର ପୋଲିସ୍ ବାହିନୀ ଲଗାଇ ଆକ୍ରମଣ ଓ ଗିରଫ କରୁଛନ୍ତି। ଦିଲ୍ଲୀରେ ବିରୋଧ କରୁଥିବା ଜାତୀୟ ନେତାମାନଙ୍କୁ ଏବଂ ବାଙ୍ଗାଲୋରରେ ବିଶିଷ୍ଟ ଇତିହାସବିତ୍ ରାମଚନ୍ଦ୍ର ଗୁହାଙ୍କୁ ଗିରଫ କରାଯାଇଛି। ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବିଶେଷକରି ଛାତ୍ରୀମାନଙ୍କ ଉପରେ ବର୍ବର ଆକ୍ରମଣ ଭଳି ନିନ୍ଦନୀୟ ଘଟଣା ଘଟିଛି। ଆମ ଦେଶର ୨୦କୋଟି ମୁସଲମାନ, ଆଦିବାସୀ ଓ ଦଳିତ ମିଶି ୧୮ କୋଟି ଏବଂ ସାଧାରଣ ଜନତାଙ୍କ ମଧ୍ୟରୁ ଏକ ଅଂଶକୁ ନାଗରିକତ୍ୱରୁ ବାଦ୍ ଦେଇ ଧର୍ମ ନାମରେ ରାଷ୍ଟ୍ର ପରିଚାଳନା କରିବା ପାଇଁ ମୋଦି-ଶାହା ସରକାର ଯୋଜନା କରୁଛନ୍ତି। ଏହି ଯୋଜନା ଦେଶ ବିଭାଜନର ଅତି ଦୁଃଖଦ ଏବଂ ଅଭାବନୀୟ ଘଟଣାକୁ ମନେ ପକାଇ ଦେଉଛି। ଏହି ସମ୍ବିଧାନ ବିରୋଧୀ-ଧର୍ମନିରପେକ୍ଷତା ବିରୋଧୀ ଆଇନ୍‌କୁ ପ୍ରତ୍ୟାହାର କରିବା ପାଇଁ ନେତୃବୃନ୍ଦ ଦାବି କରିଛନ୍ତି। ବାମପନ୍ଥୀ ଦଳମାନଙ୍କର ନେତୃବୃନ୍ଦ କହିଛନ୍ତି ଯେ, ଏହି ପରିସ୍ଥିତିରେ ଦେଶ ଏବଂ ରାଜ୍ୟବାସୀ ଶାନ୍ତିପୂର୍ଣ୍ଣଭାବେ ସତ୍ୟ ଓ ଅହିଂସା ପ୍ରତି ଅଙ୍ଗୀକାରବଦ୍ଧ ରହି ନିଜର ସାମ୍ବିଧାନିକ ଅଧିକାର ଏବଂ ଧର୍ମନିରପେକ୍ଷତାକୁ ରକ୍ଷା କରିବା ପାଇଁ ସଂଘର୍ଷ କରିବାକୁ ପଡ଼ିବ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡର ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ସର୍ବାଧିକ କୃତିତ୍ୱ



କେନ୍ଦୁଝର (ପିଏନ୍): ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା କଟକ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଆନୁକୁଲ୍ୟରେ ଜାତୀୟ ମେଧାବୃତ୍ତି ପରୀକ୍ଷା ରେ ସରସ୍ୱତୀ ବିଦ୍ୟା ମନ୍ଦିର, କେନ୍ଦୁଝରଗଡର ପ୍ରତିକ୍ଷା ଆଚାର୍ଯ୍ୟ ୮୨ନମ୍ବର ରଖି ପ୍ରଥମ ସ୍ଥାନ, ଅଭିପ୍‌ସା ତ୍ରିପାଠୀ ୮୧ ନମ୍ବର ରଖି ଦ୍ୱିତୀୟ ସ୍ଥାନ, ବିଶ୍ୱରଞ୍ଜନ ଗିରି ୭୨ ନମ୍ବର ତୃତୀୟ ସ୍ଥାନ, ସୋନାମିକା ସେଠୀ ୭୧ ନମ୍ବର ରଖି ଚତୁର୍ଥ ସ୍ଥାନ, ବିଭାଷ ବିସ୍ମୟ କୁମାର ନାୟକ ୬୮ ନମ୍ବର ରଖି ପଞ୍ଚମ ସ୍ଥାନ ଓ କଲଭେନ ଜୋହନ ମୂର୍ତ୍ତି ପାତ୍ର ୬୫ ନମ୍ବର ରଖି ସପ୍ତମ ସ୍ଥାନରେ ମୋଟ ୬ ଜଣ ଛାତ୍ରଛାତ୍ରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । କେନ୍ଦୁଝର ବ୍ଲକ ଓ ମ୍ୟୁନିସିପାଲିଟିର ୧୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ ଜଣ ହେଉଛନ୍ତି କେନ୍ଦୁଝର ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ । ଏହି ଅବସରରେ ଶିକ୍ଷା ବିକାଶ ସମିତି, ଓଡିଶାର ସଂପାଦକ ଡା. ଲକ୍ଷ୍ମୀକାନ୍ତ ମହାରଣା, ବିଦ୍ୟାଳୟର ସଭାପତି ଡଃ. କାର୍ତ୍ତିକ ଚନ୍ଦ୍ର ମିଶ୍ର, ଉପସଭାପତି ଇଂ. ହରମୋହନ ପଟ୍ଟନାୟକ, ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ଉକ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ବିଦ୍ୟା ମନ୍ଦିର ପ୍ରମୁଖ ଦେବାଶିଷ ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ ।

ଶିକ୍ଷ ସଂପର୍କିତ କର୍ମଶାଳା ଉଦ୍‌ଘାଟିତ

କେନ୍ଦୁଝର (ପିଏନ୍)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଶିକ୍ଷ ସଂପର୍କିତ ଏକ କର୍ମଶାଳା ସ୍ଥାନୀୟ ସାଇ ଟିଉଟୋରିଆଲ ହଲ ରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ହାଟଡିହୀ ବ୍ଲକ ଆଇ.ପି.ଓ ସନ୍ତୋଷ କୁମାର ଜେନା ସଂଯୋଜନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ଡି.ଆଇ.ସି. ମ୍ୟାନେଜର କୃଷ୍ଣଚନ୍ଦ୍ର ନାୟକ, ଏଲଡିଏମ୍ ଏମ୍.କେ. ଶାସିନ, ହାଟଡିହୀ ବ୍ୟାଙ୍କ ଶାଖା ପରିଚାଳକ ସ୍ୱରାଜ ମହାନ୍ତି, ଆଇପିଓ ଭଗବତ ସୋରେନ,ଏସ୍.କେ. ଦାସ ପ୍ରମୁଖ ଉପସ୍ଥିତ ରହି ବେକାରୀ ଯୁବତୀ ଯୁବକଙ୍କ ଆତ୍ମନିର୍ଭରଶୀଳ ପାଇଁ ଶିକ୍ଷ ଭିତିକ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ସଂପର୍କରେ ସୂଚନା ଦେଇଥିଲେ । ବ୍ୟାଙ୍କ ଋଣର ସରଳୀକରଣ, ଆବେଦନ ପ୍ରଣାଳୀ ଓ ସବ୍‌ସିଡି ସଂପର୍କରେ ଅବଗତ କରାଇଥିଲେ । ଏହି କର୍ମଶାଳା ୧୨ ଦିନ ଧରି ଚାଲିବ ଓ ବିଭିନ୍ନ ବିଭାଗର ଅଧିକାରୀ ଆସି ଉଦ୍ୟୋଗିକ ବିକାଶ ଓ ତାହାଦ୍ୱାରା କିଭଳି ଲାଭ ମିଳିପାରିବ ସେ ସଂପର୍କରେ ଆବେଦନକାରୀଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରାଯିବ ବୋଲି ଆଇପିଓ ସନ୍ତୋଷ କୁମାର ଜେନା ସୂଚନା ଦେଇଥିଲେ । ଜୟରାମ ରାଉତ ଓ ସୁରେନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରଗଡରେ ଶିଶୁବାଟିକା ବିଭାଗର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ



କେନ୍ଦୁଝର (ପିଏନ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡଠାରେ ଶିଶୁବାଟିକା ବିଭାଗର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବରେ ଅବସର-ପ୍ରାପ୍ତ ପୋଲିସ ଅଧିକାରୀ ଜଗନ୍ନାଥ ମିଶ୍ର, ଅଭିଭାବକ ଅଜୟ କୁମାର ସାହୁ ଓ ପରିଚାଳନା ସମିତିର ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ କୋମଳମତି ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶରେ କ୍ରୀଡା ଏକ ପ୍ରମୁଖ ମାଧ୍ୟମ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିଶୁବାଟିକା ପ୍ରମୁଖ ବିଜୟିନୀ ଦେବୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଦୁଇ ଦିନ ଧରି ଚାଲିଥିବା କ୍ରୀଡା ଉତ୍ସବରେ ଶିଶୁପ୍ରାରମ୍ଭ ଓ ଶିଶୁବୋଧ ଶ୍ରେଣୀର ବେଲୁନ୍ ଦୌଡ, କୌତୁକ ବେଶ ଦୌଡ, ବଲ୍ ଦୌଡ ଓ ଗଣବେଶ ସଜ୍ଜା ଦୌଡ ଅନୁଷ୍ଠିତ ହୋଇଥିଲା । ଗଣବେଶ ସଜ୍ଜା ଦୌଡର ଶିଶୁଙ୍କ ସହିତ ଅଭିଭାବକମାନେ ଅଂଶ ଗ୍ରହଣ କରି ଡାଲଫାରାଣୀ ଜେନା, ସୁଭଦ୍ରା ନାୟକ ଓ ବବିତା ମହାନ୍ତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଉକ୍ତ ଉତ୍ସବରେ ଶିଶୁଙ୍କ ଦ୍ୱାରା ବ୍ୟାୟାମ ଯୋଗ, ଯୋଗାସନ, ପିରାମିଡ ଓ ନୃତ୍ୟ ପ୍ରଦର୍ଶନ ହୋଇଥିଲା । କ୍ରୀଡାରେ ଭାଗ ନେଇଥିବା ସମସ୍ତ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ମହାନ୍ତ ଉକ୍ତ କ୍ରୀଡାକୁ ପରିଚାଳନା କରିଥିଲେ । ଶିଶୁବାଟିକା ବିଭାଗର ପ୍ରଦୀପ କୁମାର ଦାସ, ବିଜୟ କୁମାର ବାରିକ୍, ପୁଷ୍ପାଞ୍ଜଳି ସାହୁ, ମନସ୍ୱିନୀ ଦାଶ, ସୁଜାତା ମିଶ୍ର, ଜ୍ୟୋତିରାଣୀ ପଣ୍ଡା ଓ ଆରତୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ପୁଲିସ ହାତରୁ ଅଭିଯୁକ୍ତ ଫେରାର ହେବା ଘଟଣାରେ ୩ ପୁଲିସ କର୍ମଚାରୀ ନିଲମ୍ବିତ

ବାଲେଶ୍ୱର (ପିଏନ୍): ପୁଲିସ ହାତରୁ ନାବାଳିକା ଅପହରଣକାରୀ ଖସିଯିବା ଘଟଣାରେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ କମର୍ଦ୍ଦା ଥାନାରେ ଏଏସଆଇ ଭକ୍ତହରି ପଟ୍ଟନାୟକ, ହାବିଲଦାର ଅରୁଣ କୁମାର ଧଳ ଓ କନେଷ୍ଟବଳ ମମତା ପାତ୍ରଙ୍କୁ ନିଲମ୍ବନ କରାଯାଇଛି । ଉତ୍ତର ପ୍ରଦେଶର ଏକ କୋର୍ଟରୁ ଜଣେ ନାବାଳିକା ଅପହରଣକାରୀ ଅଭିଯୁକ୍ତକୁ ବାଲେଶ୍ୱର ଆଣୁଥିବା ବେଳେ ସେ ଏହି କର୍ମଚାରୀଙ୍କୁ ଚକ୍ଷମା ଦେଖାଇ ରାସ୍ତାରୁ ଖସି ପଳାଇଥିଲା । ଉତ୍ତର ପ୍ରଦେଶର ଏହି ଯୁବକ ଜଣଙ୍କ କମର୍ଦ୍ଦାର ନହରା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ରହି ଧାନ କଟା ମେସିନ୍ ଡ୍ରାଇଭର ଭାବେ କାମ କରୁଥିଲା । ସମୟକ୍ରମେ ଯୁବକ ସହ ସ୍ଥାନୀୟ ଜଣେ ନାବାଳିକାର ପ୍ରେମ ସମ୍ପର୍କ ଗଢି ଉଠିଥିଲା । ନଭେମ୍ବର ୨୩ ତାରିଖରେ ଏହି ଯୁବକ ଜଣଙ୍କ ନାବାଳିକାକୁ ଅପହରଣ କରିନେଇଥିବା ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏହି ବାବଦରେ ଏକ ଅପହରଣ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଉତ୍ତର ପ୍ରଦେଶରୁ ଆଣୁଥିଲା ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୧୯, ଡିସେମ୍ବର ୨୧

ବର୍ତ୍ତମାନ ସମୟର ଆବଶ୍ୟକତା !

ଆମ ଦେଶର ଏକ ବିରାଟ ଜନଶକ୍ତି କର୍ମନିଯୁକ୍ତିଶୂନ୍ୟ ହୋଇଥିବାବେଳେ ସେପଟେ ରିକ୍ତ ପଦଗୁଡ଼ିକ ପୂରଣ ହୋଇପାରୁନାହିଁ। ପ୍ରଶାସନିକ କ୍ଷେତ୍ରରୁ ଆରମ୍ଭ କରି କୋର୍ଟକଚେରି ଯାଏଁ ସମାନ ଅବସ୍ଥା। ଉପଯୁକ୍ତ ମାନବ ସମ୍ବଳ ଅଭାବରୁ ସୁଚାରୁ ରୂପେ କାର୍ଯ୍ୟ ସମ୍ପନ୍ନ କରିବା ସମ୍ଭବ ହେଉନାହିଁ। ଏଥିପ୍ରତି ସରକାର ସମୁଚିତ ଦୃଷ୍ଟି ଦେବାର ଘୋର ଆବଶ୍ୟକତା ଉପଲବ୍ଧି କରାଗଲାଣି। ଗତବର୍ଷ ମେ' ମାସରେ ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ଟି.ଏସ୍. ଠାକୁର କହିଥିଲେ ଯେ ଅଦାଲତରେ ପଡ଼ିରହିଥିବା ଲକ୍ଷଲକ୍ଷ ମୋକଦ୍ଦମାର ବିଚାର ନିକଟ ଭବିଷ୍ୟତରେ ହୋଇପାରିବାର ସମ୍ଭାବନା ବହୁତ କମ୍, କାରଣ ଏଥିପାଇଁ ୭୦ ହଜାରରୁ ଅଧିକ ବିଚାରପତିଙ୍କର ଆବଶ୍ୟକତା ରହିଛି; ମାତ୍ର ବିଚାରପତିଙ୍କ ଖାଲି ପଦ ପୂରଣ କରାଯାଉନାହିଁ। ସେହିପରି ଦେଶର ପୁଲିସ ମହକୁମାଗୁଡ଼ିକରେ ବହୁ ପଦ ଖାଲିପଡ଼ିଛି। ଗତ ଜାନୁଆରୀ ମାସରେ ଅଦାଲତ ପୁଲିସ ଅଭାବ ସମସ୍ୟାକୁ ନିଜଆଡୁ ବିଚାର କରି ପ୍ରାୟ ପାଞ୍ଚ ଲକ୍ଷ ପଦ ଖାଲି ଥିବା ଜାଣିବା ପରେ କେନ୍ଦ୍ର ସରକାରଙ୍କୁ ରାଜ୍ୟର ଗୃହସଚିବଙ୍କଠାରୁ ତାଜା ପରିସଂଖ୍ୟାନ ମାଗିବା ପାଇଁ କହିଥିଲେ। ସେହିପରି ଚାରି ସପ୍ତାହ ଭିତରେ ନିଯୁକ୍ତି ନେଇ କ'ଣ ପଦକ୍ଷେପ ନିଆଯାଇଛି, ତା'ର ବିବରଣୀ ଉପସ୍ଥାପନ ପାଇଁ ଆଦେଶ ଦେଇଥିଲେ। ସମସ୍ୟା ହେଉଛି କେବଳ ଏଇ ଦୁଇଟି କ୍ଷେତ୍ର ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ, ଅର୍ଥ, ପୁଲିସ ଓ ସାମରିକ ସେବା ଆଦି ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ମଧ୍ୟ କର୍ମଚାରୀଙ୍କର ଘୋର ଅଭାବ ରହିଛି। ପ୍ରମୁଖ ତଦନ୍ତକାରୀ ସଂସ୍ଥାଗୁଡ଼ିକରେ କର୍ମଚାରୀଙ୍କର ଅଭାବ ସ୍ତର ୨୨ରୁ ୪୦ ଶତାଂଶ ପର୍ଯ୍ୟନ୍ତ ପହଞ୍ଚିଲାଣି। ଦେଶର ଅଗ୍ରଣୀ ଅନୁଷ୍ଠାନଗୁଡ଼ିକରେ ମଧ୍ୟ ଉପଯୁକ୍ତ ସଂଖ୍ୟକ କର୍ମଚାରୀ ନାହାନ୍ତି। ଆଇଆଇଟି, ଏନ୍ଆଇଟି, ଆଇଆଇଏମ୍ ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକରେ ୬ ହଜାରରୁ ଊର୍ଦ୍ଧ୍ୱ ପଦ ଖାଲି ପଡ଼ିଛି। ପ୍ରାଥମିକ, ମାଧ୍ୟମିକ ଶିକ୍ଷାକେନ୍ଦ୍ରର ଅବସ୍ଥା ନ କହିଲେ ଭଲ। ଆମ ରାଜ୍ୟର ପ୍ରାଥମିକ ସ୍କୁଲଗୁଡ଼ିକୁ ଦେଖିଲେ ତାହା ସହଜରେ ବୁଝି ହୁଏ। ଯେତିକି ଶିକ୍ଷକ-ଛାତ୍ର ଅନୁପାତ ରହିବା କଥା, ତାହା ରହୁନାହିଁ। ଶହଶହ ଛାତ୍ରଛାତ୍ରୀଙ୍କୁ ଜଣେ ମାତ୍ର ଶିକ୍ଷକ ପାଠ ପଢ଼ାଉଥିବା ମଧ୍ୟ ଦେଖାଯାଉଛି। ଏପରିକି ଗୋଟିଏ ସ୍କୁଲରେ ଜଣେମାତ୍ର ଶିକ୍ଷକ ରହିବାର ଉଦାହରଣ ମଧ୍ୟ ଅଛି। ଏପରିସ୍ଥଳେ ଶିକ୍ଷାର ମାନ କ'ଣ ହେବ, ତାହା ସହଜେ ଅନୁମେୟ। ସେହିପରି ଚିକିତ୍ସା କ୍ଷେତ୍ରରେ ଆମ ଦେଶର ଦୁର୍ଦ୍ଦଶା ଖୁବ୍ ଚିନ୍ତାଜନକ। ନିକଟରେ ଦିଆଯାଇଥିବା ଏକ ପରିସଂଖ୍ୟାନ ଅନୁସାରେ ବର୍ତ୍ତମାନ ହଜାରେ ଲୋକଙ୍କ ପିଛା ୦.୭ ଡାକ୍ତର ଉପଲବ୍ଧ ଅଛନ୍ତି, ଯାହା ୟୁଏଇ ଓ ପାକିସ୍ତାନ ଭଳି ଦେଶଠାରୁ ମଧ୍ୟ କମ୍। ଆମ ସହରାଞ୍ଚଳ ଡାକ୍ତରଖାନାଗୁଡ଼ିକରେ ବେଶି ପରିମାଣର ଡାକ୍ତର ରହୁଥିବାରୁ ସେଠାରେ କାମ ଚଳାଇ ନିଆଯାଇପାରେ; ମାତ୍ର ଗ୍ରାମାଞ୍ଚଳରେ ଅବସ୍ଥା ଅତି ସଂଗିନ ହୋଇପଡୁଛି। କେଉଁଠି ଡାକ୍ତରଙ୍କ ସ୍ଥାନରେ ଡାକ୍ତରଖାନାର ଚତୁର୍ଥ ଶ୍ରେଣୀ କର୍ମଚାରୀ ଅସ୍ତ୍ରୋପଚାର କଲାଣି ତ ଆଉ କେଉଁଠି ମାସମାସ ଧରି ଡାକ୍ତରଖାନା ବନ୍ଦ ରହୁଛି। ଦୁର୍ଗମ ଅଞ୍ଚଳରେ ଯେଉଁ ଡାକ୍ତରମାନଙ୍କୁ ନିଯୁକ୍ତି ଦିଆଯାଉଛି, ସେଇଠି ସେମାନେ ରହୁନାହାନ୍ତି। ସେଠାକାର ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଆମ ଦେଶର ଏକ ପ୍ରମୁଖ କ୍ଷେତ୍ର ସେନାରେ ମଧ୍ୟ ଏହି ସମସ୍ୟା କମ୍ ନୁହେଁ। ସୈନ୍ୟବାହିନୀର ତିନିଟି ଅଙ୍ଗରେ ପ୍ରାୟ ୫୫ ହଜାର ପଦ ଖାଲି ପଡ଼ିଛି। ସେହିପରି ଅସ୍ତ୍ର କାରଖାନାରେ ବିଭିନ୍ନ ପ୍ରକାରର ୪୦ ଶତାଂଶରୁ ଅଧିକ ପଦ ରିକ୍ତ ରହିଛି। କେନ୍ଦ୍ରଠାରୁ ରାଜ୍ୟ ପର୍ଯ୍ୟନ୍ତ, ପ୍ରଶାସନର ଅନ୍ୟ ଅନେକ ବିଭାଗରେ ମଧ୍ୟ କର୍ମଚାରୀ ମରୁଡ଼ି ପଡ଼ିଥିବା ଲକ୍ଷ୍ୟ କରାଯାଉଛି। ଏଥିଯୋଗୁଁ ଯେଉଁ ସମୟରେ ଜନସାଧାରଣ ସେବା ପାଇବା କଥା, ସେଥିରୁ ସେମାନେ ବଞ୍ଚିତ ହେଉଛନ୍ତି। ଠିକ୍ ସ୍ଥାନରେ ଉପଯୁକ୍ତ କର୍ମଚାରୀ ନ ରହିବା ଦ୍ୱାରା କାର୍ଯ୍ୟରେ ମନ୍ଥରତା ଦେଖାଯିବା ସହ ତାହା ବ୍ୟବସ୍ଥାକୁ ଦୁର୍ନୀତିଗ୍ରସ୍ତ ହେବାରେ ମଧ୍ୟ ସାହାଯ୍ୟ କରୁଛି। ଜନସାଧାରଣଙ୍କୁ ଉତ୍ତମ ସେବା ଓ ସୁବିଧା ଯୋଗାଇଦେବା ସରକାରଙ୍କର ଦାୟିତ୍ୱ। ରାଜ୍ୟ ଓ ଦେଶର ସମୃଦ୍ଧିରେ ଭାଗିଦାରିତା ସେମାନଙ୍କର ଅଧିକାର। ମାତ୍ର ପ୍ରଶାସନିକ ସ୍ତରରେ ଯଦି କାର୍ଯ୍ୟ କରିବାକୁ କର୍ମଚାରୀଙ୍କ ଅଭାବ ରହିବ, ତେବେ ବିକାଶ କାର୍ଯ୍ୟରେ ବାଧା ଉପୁଜିବା ସ୍ୱାଭାବିକ। ତେଣୁ ଶାସନ-ପ୍ରଶାସନର ଏହି ମୌଳିକ ସମସ୍ୟାକୁ ବୁଝି ସରକାର ତା'ର ସମାଧାନ ପାଇଁ ତତ୍ପର ହେବା ବର୍ତ୍ତମାନ ସମୟର ଆବଶ୍ୟକତା। ତୁରନ୍ତ ଗୁରୁତ୍ୱପୂର୍ଣ୍ଣ ଦପ୍ତର ଓ ସେବାକେନ୍ଦ୍ରଗୁଡ଼ିକର ରିକ୍ତ ପଦ ପୂରଣ କରାଯାଉ।

ଆଜିର ଅନୁଚିନ୍ତା

କାଳ ଯାହାକୁ କବଳିତ କରିପାରେ ନାହିଁ, ସେ ହିଁ ମହାକାଳ।

ସମ୍ବାଦର ପ୍ରଥମ ସଂପାଦକ : ସୁରେନ୍ଦ୍ର ମହାନ୍ତି

ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଧରି ଓଡ଼ିଆ ଗଦ୍ୟ ସାହିତ୍ୟକୁ ଋଦ୍ଧିମାନ୍ କରିଥିଲେ ସୁରେନ୍ଦ୍ର ମହାନ୍ତି। ସେ ଥିଲେ ଏକାଧାରରେ ପ୍ରଭାବଶାଳୀ ସାମ୍ବାଦିକ, ସଫଳ ରାଜନୀତିଜ୍ଞ ଓ ଉଚ୍ଚମାନର ସାରସ୍ୱତ ସ୍ରଷ୍ଟା। ଗଦ୍ୟ ସାହିତ୍ୟର ସମସ୍ତ ବିଭାଗରେ ସେ ଲେଖନୀ ଚାଳନା କରିଥିଲେ। ତାଙ୍କ ସାରସ୍ୱତ ଜୀବନ ଥିଲା ବର୍ଣ୍ଣାଢ଼୍ୟ ଓ ବହୁମୁଖୀ। ତାଙ୍କ ନିଜ ଭାଷାରେ ସାହିତ୍ୟ ଓ ରାଜନୀତି ତାଙ୍କ ପୃଥିବୀ ଏବଂ ସାମ୍ବାଦିକତା ତାଙ୍କ ପଥ। ତେଣୁ ଆତ୍ମଚରିତର ନାମ ରଖିଥିଲେ ପଥ ଓ ପୃଥିବୀ। ଆଲୋଚକ ଡ. ଜଗନ୍ନାଥ ଦାସଙ୍କ ଭାଷାରେ ପଥ ଓ ପୃଥିବୀ ସୁରେନ୍ଦ୍ରଙ୍କ ଜୀବନ ଓ କୃତିର ଏକ ଉଜ୍ଜ୍ୱଳ, ସଫଳ, ସଂପୂର୍ଣ୍ଣ ମହାକାବ୍ୟ, ଏକ ସାର୍ଥକ ଜୀବନ ସ୍ମୃତି, ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଅମୂଲ୍ୟ ରତ୍ନ। ଆଧୁନିକ ଓଡ଼ିଆ ଗଳ୍ପର ଏହି ଅପ୍ରତିଦ୍ୱନ୍ଦ୍ୱୀ ଲେଖକଙ୍କର ସାରସ୍ୱତ ଜୀବନ କୈଶୋରରେ ସାଲେପୁର ହାଇସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ଆରମ୍ଭ ହୋଇଥିଲା। ଉକ୍ତ ପ୍ରଥମ ଗଳ୍ପଟି ଥିଲା ବନ୍ଦୀ ପ୍ରକାଶ ପାଇଥିଲା ଉତ୍କଳ ସାହିତ୍ୟରେ। ଦ୍ୱିତୀୟ ଗଳ୍ପ ମଣିଷ ଓ ଅର୍ଥନୀତି କବି ସଚ୍ଚି ରାଉତରାୟ ସଂପାଦିତ ଆରତି ପତ୍ରିକାରେ ପ୍ରକାଶ ପାଇଥିଲା। ସେ ପିଲାଟି ଦିନରୁ ପାଠଚୋର ଥିଲେ। ନାନା ବାହାନା କରି ଚାଟଶାଳି ଯାଉ ନଥିଲେ। ନାଲିକସ୍ତା ପିନ୍ଧି, ଅଣ୍ଟାରେ ରୂପା ସୂତା ଗୁଡ଼ାଇ, ହାତରେ ଖଡୁ ନାଇ, ବେକରେ ମାଦୁଳି ପକାଇ, ଆଖିରେ କଳା ଲାଞ୍ଜିକରି, ଗାଁ ଦାଣ୍ଡରେ ବୁଲୁଥିଲେ। ପରେ ଅବଶ୍ୟ ପାଠ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ତେବେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଏବଂ ରାଜନୀତି ପ୍ରତି ଆଗ୍ରହ ଉଚ୍ଚଶିକ୍ଷାରୁ ତାଙ୍କୁ ଦୂରେଇ ନେଇଥିଲା। ଏହାସତ୍ତ୍ୱେ ନିଜ ପ୍ରଚେଷ୍ଟାରେ ସେ ଏକାଧିକ ଭାଷା ଆୟତ୍ତ କରିଥିଲେ। ସୁରେନ୍ଦ୍ରଙ୍କ ସାମ୍ବାଦିକ ଜୀବନ ଅତ୍ୟନ୍ତ ଆକସ୍ମିକ ଭାବେ ଆରମ୍ଭ ହୋଇଥିଲା। ଦିନେ ଓଡ଼ିଶା ଥିଏଟରରେ କାଳୀଚରଣ ପଟ୍ଟନାୟକଙ୍କ ଅତିବଡ଼ୀ ଜଗନ୍ନାଥ ଦାସ ନାଟକ ମଞ୍ଚସ୍ଥ ହେଉଥିଲା। ଦର୍ଶକଙ୍କ ମଧ୍ୟରେ ଥିଲେ ଯୁବକ ସୁରେନ୍ଦ୍ର। ନାଟକର ଗୋଟିଏ ଦୃଶ୍ୟରେ ପୁରୀ ଯାଉଥିବା ବଙ୍ଗୀୟ ଯାତ୍ରୀଙ୍କୁ ବିଦ୍ରୂପ କରାଯାଉଥିବା ଦେଖି ସେ ବିସ୍ମିତ ହୋଇଥିଲେ। ଏହାର ପ୍ରତିବାଦ କରି ସମାଲୋଚନାମୂଳକ ପ୍ରବନ୍ଧ ଇଂରେଜୀରେ ଲେଖି କେଏନ୍ ଆଚାରୀ ସଂପାଦିତ ନିୟୁ ଓଡ଼ିଶାକୁ ପଠାଇଥିଲେ। ଉକ୍ତ ପ୍ରବନ୍ଧ ସେତେବେଳେ ବୁଦ୍ଧିଜୀବୀ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ଏବଂ ସାମ୍ବାଦିକତା କରିବା ପାଇଁ ସୁରେନ୍ଦ୍ର ଆଗ୍ରହୀ ହୋଇଥିଲେ। ନିୟୁ ଓଡ଼ିଶାର ପ୍ରୁଫ୍ ରିଡର ଭାବେ ହିଁ ତାଙ୍କର ସାମ୍ବାଦିକ ଜୀବନ ଆରମ୍ଭ ହୋଇଥିଲା। ଏହାପରେ ସେ ଜନତା, ଗଣତନ୍ତ୍ର, କଳିଙ୍ଗ ଆଦି ସହ ସଂପୃକ୍ତ ହୋଇଥିଲେ। ତାଙ୍କ ସଂପାଦିତ ଶେଷ ଖବରକାଗଜ ହେଉଛି ସମ୍ବାଦ। ଏହାର ପ୍ରଥମ ସଂପାଦକ ଭାବେ ସେ ୧୯୮୪ ଅଗଷ୍ଟରେ ଯୋଗଦେଇଥିଲେ। ରାଜ୍ୟସଭା ସଦସ୍ୟ ଭାବେ ସୁରେନ୍ଦ୍ରଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ତାହାପରେ ସେ କଟକରୁ ଦ୍ୱିତୀୟ ଲୋକସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ସେ ତୃତୀୟ ଓ ଚତୁର୍ଥ ସାଧାରଣ ନିର୍ବାଚନ କେନ୍ଦ୍ରାପଡ଼ାରୁ ଲଢ଼ି ପରାଜିତ ହୋଇଥିଲେ ଏବଂ ଏହି ଆସନରୁ ପଞ୍ଚମ ସାଧାରଣ ନିର୍ବାଚନ ଜିତିଥିଲେ। ତାଙ୍କର ସକ୍ରିୟ ରାଜନୈତିକ ଜୀବନ ରାଜ୍ୟସଭା ସାଂସଦ ଭାବେ ହିଁ ଶେଷ ହୋଇଥିଲା। ୧୯୭୮ରେ ଶେଷଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହେବାପରେ ସେ ଆଉ ଲଢ଼ି ନଥିଲେ। ୧୯୯୦ ଡିସେମ୍ବର ଆଜିର ଦିନରେ ଏହି ସଂଭ୍ରାନ୍ତ ସାହିତ୍ୟିକଙ୍କ ପରଲୋକ ହୋଇଥିଲା।

ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ବ୍ୟକ୍ତିର ଛଳନାସର୍ବସ୍ୱ ଜୀବନଧାରା

ମନୋରଞ୍ଜନ ମହାନ୍ତି

ବ୍ୟକ୍ତି-ଚରିତ୍ରକୁ ଅଧ୍ୟୟନ କରିବା ସତରେ ଏକ ଦୁରୂହ ବ୍ୟାପାର। କାରଣ ବ୍ୟକ୍ତିର ଅନ୍ତରରେ ନିରନ୍ତର ସତ୍ୟ ଅସତ୍ୟର ସଂଘର୍ଷ ଲାଗି ରହିଥାଏ। ସତ୍ୟର ସରଣୀରେ ପଥିକ ହୋଇ ଜୀବନଯାତ୍ରା କରୁଥିବା ବ୍ୟକ୍ତିର ଅନ୍ତଃକରଣଟି ସ୍ୱାଭାବିକ ଭାବରେ ନିର୍ମଳ। ଅଥଚ ଅସତ୍ୟ-ମାର୍ଗରେ ପଦଚାଳନା କରି ଜୀବନ ବଞ୍ଚୁଥିବା ବ୍ୟକ୍ତିର ଅନ୍ତର ଯାବତୀୟ କୂଟ, କପଟତା, କୁଟୀଳତାରେ ପରିପୂର୍ଣ୍ଣ।

'ମହାଭାରତ'ରେ ପରମଜ୍ଞାନୀ ବିଦୁର ଧୃତରାଷ୍ଟ୍ରଙ୍କୁ ଉପଦେଶ ଛଳରେ କହିଛନ୍ତି ଯେ ଯେଉଁ ସଭାରେ ବୃଦ୍ଧ ବ୍ୟକ୍ତି ନଥା'ନ୍ତି ତାହା ସଭା ପଦବାଚ୍ୟ ନୁହେଁ। ଯେଉଁ ବୃଦ୍ଧ ଧର୍ମର କଥା କହନ୍ତି ନାହିଁ, ସେ ବୃଦ୍ଧ ନୁହନ୍ତି। ଯେଉଁ ଧର୍ମରେ ସତ୍ୟର ସ୍ଥାନ ନାହିଁ, ତାହା ଧର୍ମ ନୁହେଁ। ତାହା ସତ୍ୟ ନୁହେଁ, ଯାହା ଛଳନାଯୁକ୍ତ। ଏପରି ଉପଦେଶରୁ ସ୍ୱତଃ ବୁଝିହେଉଛି ଛଳନାଶୂନ୍ୟତା ହିଁ ସତ୍ୟ ଓ ସତ୍ୟ ହିଁ ପ୍ରକୃତ ଧର୍ମ ପଦବାଚ୍ୟ।

ସୁତରାଂ ଯେଉଁ ବ୍ୟକ୍ତି ସତ୍ୟ-ସରଣୀର ପଥିକ, ତା'ର ହୃଦୟଟି ଯାବତୀୟ ଛଳନାରୁ ମୁକ୍ତ। ଅନ୍ୟ ପକ୍ଷରେ ଯେଉଁ ବ୍ୟକ୍ତି ଅସତ୍ୟ ମାର୍ଗଚାରୀ, ତା'ର ହୃଦୟଟି ସକଳ ପ୍ରକାରର ଛଳନାଯୁକ୍ତ। ଆମେ ଅନ୍ତର୍ଦୃଷ୍ଟିସମ୍ପନ୍ନ ହେଲେ ଆମର ଅନ୍ତରରେ କେତେ ଛଳନା ଭରିରହିଛି ତାହା ଅବଶ୍ୟ ହୃଦୟଙ୍ଗମ କରିପାରିବା।

ପୃଥିବୀରେ ମନୁଷ୍ୟମାନେ ଜନ୍ମ ହୁଅନ୍ତି, କେତେ ପ୍ରକାର ଦଳ ଗଢ଼ନ୍ତି ; ବେଳେବେଳେ ନିଜର ଦଳକୁ 'ସେବାଦଳ' ଆଖ୍ୟା ଦେଇ ସମାଜ-ସେବାରେ ନିଜକୁ ସମର୍ପଣ କରିଦେଇଥିବାର ବକ୍ତବ୍ୟ ସର୍ବସମକ୍ଷରେ ଉପସ୍ଥାପନ କରନ୍ତି। ବେଳେବେଳେ ଲକ୍ଷ୍ୟ କରାଯାଏ, କିଛି ଲୋକ, ପୁରୁଷ ହୁଅନ୍ତୁ କି ମହିଳା, ଝାଡୁଧରି ରାସ୍ତା ସଫେଇ କରୁଛନ୍ତି, ରାସ୍ତାକଡ଼ରେ ଚାରା ରୋପଣ କରୁଛନ୍ତି, ଆଉ କେତେବେଳେ ରକ୍ତଦାନ-ଶିବିରରେ ରକ୍ତଦାତାମାନଙ୍କୁ ଆବଶ୍ୟକ ଖାଦ୍ୟ ପରଷିଦେଉଛନ୍ତି, ସ୍ୱାସ୍ଥ୍ୟସେବା-ଶିବିରରେ ଅସହାୟ ବ୍ୟାଧିଗ୍ରସ୍ତମାନଙ୍କର ଆବଶ୍ୟକ ଯତ୍ନ ନେଉଛନ୍ତି ଓ ସେପରି କର୍ମ ନିର୍ବାହ କଲାବେଳେ କ୍ୟାମେରାମ୍ୟାନ୍‌ଙ୍କ ଦ୍ୱାରା ଫଟୋ ଉଠାଇବାର ବ୍ୟବସ୍ଥା କରୁଛନ୍ତି, ଯେଉଁ ଫଟୋଗୁଡ଼ିକ ପରବର୍ତ୍ତୀ ସମୟରେ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଛି। ସେପରି ପୁରୁଷ ଓ ମହିଳାମାନଙ୍କର ସେବାମୂଳକ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ। ସମାଜରେ ଅନେକ ବ୍ୟକ୍ତି ସୁପ୍ତ ଥିଲାବେଳେ ସେମାନେ ଯେ ଜାଗ୍ରତ ହୋଇ କୌଣସି ନା କୌଣସି ସ୍ତରରେ କାହାରି ନା କାହାରିକୁ ସେବା ଓ ସାହାଯ୍ୟ ଯୋଗାଇ ଦେଉଛନ୍ତି ତାହା ସେମାନଙ୍କ ମହାନୁଭବତାର ପରିଚାୟକ। କିନ୍ତୁ ଯଦି ସେମାନେ ନିଜ ପରିବାର ଭିତରେ ନିଜର ବ୍ୟକ୍ତିଗତ ଜୀବନରେ ଭିନ୍ନ ପ୍ରକାରେ ହୁଅନ୍ତି ସେଇଠି ଅସଲ ସମସ୍ୟାଟି ଉପୁଜିବାର ଆଶଙ୍କା ଥାଏ। ଯଦି ସେମାନେ ନିଜର ଦୈନନ୍ଦିନ ପାରିବାରିକ କର୍ମ ସଂପାଦନ ନିମିତ୍ତ ଦୁଇଚାରିଜଣ ସେବକ ନିଯୁକ୍ତ କରି ସେବକମାନଙ୍କ ପ୍ରତି ଅଶୋଭନୀୟ, ଅମାନବୀୟ ବ୍ୟବହାର ପ୍ରଦର୍ଶନ କରୁଥାଆନ୍ତି, ତେବେ ଝାଡୁଧରି ରାସ୍ତା ସଫେଇ, ରାସ୍ତାକଡ଼ରେ ଚାରାରୋପଣ, ରକ୍ତଦାନ-ଶିବିର ସ୍ୱାସ୍ଥ୍ୟସେବା-ଶିବିରର ଆୟୋଜନ ଭଳି ସାମାଜିକ କର୍ମ ନିଜେ ସଂପାଦନ କରି ସାଧାରଣ ଲୋକମାନଙ୍କ ପ୍ରତି ଶୋଭନୀୟ ମାନବୀୟ ବ୍ୟବହାର ପ୍ରଦର୍ଶନ କରିବା ଏକ ଛଳନା ବ୍ୟତୀତ ଆଉ କିଛି ହୋଇନପାରେ। ସେମାନେ ସାମାଜିକ ଜୀବନରେ ଯାହା, ପାରିବାରିକ ଜୀବନରେ ତାହା ନୁହଁନ୍ତି। ପାରିବାରିକ ଜୀବନରେ ସମ୍ପୂର୍ଣ୍ଣ ସମୟ ପାଇଁ ସେବକ ନିଯୁକ୍ତ କରି ସେବକମାନଙ୍କ ପ୍ରତି କଠୋର ବ୍ୟବହାର କରିବା ଆଉ ସାମାଜିକ ଜୀବନରେ କିଛି ସମୟ ପାଇଁ ନିଜେ ସେବକ ହୋଇ ସାଧାରଣ ଲୋକଙ୍କ ପ୍ରତି କୋମଳ ଆଚରଣ କରିବା, ଫଟୋ ଉଠାଇ ଖବରକାଗଜରେ ପ୍ରକାଶନ ନିମିତ୍ତ ବ୍ୟବସ୍ଥା କରିବା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ କଥା। ସେମାନେ ପାରିବାରିକ ଜୀବନରେ ସାମନ୍ତବାଦୀ, ସାମାଜିକ ଜୀବନରେ ସମାଜବାଦୀ ଭଳି ଦୁଇଟି ଭିନ୍ନ ଭୂମିକାରେ ଅଭିନୟ କରି ପୂର୍ଣ୍ଣ ଛଳନାମୟ ଜୀବନ ବଞ୍ଚୁଥିବାର କଥାଟି ସ୍ପଷ୍ଟ ହୋଇଯାଏ।

କେବଳ ସମାଜ-ସେବା କ୍ଷେତ୍ରରେ ନୁହେଁ, ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ରୂପେ ବିବେଚିତ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଛଳନାର ମାତ୍ରା କମ୍ ନୁହେଁ। ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ବିଧି ବ୍ୟବସ୍ଥା ଅନୁଯାୟୀ ବହୁବିଧ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୁଏ, ଯଥା ପାଚେରି, ଶ୍ରେଣୀଗୃହ, ଅଡ଼ିଟୋରିୟମ୍, ପରୀକ୍ଷାଗାର, ପାଠାଗାର, ଅଧ୍ୟୟନ ପ୍ରକୋଷ୍ଠ, ପ୍ରାଶାସନିକ ଭବନ, ଛାତ୍ରାବାସ, ଶୌଚାଳୟ ଇତ୍ୟାଦି। ନିର୍ମାଣ-କାର୍ଯ୍ୟ ପାଇଁ ସରକାରୀ ସଂସ୍ଥା ରହିଛି, ଯିଏ ଠିକାଦାରମାନଙ୍କ ଜରିଆରେ ନିର୍ମାଣ କରାନ୍ତି ଓ ସମସ୍ତ କାର୍ଯ୍ୟର ତଦାରଖ କରନ୍ତି। କିନ୍ତୁ ଯଦି ଶିକ୍ଷାଦାନ ପାଇଁ ନିଯୁକ୍ତ ବ୍ୟକ୍ତିବିଶେଷ ଠିକାଦାରୀ ପାଇଁ ଆଗ୍ରହୀ ହୁଅନ୍ତି ତେବେ ଆହୁରି ବିଷମ ସମସ୍ୟା ଉପୁଜିବାର ଆଶଙ୍କା ଥାଏ। ଶିକ୍ଷାଦାତା ପଦରେ ନିଯୁକ୍ତ ବ୍ୟକ୍ତି ଶିକ୍ଷାଦାନ ନକରି ଯଦି ଠିକାଦାରୀ କରନ୍ତି ଆଉ ଶିକ୍ଷାନୁଷ୍ଠାନ ବାହାରେ ନିଜକୁ ଶିକ୍ଷାଦାତା ବୋଲି ପରିଚୟ ଦିଅନ୍ତି, ତେବେ ଛଳନାର ମଞ୍ଚ ଉପରେ ଏପରି ଦ୍ୱୈତ ଭୂମିକାକୁ ଛାତ୍ର, ଅଭିଭାବକ, ସହକର୍ମୀ ଓ ସାଧାରଣ ଲୋକେ ନାପସନ୍ଦ କରିବା ସ୍ୱାଭାବିକ।

ଏବେ ସାହିତ୍ୟ କ୍ଷେତ୍ରରେ ଛଳନାର ବ୍ୟାପକତା ଲକ୍ଷ୍ୟଣୀୟ। ଯଦି ସାହିତ୍ୟିକମାନେ ପରସ୍ପର କୁତ୍ସାରଟନା, ନିନ୍ଦାଗାନ ନିରତ ହୋଇ ସୁଦ୍ଧା ସମାଜରେ ମୈତ୍ରୀ ମମତା ପ୍ରତିଷ୍ଠା ପାଇଁ ସାହିତ୍ୟ ରଚନା କରନ୍ତି ତେବେ ତାହା ଛଳନା ବ୍ୟତୀତ ଆଉ କ'ଣ ହୋଇପାରେ ? ସାହିତ୍ୟରେ ପୁରସ୍କାର ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଝଗଡ଼ା, ପୁରସ୍କାର ପାଇଥିବା ଓ ପାଇନଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ତଦନୁରୂପ ଝଗଡ଼ା। ପୁରସ୍କାର ପାଇଥିବା କେତେକ ବ୍ୟକ୍ତି ପରସ୍ପରକୁ ଆକ୍ଷେପ କରି କହୁଛନ୍ତି, 'ତୁମେ ଯୋଗାଡ଼ କରି, ଧରାଧରି କରି, ପ୍ରିୟ ପରିଚିତ ଲୋକଙ୍କ ସହାୟତାରେ ପୁରସ୍କାର ପାଇଯାଇଛ।' ପୁରସ୍କାର ପାଇନଥିବା ବ୍ୟକ୍ତି ପାଇଥିବା ବ୍ୟକ୍ତିଙ୍କୁ ଠିକ୍ ସେହିପରି ମନ୍ତବ୍ୟ ଦେଉଥିବାର ପଢ଼ିବାକୁ, ଶୁଣିବାକୁ ମିଳୁଛି। କବିତା, କାହାଣୀ, ନିବନ୍ଧ, ନାଟକ, ଉପନ୍ୟାସ, ରମ୍ୟରଚନା, ପ୍ରବନ୍ଧ ଲେଖୁଥିବା ଦଳେ ଲୋକ ଗାଁ ସହର ନଗରରେ ରହି ଭିନ୍ନ ଭିନ୍ନ ଦଳ ଗଢ଼ି କନ୍ଦଳରେ ଲିପ୍ତ ରହିବା ବାସ୍ତବରେ ଏକ ଦୁଃଖଦ ଅନୁଭୂତି। ଆଉ ଦଳେ ସାହିତ୍ୟିକ ସମ୍ବାଦପତ୍ରରେ ସ୍ତମ୍ଭ ରଚନା କରି ପରସ୍ପରର ବ୍ୟକ୍ତିଗତ ଦୋଷ, ଦୁର୍ଗୁଣ, ଦୁର୍ବଳତାକୁ ପ୍ରକାଶ କରୁଥିବାର ନାଟକ ଦେଖିଲେ ମନକୁ ପ୍ରଶ୍ନ ଆସେ, ଏମାନେ ଏତେ ନିମ୍ନ ସୋପାନକୁ କିପରି ଅବରୋହଣ କରିଯାଉଛନ୍ତି ସତରେ ! ପରସ୍ପର ମୈତ୍ରୀ ମମତା ବନ୍ଧନରେ ବାନ୍ଧିହୋଇପାରୁନଥିବା ସାହିତ୍ୟିକମାନେ ଯଦି ସେମାନଙ୍କ ରଚନାରେ ପାଠକ ଓ ସାଧାରଣଜନତାଙ୍କୁ ଆହ୍ୱାନ ଦିଅନ୍ତି ମୈତ୍ରୀ, ମମତା ବନ୍ଧନରେ ବାନ୍ଧିହେବା ପାଇଁ, ତେବେ ତାହା ଛଳନାର ନାମାନ୍ତର ବ୍ୟତୀତ ଆଉ କ'ଣ ହୋଇପାରେ ?

ସାମ୍ପ୍ରତିକ ସମୟରେ ବ୍ୟକ୍ତିର ଛଳନାସର୍ବସ୍ୱ ଜୀବନଧାରା ସମାଜ-ଜୀବନକୁ ବହୁଭାବରେ ବିପର୍ଯ୍ୟସ୍ତ କରୁଛି। ସାମାଜିକ ଜୀବନରେ ନିଜକୁ ସେବକ ରୂପେ ପ୍ରଦର୍ଶିତ କରୁଥିବା ବ୍ୟକ୍ତି ପାରିବାରିକ ଜୀବନରେ ଆଳସ୍ୟପରାୟଣ କର୍ମକୁଣ୍ଠ ନହୋଇ ସେବକଟିଏ ହେଉ ଓ ସେବକମାନଙ୍କ ପ୍ରତି କୋମଳ ବ୍ୟବହାର ପ୍ରଦର୍ଶନ କରୁ। ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ପାଇଁ ନିଯୁକ୍ତ ବ୍ୟକ୍ତି ଠିକାଦାରୀରେ ଆଗ୍ରହୀ ନହୋଇ ଶିକ୍ଷାଦାନରେ ଆନ୍ତରିକତା ପ୍ରକଟ କରୁ। ସାହିତ୍ୟ-ରଚନାରେ ମନୋନିବେଶ କରିଥିବା ବ୍ୟକ୍ତିମାନେ ସର୍ବପ୍ରଥମେ ପରସ୍ପର ମୈତ୍ରୀ ବନ୍ଧନରେ ବାନ୍ଧିହୋଇ ପରେ ପାଠକମାନଙ୍କୁ ମିତ୍ରତା, ମମତା ଓ ମର୍ଯ୍ୟାଦା ପ୍ରତିଷ୍ଠା ନିମିତ୍ତ ଆହ୍ୱାନ ଦିଅନ୍ତୁ। ଜଣେ ପ୍ରଥମେ ନିଜେ ଭଲ ହୋଇ ପରେ ଅନ୍ୟମାନଙ୍କୁ ଭଲହେବାକୁ ଦିଗ୍‌ଦର୍ଶନ ଦେଉ।

-ଇଂରାଜୀ ବିଭାଗ ମୁଖ୍ୟ, ଧର୍ମଶାଳା ମହାବିଦ୍ୟାଳୟ, ଯାଜପୁର, ମୋ-୯୮୫୩୨୮୨୯୬୨

ଭିଡ଼ ଭିତରେ 'ମୁଁ'

ବ୍ରହ୍ମଚାରୀ ସତ୍ୟଚୈତନ୍ୟ

ଶରୀର ଭିତରେ 'ମୁଁ' ଏକ ଚେତନ ସତ୍ତା। ଆମେ ଶରୀରକୁ ଦେଖିପାରୁ, ଏ ଚେତନ ସତ୍ତାଟିକୁ ଦେଖିପାରୁନା, ଛୁଇଁପାରୁନା। ଆମେ ଆଉ ଯାହାକୁ ଚିହ୍ନୁ କି ନଚିହ୍ନୁ 'ମୁଁ'କୁ ଭଲଭାବରେ ଚିହ୍ନୁ। 'ମୁଁ' କେତେବେଳେ ଅଭିମାନର ଖୋଳପା ଭିତରେ ଥାଏ ତ କେତେବେଳେ ଆବରଣମୁକ୍ତ ଅବସ୍ଥାରେ। ପ୍ରତିଟି ଶରୀର ଭିତରେ 'ମୁଁ' ଆଉ 'ମୋର' ଭାବନା ଜମାଟ ବାନ୍ଧିଛି। ସେ ଭାବନା ପ୍ରତିଷ୍ଠା, ପ୍ରତିପତ୍ତିକୁ ନେଇ ହୋଇପାରେ ବା ମୋକ୍ଷ, ମୁକ୍ତି, ନିର୍ବାଣ ପାଇଁ। 'ମୁଁ'କୁ ଛାଡ଼ି ଶରୀରର ଅସ୍ତିତ୍ୱ ନାହିଁ। 'ମୁଁ'ର ଅବସ୍ଥିତି ଅଛି; ବିସ୍ମୃତି ନାହିଁ। ଏହା ଶିଶୁଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସବୁରି ଭିତରେ ବସା ବାନ୍ଧିଛି। ଗୋଟିଏ ଶିଶୁ ଆଗରେ ତା'ର ସମ୍ପର୍କୀୟ ଅନ୍ୟ ଶିଶୁକୁ ଧରିଲେ ତା' ଭିତରେ 'ମୁଁ'କାର ଚେଇଁ ଉଠେ। ସେ କାନ୍ଦେ। ସେ ବି ଚାହେଁ ତା' ଆସନ କେହି ନନେଉ। ରାଜନୀତିଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନରେ ନିଜର ଆଧିପତ୍ୟକୁ ସମସ୍ତେ ଜାବୁଡ଼ି ଧରିଛନ୍ତି। ପଦ, ପ୍ରତିଷ୍ଠା ପାଇଁ ଅଣ୍ଟା ଭିଡ଼ିଥିବା 'ମୁଁ'ଟି ଦୌଡ଼ ପ୍ରତିଯୋଗିତାରେ ସାମିଲ୍ ହୋଇଥାଏ। ସବୁବେଳେ ଚାହେଁ ଭିଡ଼ ଠେଲି ଆଗରେ ପହଞ୍ଚିବାକୁ। ଏହାର କେତୋଟି ଉଦାହରଣ ନିଆଯାଇପାରେ। ମନେକର ଅନେକ ଲୋକଙ୍କ ଫଟୋ ଅଛି। ତହିଁରେ ଆମେ ପ୍ରଥମେ ନିଜକୁ ଖୋଜୁ। ଫେସ୍‌ବୁକ୍, ହ୍ୱାଟସ୍‌ଆପ୍, ଟ୍ୱିଟର୍ ଭଳି ବିଭିନ୍ନ ସୋସିଆଲ୍ ମିଡିଆର ଭିଡ଼ ଭିତରେ ବି ନିଜକୁ ଅଣ୍ଡାଳୁ। ନିଜର କୃତିକୁ ସମସ୍ତଙ୍କ ପାଖରେ ପହଞ୍ଚାଉ। କେହିକେହି ବି ନିଜ ପାଇଁ ପୁରସ୍କାର ଗୋଟାଇବାରେ ବ୍ୟସ୍ତ। ସାହିତ୍ୟ, କଳା, ସଂସ୍କୃତି, ଶିକ୍ଷା ଭଳି ଅନେକ କ୍ଷେତ୍ରରେ ରହିଛି 'ମୁଁ'ର ଭିଡ଼। ଏ ଭିଡ଼ ଭିତରେ ନିଜର ପତିଆରା ସୃଷ୍ଟି କରିବାକୁ ଲୋକେ ମିଛ ଓ ଛଳନାର ଆଶ୍ରୟ ନିଅନ୍ତି। ନିଜର ଶିକ୍ଷାଗତ ଯୋଗ୍ୟତା, ଧନ-ସମ୍ପତ୍ତି, ସମ୍ମାନ, ଦାନ-ଧର୍ମ ଓ ସମ୍ପର୍କର ପରିସୀମା ଇତ୍ୟାଦି ଯେତିକି ଥାଏ ଅନ୍ୟ ପାଖରେ ତା'ଠାରୁ ବଢ଼େଇ କହନ୍ତି। ଦୋଷ, ଦୁର୍ବଳତା, କୁକର୍ମର ମଇଳା ଲାଗିଥିଲେ ବି ଯୁକ୍ତି ଛଳରେ ଦୋଷଯୁକ୍ତ 'ମୁଁ'କୁ କଳଙ୍କମୁକ୍ତ କରିବାକୁ ବୃଥା ଚେଷ୍ଟାକରନ୍ତି। ଆବଶ୍ୟକ ନଥାଇ ବିବେକକୁ ହତ୍ୟା କରନ୍ତି। ବାରମ୍ବାର ବିବେକକୁ ହତ୍ୟା କରିବା ଦ୍ୱାରା 'ମୁଁ'କାର ବଞ୍ଚିବାର ଖୋରାକ ପାଏ। ମଣିଷ ପାଖରେ ସିନା ନିଜକୁ ଲୁଚାଇହେବ, କିନ୍ତୁ ଅଦୃଷ୍ଟ ସତ୍ତା ପାଖରେ ପ୍ରତ୍ୟେକଙ୍କ ଚରିତ୍ରଟି ପୂରା ଫୁଙ୍ଗୁଳା। ବେଳେବେଳେ 'ମୁଁ'ର ଝୁଙ୍କ ବଢ଼ିଗଲେ ମଣିଷ ବ୍ୟସ୍ତ ହୋଇପଡ଼େ। ସଭାସମିତିରେ ଲମ୍ବା ପରିଚୟ ନମିଳିଲେ ନିଜର ଢେଙ୍ଗୁରା ନିଜେ ପିଟନ୍ତି। ଲୋକ ନଚାହିଁଲେ ବି ଭାଷଣ ବଢ଼େଇଦିଅନ୍ତି। ପାଳ ପକେଇ ଉଚ୍ଚ ହେବାକୁ ଚେଷ୍ଟାକରନ୍ତି। ନିଜର କଳା, ଲେଖା, ପୁରସ୍କାରର ପରିଚୟ ନିଜେ ଦିଅନ୍ତି। ଗୌରବ ବଢ଼ାଇବାକୁ ଦୂର ସମ୍ପର୍କୀୟଙ୍କର ପ୍ରତିଷ୍ଠାକୁ ଆଣି ତାଳିପକାନ୍ତି। ନିଜ ପତିଆରାକୁ ବଢ଼ାନ୍ତି। ଏମିତି ଲୋକ ନିଜର ପ୍ରଶଂସା ଓ ଅନ୍ୟର ନିନ୍ଦାରେ ମଧ୍ୟ ଉଲ୍ଲସିତ ହୋଇପଡ଼ନ୍ତି। ଏ ଅଭ୍ୟାସ ଦ୍ୱାରା 'ମୁଁ'ର ଚେର ମଟାଳକୁ ଚାଲିଯାଏ।

ବେଳେବେଳେ ଛଳନାର ଖୋଳପାରେ ଥିବା ମଣିଷମାନଙ୍କ 'ମୁଁ'କାର ବି ଚେଇଁଉଠେ। ଧନୀହୋଇ ଦରିଦ୍ରର ଅଭିନୟ କରିବା, ଶାସ୍ତ୍ର ଘୋଷି ପଣ୍ଡିତ ବୋଲାଇଥିବା ଲୋକ ନିଜକୁ ମୂର୍ଖ-ଅଧମ କହିବା, ସୁଉଚ୍ଚ ଅଟ୍ଟାଳିକାକୁ କୁଡ଼ିଆର ମାନ୍ୟତା ଦେବା, ଦାମିକା ପୋଷାକକୁ ସୂତାଖିଏ ସ୍ୱୀକାର କରିବା, ବହୁ ସମ୍ପତ୍ତିକୁ ଦି'ପାଦେ ଭୂଇଁ ବୋଲି କହିବା ଏବଂ ସୁସ୍ୱାଦୁ ଭୋଜନକୁ ଖୁଦ ଭଜାର ଆଖ୍ୟାଦେବା ମଧ୍ୟ ଅଘୋଷିତ ଅହମିକା। ପ୍ରତିଟି ବାକ୍ୟ ପଛରେ 'ମୁଁ'କାର ଜଳଜଳକରି ଦେଖାଯାଉଥାଏ। ବାସ୍ତବରେ ବିଚାର କଲେ ପଦ, ପ୍ରତିଷ୍ଠା, ବଡ଼ିମା ଚୋରାବାଲି ଭଳି। ଚୋରାବାଲି କ'ଣ କାହାକୁ ଧରିରଖିଲାଣି ? ବରଂ ସେଠି ଯିଏ ପାଦ ଥାପିଛି, ତା'କୁ ନିଜଭିତରେ ଲୀନ କରିଦେଇଛି। ବ୍ୟକ୍ତିର ଅସ୍ତିତ୍ୱ ହଜେଇ ଦେଇଛି। ସ୍ୱାର୍ଥର ଚୋରାବାଲିରେ 'ମୁଁ'କୁ ପ୍ରତିଷ୍ଠା କଲେ ପାଦ ତଳକୁ ତଳକୁ ଯିବ। ଇତିହାସର ପୃଷ୍ଠା ଦେଖନ୍ତୁ। ଅଭିମାନକୁ ଭିତିକରି କେହି କ'ଣ ପ୍ରତିଷ୍ଠା ପାଇଛନ୍ତି ? 'ମୁଁ' ସହିତ ଅଭିମାନ ମିଶିଗଲେ ବିରାଟ ଦ୍ରୁମ ପାଲଟିଯାଏ ଓ ତ୍ୟାଗ ମିଶିଗଲେ ଅଣୁଭଳି କ୍ଷୁଦ୍ରତର ହୋଇଯାଏ। ନିଃସ୍ୱାର୍ଥ, ସେବା, ତ୍ୟାଗ, ସ୍ନେହ, ପ୍ରେମର ଚଟାଣ ଉପରେ ଠିଆ ହୋଇଥିବା ମଣିଷ କେବେ ବି ନିଜର ପ୍ରତିଷ୍ଠା ଚାହେଁନା। ତା' ପାଇଁ 'ମୁଁ'କାରର ସ୍ୱର ଖୁବ୍ କ୍ଷୀଣ। ସେ ପ୍ରତିଷ୍ଠାକୁ ପଛକରି ଜୀବନ ପୃଷ୍ଠାରେ ଦୟା, କରୁଣାର ଶବ୍ଦ ସବୁ ଲେଖିଚାଲିଥାଏ। ନିଜ ଅଜାଣତରେ ଶେଷ ପୃଷ୍ଠାରେ ପହଞ୍ଚିଯାଏ। ସେଇଠି ଦେଖେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କିଛି ନାଁ। ସେ ନାଁ ଆଉ କାହାର ନୁହେଁ, ତା' ଭଳି କେତେଜଣ ନିଃସ୍ୱାର୍ଥପର ଓ ତ୍ୟାଗୀ ମଣିଷଙ୍କର ନାଁ। ତା' ନିଜର ନାଁ। ଗୋଟାଏ ମୁହୂର୍ତ୍ତ 'ମୁଁ'ର ଭିଡ଼ରୁ ବାହାରି ଆସ। ଉପଢ଼ୌକନ, ମାନପତ୍ର, ନାମଫଳକ, ନିଜର ସ୍ତୁତି ଶୁଣିବା ଇତ୍ୟାଦିର ବନ୍ଧନରୁ ମୁକୁଳିଯାଅ। ନିଜ ଅହମିକାକୁ ବିବେକ ଆଗରେ ଠିଆକର। ଦେଖିବ, 'ମୁଁ'କାର ସମ୍ପୂର୍ଣ୍ଣ ନିରବିଯିବ, ବିବେକ ମୁହଁ ଖୋଲିବ। କାହାର ଜୀବନର ବହି କେତେ ପୃଷ୍ଠା ବିଶିଷ୍ଟ କେହି କହିପାରିବନି। ତଥାପି ପ୍ରତିଟି ଦିନକୁ ଶେଷ ପୃଷ୍ଠା ବିଚାର କରାଯାଉ। ଅନ୍ତତଃ ଗୋଟିଏ ଦିନ ପାଇଁ ଭଲକର୍ମ କରିବାର ସଂକଳ୍ପ ନେଲେ ଜୀବନ ପୋଥିଟି ସୁଗନ୍ଧରେ ପରିପୂର୍ଣ୍ଣ ହୋଇଯିବ। ତହିଁରୁ ଦୟା, ପ୍ରେମ, କରୁଣାର ମଧୁ ବର୍ଷା ହେବ। ସେହି ଅଜସ୍ର ବର୍ଷା ବିନ୍ଦୁର ଭିଡ଼ଭିତରେ ତୁମେ କୁଆପଥରଟିଏ ହୋଇ ଚିକ୍‌ଚିକ୍ କରୁଥିବ।

-ଅସୀମାଲୋକ, ବିଡ଼ାନାସୀ, କଟକ-୧୪

ସତ୍‌ସଙ୍ଗର ମହିମା

ଡ. ପ୍ରତିଭା ମହାରଥୀ

ସତ୍‌ସଙ୍ଗର ମହିମା ଅବର୍ଣ୍ଣନୀୟ। କଥିତ ଅଛି ଗଙ୍ଗା ସ୍ନାନରେ ପାପ ଧୋଇଯାଏ, ଚନ୍ଦ୍ରାଲୋକରେ ତାପ ଅପସରିଯାଏ, କଳ୍ପଦ୍ରୁମ ତଳେ ଥିଲେ ଦୀନତାର ଅପନୋଦନ ହୋଇଥାଏ। ମାତ୍ର ଏହି ତିନୋଟି ଯାକ ଫଳ ଏକ ସଙ୍ଗେ ତତ୍‌କ୍ଷଣାତ୍ ପ୍ରାପ୍ତି ହୋଇଥାଏ ସନ୍ଥ ମହାତ୍ମାଙ୍କ ଦର୍ଶନରେ। ସାଧୁ, ସନ୍ଥ, ମୁନି, ଋଷି, ସିଦ୍ଧ ସାଧକମାନେ ଯୁଗେ ଯୁଗେ ଅଜ୍ଞାନ ଅନ୍ଧକାର ଦୂର କରି ଜୀବନର ଚରମ ଓ ପରମ ସତ୍ୟର ଏକ ସୁନ୍ଦର, ସରଳ, ଚିତ୍ର ଉପସ୍ଥାପନ କରିଥାନ୍ତି। ବେଳେ ବେଳେ ଜୀବନର ଅନେକ ସମସ୍ୟା ବର୍ଷ ବର୍ଷ ଧରି ଅସମାଧିତ ଥିବାବେଳେ ସାଧୁ, ସନ୍ଥଙ୍କ ପ୍ରବଚନର କେତୋଟି ଧାଡ଼ି ବା ଶବ୍ଦରେ ଅଚାନକ ସମାଧାନର ସୂତ୍ର ମିଳିଯାଇଥାଏ। ଏପରି ଅଜସ୍ର ଘଟଣାର ଦୃଷ୍ଟାନ୍ତ ରହିଛି। ସେହିପରି ଏକ ଘଟଣା ନିମ୍ନରେ ପ୍ରଦାନ କରାଗଲା।

ତୁଳସୀ ଦାସଙ୍କର ଏକ ସଭାରେ ହଜାର ହଜାର ଭକ୍ତ ରୁଣ୍ଡ ହୋଇଥାନ୍ତି। ସେହି ସଭାର ଆଗ ଧାଡ଼ିରେ ଯେଉଁଠି ତୁଳସୀ ଦାସ ପ୍ରବଚନ ଦେବେ, ଠିକ୍ ତାଙ୍କ ସମ୍ମୁଖରେ ବସିଥା'ନ୍ତି ଜଣେ ନବବିବାହିତା ବଧୂ। ଏମିତି ସ୍ଥାନରେ ବସିବାର ତାଙ୍କର ଅଭିପ୍ରାୟ ହେଲା ତାଙ୍କ ସ୍ୱାମୀ ତାଙ୍କୁ ଗୋଟିଏ ଅତି ଦାମିକା ନାକଫୁଲଟିଏ କିଣି ଉପହାର ଦେଇଥା'ନ୍ତି, ତାଙ୍କ ନାକକୁ ସେ ନାକଫୁଲଟି ବି ବହୁତ ମାନୁଥାଏ। ସେହି ନାକଫୁଲଟିକୁ ଦେଖାଇବା ପାଇଁ ସେ ସଭାକୁ ଯାଇଥିଲେ। ଆଗରେ ବସିଲେ ତୁଳସୀ ଦାସଙ୍କ ପରି ମହାତ୍ମାଙ୍କର ନଜର ଯଦି ତାଙ୍କ ନାକଫୁଲ ଉପରେ ଟିକିଏ ପଡ଼ିଯାଏ-ଆଉ ସେ ଯଦି ଟିକିଏ ନାକଫୁଲର ପ୍ରଶଂସା କରିଦିଅନ୍ତି ତେବେ ତାଙ୍କ ଜୀବନଟା ସାର୍ଥକ ହୋଇଯିବ। ସମସ୍ତେ ମଧ୍ୟ ସେହି ନାକଫୁଲଟିର ପ୍ରଶଂସା ଶୁଣିବେ...। ଫଳରେ ତାଙ୍କ ଛାତି କୁଣ୍ଢେମୋଟ ହୋଇଯିବ। ସଭାକୁ ଆସିବାଟା ସାର୍ଥକ ହୋଇଯିବ।

ଠିକ୍ ସମୟରେ ମହାତ୍ମା ତୁଳସୀ ଦାସ ଆସି ପ୍ରବଚନ ଦେବା ଆରମ୍ଭ କରିଦେଲେ। ତୁଳସୀ ଦାସଙ୍କ ପ୍ରବଚନ ସମସ୍ତେ ମନ୍ତ୍ରମୁଗ୍‌ଧବତ୍ ଶୁଣୁଥା'ନ୍ତି। ନୀରବ ନିସ୍ତବ୍ଧ ହୋଇ ଦିବ୍ୟ ଭଗବତ ରସପାନ କରୁଥାନ୍ତି ଭକ୍ତମାନେ। କିନ୍ତୁ ଏହି ବୋହୂଟିର ମନ ତ ଭଗବାନଙ୍କ କଥା ଶୁଣିବା ପାଇଁ ନଥାଏ। ତା' ମନଟି ଥାଏ ତା' ନାକଫୁଲ ପାଖରେ। କେତେବେଳେ ତୁଳସୀ ଦାସଙ୍କର ନଜର ତା' ଉପରେ ଏବଂ ତା' ନାକଫୁଲ ଉପରେ ପଡ଼ିବ - ଏହାଥାଏ ତା'ର ଚିନ୍ତା। ଏଣୁ ତୁଳସୀ ଦାସଙ୍କ ନଜର କିପରି ତା' ଉପରେ ପଡ଼ିବ ସେଥିଲାଗି ସେ ମୁଣ୍ଡ ହଲେଇ ଭାଗବତ ରସପାନ କରିଗଲା ପରି ଅଭିନୟ କରୁଥାଏ। ମୁଣ୍ଡ ହଲେଇବାର କାରଣ ହେଲା– ମୁଣ୍ଡ ହଲିଲେ ନାକ ହଲିବ। ନାଲ ହଲିଲେ ଫୁଲ ହଲିବ। ଫଳରେ ତୁଳସୀ ଦାସ ତା' ନାକଫୁଲକୁ ଚାହିଁବେ। ହେଲେ ତୁଳସୀ ଦାସ ତ ଭଗବତ୍ ପ୍ରେମରେ ତନ୍ମୟ ହୋଇ ପ୍ରବଚନ ଦେବାରେ ଲାଗିଥାନ୍ତି। ତାଙ୍କର ମନ ରହିଥାଏ ଭଗବାନଙ୍କ ପାଦପଦ୍ମରେ। ସେତେବେଳେ ତାଙ୍କର ବାହ୍ୟଜ୍ଞାନ ନଥାଏ। ଏଣେ ସମୟ ଯେତିକି ବଢ଼ିବାରେ ଲାଗିଥାଏ, ସେତେବେଳକୁ ବୋହୂଟିର ବ୍ୟସ୍ତତା ମଧ୍ୟ ସେତିକି ବଢ଼ିବାରେ ଲାଗିଥାଏ। ସେତେବେଳକୁ ବୋହୂ ଅଧୈର୍ଯ୍ୟ ହୋଇ ପଡ଼ିଲାଣି। ମନେମନେ ଭାବିଲା, "ଲୋକେ କହନ୍ତି ତୁଳସୀ ଦାସ ସିଦ୍ଧ ପୁରୁଷ, ତ୍ରିକାଳଦର୍ଶୀ, ସମସ୍ତଙ୍କର ଅନ୍ତର କଥା ଜାଣିପାରନ୍ତି, ହେଲେ ମୋର ଅନ୍ତର କଥାଟା ବୁଝିପାରୁ ନାହାନ୍ତି କାହିଁକି ?" ଭଗବାନଙ୍କର ଲୀଳା ବିଚିତ୍ର। ପ୍ରବଚନ ସେତେବେଳକୁ ସରି ସରି ଆସୁଛି, ହଠାତ୍ ତୁଳସୀ ଦାସଙ୍କର କୃପାଦୃଷ୍ଟି ପଡ଼ିଲା ସେହି ବୋହୂ ଉପରେ। ବୋହୂଟିକୁ ସ୍ନେହଭରା ଚାହାଣୀରେ ଚାହିଁ ତୁଳସୀ ଦାସ କହିଲେ, "ମା ଗୋ ତୁମେ ଧନ୍ୟ। ତୁମ ନାକଫୁଲ ଧନ୍ୟ। ତୁମ ନାକକୁ ଏ ଫୁଲଟି ଅତି ଚମତ୍କାର ଦେଖାଯାଉଛି।" ହଠାତ୍ ଏଡ଼େ ବଡ଼ ସଭାରେ ଗୋଟିଏ ନାକଫୁଲର ପ୍ରଶଂସା ତୁଳସୀ ଦାସଙ୍କ ପରି ମହାତ୍ମା କରୁଥିବାରୁ ସମସ୍ତେ ଚକିତ ହୋଇ ଚାହିଁଲେ–"କିଏ ସେହି ଭାଗ୍ୟବତୀ ନାରୀ ! ଯାହାର ଏଡ଼େ ଟିକିଏ ନାକଫୁଲର ପ୍ରଶଂସା ଏଡ଼େବଡ଼ ଆଧ୍ୟାତ୍ମିକ ସଭାରେ ତୁଳସୀ ଦାସଙ୍କ ପରି ସନ୍ଥ ମହାତ୍ମା କରୁଛନ୍ତି !" ବୁଢ଼ାମାନେ ସବୁ ଚଷମା ଟେକି ଅନାଇବାକୁ ଲାଗିଲେ, ମହିଳାମାନେ ସବୁ ମୁଣ୍ଡ ଟେକି ଚାହିଁଲେ। ସେହି ନାରୀଟିକୁ ଦେଖିବା ଲାଗି ସମସ୍ତଙ୍କ ଭିତରେ ଆଗ୍ରହ ସୃଷ୍ଟିହେଲା। ତୁଳସୀ ଦାସଙ୍କ ପରି ମହାତ୍ମାଙ୍କଠାରୁ ବୋହୂଟି, ତା' ନାକଫୁଲର ପ୍ରଶଂସା ଶୁଣି ଆନନ୍ଦରେ ଶିହରି ଉଠିଲା। ସେ ସ୍ଥାନରୁ ଉଠିପଡ଼ି ସିଧାସଳଖ ତୁଳସୀ ଦାସଙ୍କ ପାଦଦ୍ୱୟକୁ ଦୁଇ ହାତରେ ଧରି ସାଷ୍ଟାଙ୍ଗ ପ୍ରଣିପାତ କଲା। ତୁଳସୀ ଦାସ ତାଙ୍କୁ ଆଶୀର୍ବାଦ କରି ତା'ର ମଥା ଆଉଁସି ପାଖରେ ଠିଆ କରି ପଚାରିଲେ, "ମା'ରେ ! ତୁ ଏ ନାକଫୁଲଟିକୁ ବହୁତ ଭଲ ପାଉ, ନୁହେଁ ?"

ବୋହୂଟି ତୁଳସୀ ଦାସଙ୍କୁ କହିଲେ, "ହଁ, ମହାପ୍ରଭୁ, ଏ ନାକଫୁଲଟି ମୋ ସ୍ୱାମୀ କିଣି ଦେଇଛନ୍ତି।" ତୁଳସୀ ଦାସ କହିଲେ, "ମା'ରେ ! ତୁ ଏ ନାକଫୁଲଟିକୁ ଏତେ ଭଲ ପାଉଛୁ। ଆଚ୍ଛା କହିଲୁ ? ତୋର ଏଇ ନାକଫୁଲଟିକୁ ପିନ୍ଧିବା ପାଇଁ ଯଦି ନାକଟି ନଥା'ନ୍ତା ? ତେବେ ତୁ ନାକଫୁଲକୁ କେଉଁଠାରେ ପିନ୍ଧିଥା'ନ୍ତୁ ? ଏ ନାକଟିକୁ ଯିଏ ଦେଇଛନ୍ତି, ତାଙ୍କୁ ତ' ଥରେ ମନେ ପକାଇ ନାହୁଁ ? ତାଙ୍କୁ ଥରେ ଧନ୍ୟବାଦ ଜଣାଇନାହୁଁ ?"

ବେଶ୍। ଏଇ କେତୋଟି ପଦ କଥାରେ ବୋହୂଟିର ଭିତରର ରୁଦ୍ଧ କବାଟଗୁଡ଼ିକ ଉନ୍ମୁକ୍ତ ହୋଇଗଲା। କ୍ଷଣେ ନିମିଷେ ଯେ ସତ୍‌ସଙ୍ଗ କରିବାର ସୁଯୋଗ ପାଇଛି, ସାଧୁସଙ୍ଗ କରିବାର ସୁଯୋଗ ପାଇଛି, ତା' ଜୀବନ ଧନ୍ୟ। ସମସ୍ତଙ୍କ ଭିତରେ ଭଗବାନ ଥିବାରୁ, ମା' ଭଗବତୀ ଥିବାରୁ କାହାର ଜୀବନ କେବେ ବି ବ୍ୟର୍ଥ ହୁଏନାହିଁ। ଏହି ମୁହୂର୍ତ୍ତଟି ବୋହୂ ପାଇଁ ହୋଇଉଠିଲା ଦେବ ମୁହୂର୍ତ୍ତ - ଦିବ୍ୟ ମୁହୂର୍ତ୍ତ। ଖପରା ପରଶମଣି ସ୍ପର୍ଶରେ ସୁବର୍ଣ୍ଣ ପାଲଟି ଯିବାର ମୁହୂର୍ତ୍ତ। ବୋହୂର ଅନ୍ତର ଭଗବାନଙ୍କ ନିମିତ୍ତ କୃତଜ୍ଞତାରେ ଭରିଗଲା। ଆଖିରୁ ତା'ର ଅନର୍ଗଳ କୃତଜ୍ଞତାର ଅଶ୍ରୁ ଝରିବାକୁ ଲାଗିଲା। ସେ ମନରେ ଭାବିବାକୁ ଲାଗିଲା... "ସତେ ତ ! ଖାଲି ଏ ନାକଟି ନୁହେଁ, ଏ ସମସ୍ତ ମନ, ପ୍ରାଣ, ଶରୀର, ଏ ପରିବାର, ଏ ଧନ-ଦୌଲତ-ଚାକିରି-ନୌକର, ବ୍ୟବସାୟ-ବାଣିଜ୍ୟ କ'ଣ ଭଗବାନଙ୍କର ନୁହେଁ ? ସବୁ ତ ତାଙ୍କରି ଦାନ। ସେହି ତ ଆମକୁ ଏ ଦେବଦୁର୍ଲ୍ଲଭ ଜୀବନ ଦାନ କରିଛନ୍ତି। ତାଙ୍କ ଛଡ଼ା ଆଉ କେଉଁଠି କିଛି ତ ନାହିଁ !" ବୋହୂଟି ଆଉ ଭାବିପାରିଲା ନାହିଁ। ମହାତ୍ମା ତୁଳସୀ ଦାସଙ୍କର ଚରଣ ଯୁଗଳକୁ ଜାବୁଡ଼ି ଧରି 'ମୋତେ ଉଦ୍ଧାର କର-ଉଦ୍ଧାର କର' କହି କାନ୍ଦିବାକୁ ଲାଗିଲା। ତାହା ଥିଲା ଭଗବାନଙ୍କ ଲାଗି ତା'ର କୃତଜ୍ଞତାର ଅଶ୍ରୁ ଯାହା ମାଧ୍ୟମରେ ତା'ର ସମସ୍ତ ଅହଂକାର, ସମସ୍ତ ଅଜ୍ଞାନତା, ସମସ୍ତ ଅପବିତ୍ରତା, ସମସ୍ତ ସଂକୀର୍ଣ୍ଣତା ଏବଂ ସମସ୍ତ ଅବଗୁଣ ଧୋଇଗଲା। ତା'ପରେ... ? ତା' ପରେ ସେ ବୋହୂ ଓ ତା'ର ପରିବାରବର୍ଗ ସମସ୍ତଙ୍କର ଜୀବନ ଧନ୍ୟ ହୋଇଗଲା। ସେ ଘର ହୋଇଗଲା ଯଥାର୍ଥରେ ଗୋଟିଏ ଭଗବତ୍ ମନ୍ଦିର ଏବଂ ସେ ପରିବାରର ସମସ୍ତେ ହୋଇଉଠିଲେ ଭଗବତ୍ ସେବକ। ସେହିପରି ବୀର ହନୁମାନ ଶ୍ରୀରାମଚନ୍ଦ୍ରଙ୍କଠାରୁ, ଶ୍ୱେତକେତୁ ଉଦ୍ଦାଳକଙ୍କଠାରୁ, ମୈତ୍ରେୟୀ ଯାଜ୍ଞବଲକ୍ୟଙ୍କଠାରୁ, ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କଠାରୁ, ଶୁକଦେବ ଜନକଙ୍କଠାରୁ, ଭୃଗୁ ବରୁଣଙ୍କଠାରୁ କଥା ଛଳରେ ବ୍ରହ୍ମଜ୍ଞାନ ଲାଭ କରିଥିଲେ। ଶୂନ୍ୟର ଡାହାଣ ପଟରେ ଯେତେ ଶୂନ ଥୋଇଲେ ବି ସେ ସବୁ ଶୂନର କିଛି ମୂଲ୍ୟ ନ ଥାଏ। କିନ୍ତୁ ପ୍ରଥମ ଶୂନର ବାମପଟେ ଶୂନ ବ୍ୟତୀତ ଏକ ଅଙ୍କ ଥୋଇଦିଅ, ତେବେ ଦେଖିବ ସବୁ ଶୂନର କେତେ ମୂଲ୍ୟ ବୃଦ୍ଧି ହୋଇଯିବ, ସେହିପରି ଈଶ୍ୱର ଏକ। ଏ ଜଗତ ଶୂନ୍ୟ। ଈଶ୍ୱର ଓ ଜଗତ ମିଶିଲେ ଯାଇ ଏ ଜଗତ ମହାନ୍ ହୋଇଥାଏ, ଅନେକ ହୋଇଥାଏ।

ସୁଖ, ଶାନ୍ତି, ଆନନ୍ଦ, ଜ୍ଞାନ ଓ ପବିତ୍ରତାର ସାଗରରୂପି ଭଗବାନ ହିଁ ଏକମାତ୍ର ସତ୍ୟ। ତାଙ୍କୁ ମନ, ପ୍ରାଣ, ଚେତନାରେ ଉପଲବ୍ଧି କରି ନ ପାରିଲେ ଜୀବନ ବୃଥା। ସାଗର ଭଗବାନଙ୍କର ଆମେ ସବୁ ଆତ୍ମାମାନେ ଢେଉ ପରି। ପରମାତ୍ମା ହେଲେ ସୃଷ୍ଟିର ମୂଳ ଉତ୍ସ। ଅବିକଳ ଢେଉଭଳି ଅନନ୍ତ ଅସୀମ ପରମାତ୍ମାଙ୍କ ଅଂଶବିଶେଷ ଭାବେ ଆତ୍ମାର ସୃଷ୍ଟି ଏବଂ ମଣିଷ ମରିଗଲା ପରେ ଆତ୍ମା ସେହି ପରମାତ୍ମାଙ୍କ ପାଖକୁ ଚାଲିଯାଏ। ସମୁଦ୍ର ଭଳି ପରମାତ୍ମା ସଦାସର୍ବଦା ଥିଲେ, ଅଛନ୍ତି ଓ ରହିଥିବେ। ମାତ୍ର ଆମ୍ଭେମାନେ ଆଜି ଅଛୁ, କାଲିକି ନଥିବୁ।

ନଅ ଦିନର ରଥଯାତ୍ରାରେ ଜଗନ୍ନାଥ ଏ ସଚରାଚର ପୃଥିବୀପୃଷ୍ଠରେ ଆତଯାତ ମାନବ ସମାଜକୁ ଗୋଟିଏ ବାର୍ତ୍ତା ଦେଇଥାନ୍ତି ଯେ, "ଜୀବନରେ ବାହୁଡ଼ିଯିବାଟା ହିଁ ଏକମାତ୍ର ସତ୍ୟ।" ଅର୍ଥାତ୍ ଏ ଜୀବନ କିଛି ନୁହେଁ, ମାତ୍ର କିଛି ଦିନର ଯାତ୍ରା। ଆମେ ପ୍ରତ୍ୟେକ ଯାତ୍ରାରେ ବାହାରିଛେ। ଏ ଯାତ୍ରା ହୋଇପାରେ ନଅ ଘଣ୍ଟାର, ନଅ ଦିନର, ନଅ ବର୍ଷର ଅବା ନବେ ବର୍ଷର। କିନ୍ତୁ ପ୍ରତ୍ୟେକଙ୍କୁ ଏ ଯାତ୍ରା ଶେଷ କରି ଦିନେ ନା ଦିନେ ବାହୁଡ଼ି ଯିବାକୁ ହେବ, ଲେଉଟି ଯିବାକୁ ହେବ। ଜୀବନଯାତ୍ରାରେ ମୃତ୍ୟୁ ହେଲା ଆରମ୍ଭର ପର୍ବ– ଅନ୍ତିମ ପର୍ବ ନୁହେଁ। ପ୍ରତ୍ୟେକ ଜୀବନର ଲକ୍ଷ୍ୟ ହେଲା ସଦାସୁଖ, ଚିରଶାନ୍ତି ଓ ସମ୍ପୂର୍ଣ୍ଣ ପବିତ୍ରତା ପ୍ରାପ୍ତି। ଏ ସଂକ୍ରାନ୍ତରେ ଗଳ୍ପଟିଏ।

ଜଣେ ବ୍ରାହ୍ମଣ ଏକ ଦୂର ସ୍ଥାନକୁ ଯାଉଥିଲେ। ବାଟରେ ପଡ଼ିଲା ଏକ ନଈ। ଏଇ ଭିତରେ ବ୍ରାହ୍ମଣ ବାଟ ଭୁଲି ସାରିଥିଲେ। ସେ ଅଗତ୍ୟା ନଦୀ କୂଳରେ ଅଟକିଗଲେ। କିଛି ସମୟ ପରେ ତାଙ୍କ ସମକ୍ଷରେ ଦେଖାଗଲା ଜଣେ ଯକ୍ଷ। ବ୍ରାହ୍ମଣ ତାକୁ ସେ ଯାଉଥିବା ସ୍ଥାନର ନାମ କହି ମାର୍ଗ ସମ୍ପର୍କରେ ପଚାରିଲେ। ଯକ୍ଷ କହିଲା, ସେ ସ୍ଥାନକୁ ଯିବା ସକାଶେ ଦୁଇଟି ବାଟ ଅଛି। ଗୋଟିଏ ପାଖ ବାଟ, ଆରଟି ଦୂର। କେଉଁ ବାଟେ ଯିବ ? ବ୍ରାହ୍ମଣ ଉତ୍ସାହିତ ହୋଇ କହିଲେ, ଏଥିରେ ପଚାରିବାର କ'ଣ ଅଛି ? ପାଖ ବାଟେ ଯିବି। ଯକ୍ଷ କହିଲା, ମୋ କଥା ସରିନାହିଁ। ପାଖ ବାଟଟି ମରୁବାଲିରେ ଭରା। ଅନେକ ବାଟଯାଏ ଜନବସତି ନାହିଁ। ଦୂର ବାଟଟି ଏଇ ନଈ କୂଳେ କୂଳେ ପଡ଼ିଛି। କିନ୍ତୁ ଦୂର ବାଟ ଧରି ଗଲେ ତୁମକୁ ସେଠାରେ ପହଞ୍ଚିବାକୁ ଲାଗିଯିବ ଦୁଇ ଦିନ। କିନ୍ତୁ ପାଖ ବାଟରେ ଗଲେ ସନ୍ଧ୍ୟା ଆଗରୁ ପହଞ୍ଚିଯିବ। ତେଣିକି ତୁମେ ଯାହା ଚାହଁ। ବ୍ରାହ୍ମଣ କହିଲେ ଚିନ୍ତା କରିବାର କଣ ଅଛି ? ପାଖ ବାଟେ ଯିବି। ପେଟେ ପାଣି ପିଇବି ଓ ମୋ କମଣ୍ଡଳୁରେ ପାଣି ଭରି କରି ନେବି। ଆଉ ମରୁ ବାଲିକୁ ଭୟ କ'ଣ ? ମଧ୍ୟାହ୍ନ ବେଳକୁ କମଣ୍ଡଳରୁ ପାଣି ସରିଯାଇଥିଲା। ଖରାର ତେଜ କେତେ ଗୁଣ ହୋଇ ସାରିଥିଲା। କହିବା ବାହୁଲ୍ୟ, ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଆଗରୁ ତାଙ୍କ ପ୍ରାଣବାୟୁ ଉଡ଼ିଗଲା।

ଉପନିଷଦରେ ଶ୍ୱେତକେତୁ ତାଙ୍କ ପିତାଙ୍କୁ ପଚାରିଥିଲେ ଆନନ୍ଦ ଆହରଣର ବାଟ କଣ ? ପିତା କହିଥିଲେ, ଯାହା ପରିମେୟ ତାହା କ୍ଷଣସ୍ଥାୟୀ। ଯାହା ଅପରିମେୟ, ତାହା ଚିରନ୍ତନ। ତୁମେ ପରିମେୟକୁ ଛାଡ଼। ଅପରିମେୟ ସହିତ ସମ୍ପର୍କ ବଢ଼ାଅ। ଅପରିମେୟ ହେଲେ ଈଶ୍ୱର। ଯାହା ପରିମେୟ ତାହା ଅଳ୍ପ କାଳ ସକାଶେ ଆନନ୍ଦ ଦେଇ ସରିଯିବ। କିନ୍ତୁ ଅପରିମେୟ ସତ୍ତା ଚିର ଆନନ୍ଦ ଦେବ। କମଣ୍ଡଳୁର ପାଣି ପାଇଁ ବ୍ରାହ୍ମଣ ନଈର ସାଙ୍ଗ ଛାଡ଼ିଲେ ଓ ଅତି କଷ୍ଟ ପାଇ ନିର୍ଜନ ମରୁରେ ମୃତ୍ୟୁବରଣ କଲେ। ଆମେ ଯେଉଁ ମୁହୂର୍ତ୍ତରେ ଜନ୍ମହେଲେ, ମୃତ୍ୟୁ ମଧ୍ୟ ସେହି ମୁହୂର୍ତ୍ତରୁ ଜନ୍ମହେଲା ଏବଂ ଆମ ପାଖେ ପାଖେ ରହି ଆମର ବିଗତ ହୋଇଯାଉଥିବା ମୁହୂର୍ତ୍ତ ମୁହୂର୍ତ୍ତ ଗୁଡ଼ିକୁ ତା' ମୁଣାରେ ତୁରନ୍ତ ସାଉଁଟିନିଏ। ଅର୍ଥାତ୍ ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ଆମ୍ଭମାନଙ୍କର ମୃତ୍ୟୁ ହେଉଥାଏ। ଆମେ ଏ ସଂସାରକୁ ଏକା ଆସିଛେ ଏବଂ ଏକା ମଧ୍ୟ ଯିବା। ପିନ୍ଧା ବସନ ମଧ୍ୟ ଆମର ନୁହେଁ। ଅର୍ଜନ କରିଥିବା ସମସ୍ତ ସମ୍ପତ୍ତି, ଘରଦ୍ୱାର, ବନ୍ଧୁବାନ୍ଧବ, ସନ୍ତାନସନ୍ତତି ଓ ପରିବାରବର୍ଗ ଏହିଠାରେ ହିଁ ରହିଯିବେ। "ଟୀକା ଗୋବିନ୍ଦଚନ୍ଦ୍ର"ରେ ଚମତ୍କାର ଢଙ୍ଗରେ ଲେଖାଯାଇଛି– ***"ଆସିଲାର ବେଳେ ଏକାରେ କୁମର, ଗଲାବେଳେ ଯିବୁ ଏକା/ମଲେ ତୋ ସଙ୍ଗତେ କେହି ତ ନ ଯିବେ, ଧର୍ମ ଥିଲେ ହେବ ସଖା।"***

ତେଣୁ ବେଳ ଥାଉ ଥାଉ ବନ୍ଧ ବାନ୍ଧିବାକୁ ପଡ଼ିବ। ବଡ଼ ଅନିଶ୍ଚିତ ଏ ଜୀବନ। କେବଳ ବର୍ତ୍ତମାନ ସମୟ ହିଁ ତୁମ ହାତ ମୁଠାରେ। ସମୟ ନଷ୍ଟ ନ କରି ଆସନ୍ତୁ ଜୀବନକୁ ଖାଲି ଜୀଇଁବାନି, ଜୀବନକୁ ଗଢ଼ିବା, ଧର୍ମ ସଞ୍ଚୟ କରିବା।

-ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ:-୯୪୩୭୦୩୬୮୦୯

ମୋ ଗାଁ

ଏସବିଆଇ ଗ୍ରୁପ୍ ପକ୍ଷରୁ ଭୁବନେଶ୍ୱରରେ ଏସବିଆଇ ଗ୍ରିନ ମାରାଥନର ତୃତୀୟ ସଂସ୍କରଣ ଆୟୋଜିତ

ଭୁବନେଶ୍ୱର: ପରିବେଶ ନିରନ୍ତରତାର ଭାବ ଏବଂ ଭବିଷ୍ୟତ ପିଢ଼ିର ଉନ୍ନତ ଜୀବନକୁ ପାଳନ କରିବା ଲାଗି ଦେଶର ସର୍ବବୃହତ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏସବିଆଇ ଗ୍ରିନ ମାରାଥନର ତୃତୀୟ ସଂସ୍କରଣ ସହ ଫେରିଛି । ଏସବିଆଇର ଡିଏମ୍‌ଡି ତଥା ସିଆଇଓ ଶ୍ରୀ ଧନଞ୍ଜୟ ତାମ୍ବେ ଓ ଏସବିଆଇର ଶ୍ରୀମତି ପ୍ରବୀଣା କାଲା ଭୁବନେଶ୍ୱର ସର୍କଲ୍‌ର ସିଜିଏମ୍ ଏହି ଦୌଡ଼କୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ ଯେଉଁଥିରେ ପ୍ରାୟ ୪୦୦୦ ଉତ୍ସାହୀ ଦୌଡ଼ାଳିଙ୍କୁ ଦେଖିବାକୁ ମିଳିଛି ।

ଏହି କାର୍ଯ୍ୟକ୍ରମ ଅବସରରେ ଦୂତି ଚାନ୍ଦ, ଏସିଆନ ୨୦୧୮ ରୌପ୍ୟ ପଦକ ବିଜୟିନୀ (୧୦୦ମିଟର ଓ ୨୦୦ ମିଟର ବର୍ଗ) ଏବଂ ଓଡ଼ିଶା ମହିଳା ଫୁଟବଲ ଦଳର ମୁଖ୍ୟ କୋଚ ତଥା ଭାରତୀୟ ଜାତୀୟ ମହିଳା ଫୁଟବଲ ଟିମର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଉପସ୍ଥିତ ଥିଲେ । ରବିବାର ସକାଳେ କଳିଙ୍ଗ ଷ୍ଟାଡିୟମ୍‌ରେ ସାରା ସହରର ଅଂଶଗ୍ରହଣକାରୀ ଏକତ୍ରୀତ ହୋଇ ସବୁଜ ଭବିଷ୍ୟତର ଶପଥ ନେଇ ୫,୧୦,୨୧ କିମି ମାରାଥନ ଦୌଡ଼ିଥିଲେ ।

ଅନ୍ୟ ଅଂଶଗ୍ରହଣକାରୀମାନଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଦୌଡ଼ରେ ସାମିଲ ହୋଇଥିଲେ । ସ୍ୱଚ୍ଛ ଓ ସବୁଜ ସହରର ପ୍ରଚାର ଲାଗି ସମସ୍ତ ଦୌଡ଼ାଳୀଙ୍କୁ ଅର୍ଗାନିକ୍ ଟି-ସାର୍ଟ ପ୍ରଦାନ କରାଯାଇଥିଲା । ୫କିମି ଦୌଡ଼ାଳୀଙ୍କ ବିବସ୍‌ରେ ବିହନ ରହିଥିଲା ଯାହାକୁ ମାରାଥନ୍ ପରେ ରୋପଣ କରାଯିବ ।

ଏସବିଆଇ ଗ୍ରିନ ମାରାଥନର ତୃତୀୟ ସଂସ୍କରଣ ୧୫ଟି ସହର ଯଥା ହାଇଦ୍ରାବାଦ, ଭୋପାଳ, ଅହମ୍ମଦାବାଦ, ପାଟନା, ଚେନ୍ନାଇ, ଜୟପୁର, କୋଲକାତା, ମୁମ୍ବାଇ, ଚଣ୍ଡିଗଡ଼ ଏବଂ ନୂଆଦିଲ୍ଲୀ ଦେଇ ଯାତ୍ରା କରିବ । ଏହାର ଉଦଘାଟନୀ ସମାରୋହ ନିକଟରେ ଲକ୍ଷ୍ନୌ ଠାରେ ଆୟୋଜନ କରାଯାଇଥିଲା ଏବଂ ପରବର୍ତ୍ତି ସମୟରେ ଏହାକୁ ଗୌହାଟି, ଥିରୁବନନ୍ତପୁରମ ଓ ବାଙ୍ଗାଲୋରରେ ଆୟୋଜନ କରାଯାଇଥିଲା । ଏସବିଆଇ ଗ୍ରିନ ମାରାଥନ ପାଇଁ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ସ୍ୱାସ୍ଥ୍ୟ ସହଯୋଗୀ ହୋଇଥିବା ବେଳେ ଏସବିଆଇ ମ୍ୟୁଚୁଆଲ ଫଣ୍ଡ ମଧ୍ୟ ଏହି ଶୂନ ବର୍ଜ୍ୟ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରିଛି ।

ମାଇଣ୍ଡଫାୟାର୍ ସଲ୍ୟୁସନ୍ସ ପକ୍ଷରୁ ଭୁବନେଶ୍ୱରରେ ଟେକ୍ ଭୁବନେଶ୍ୱର ୨୦୧୯ ଆୟୋଜିତ

ଭୁବନେଶ୍ୱର: ମାଇଣ୍ଡଫାୟାର ସଲ୍ୟୁସନ୍ସ ପକ୍ଷରୁ ଆଜି ସ୍ଥାନୀୟ ହୋଟେଲ ମେ'ଫେୟାର କନ୍‌ଭେନ୍‌ସନଠାରେ ଟେକ୍‌ଭୁବନେଶ୍ୱରର ୪ର୍ଥ ସଂସ୍କରଣ ଆୟୋଜିତ ହୋଇଯାଇଛି । ଏକ ଦିନ ବ୍ୟାପି ଲାଗିରହିଥିବା ଉକ୍ତ କାର୍ଯ୍ୟକ୍ରମରେ ଟେକ୍ନିକାଲ ଓ ମୋଟିଭେସ୍‌ନାଲ ସେସନ୍ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଓଡିଶା ସରକାରଙ୍କ ଇଲେକ୍‌ଟ୍ରୋନିକ୍ ଓ ଆଇଟି ସଚିବ, ମନୋଜ ମିଶ୍ର ପ୍ରଦୀପ ପ୍ରଜ୍ୱଳନକରି ଉଦ୍‌ଘାଟନ କରିଥିବାବେଳେ ମାଇଣ୍ଡଫାୟାର ସଲ୍ୟୁସନର ପ୍ରେସିଡେ଼ଣ୍ଟ ଏବଂ ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ, ଶ୍ରୀଯୁକ୍ତ ଚିନ୍ମୟ ପଣ୍ଡା ଉପସ୍ଥିତ ରହିଥିଲେ ।

ଓଡିଶାର ସଂସ୍କୃତିକୁ ବିଶ୍ୱ ସମୁଦାୟ ନିକଟରେ ପ୍ରଦର୍ଶିତ କରିବା ପାଇଁ ଚଳିତ ବର୍ଷର କାର୍ଯ୍ୟକ୍ରମ ନୃତ୍ୟ ନୈବେଦ୍ୟ ଗ୍ରୁପ୍ ଦ୍ୱାରା ପାଇକ ବିଦ୍ରୋହ ଆଧାରିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣରୁ ଆରମ୍ଭ କରାଯାଇଛି ।

ଏକ ଦାୟିତ୍ୱବାନ ସଂଗଠନ ଭାବେ ଆମେ ଏହି କାର୍ଯ୍ୟକ୍ରମକୁ ଅଧିକ ପରିବେଶ ଉପଯୋଗୀ ଓ ପେପରବିହୀନ କରିବାକୁ ଉଦ୍ୟମ କରିଛୁ ।

ଏହି ଅବସରରେ ମାଇଣ୍ଡଫାୟାର୍‌ର ସିଓଓ, ସୌମ୍ୟ ମିଶ୍ର କହିଛନ୍ତିଯେ, 'ଟେକ୍‌ଭୁବନେଶ୍ୱର ହେଉଛି ଭୁବନେଶ୍ୱରସ୍ଥିତ ଆଇଟି ମେଜର୍ ମାଇଣ୍ଡଫାୟାର ସଲ୍ୟୁସନ୍ସ ଦ୍ୱାରା ପ୍ରେରିତ ଏକ ବାର୍ଷିକ ମେଗା ଟେକ୍ ଇଭେଣ୍ଟ । ଏହି କାର୍ଯ୍ୟକ୍ରମ ବିଶ୍ୱବ୍ୟାପୀ ସମସ୍ତ ଆଇଟି ବିଶେଷଜ୍ଞଙ୍କୁ ଲକ୍ଷ୍ୟରଖି ଆୟୋଜିତ ହୋଇଥାଏ ଏବଂ ଏହା ଜ୍ଞାନୀ ବ୍ୟକ୍ତିତ୍ୱଙ୍କୁ ଏକତ୍ରିତ ହେବା ଏବଂ ନିଜ ଅଭିଜ୍ଞତା ଓ ଶିକ୍ଷାକୁ ଅନ୍ୟମାନଙ୍କ ସହ ବାଣ୍ଟିବା ପାଇଁ ଏକ ଆଦର୍ଶ ମଞ୍ଚ ପ୍ରଦାନ କରିଥାଏ । ଏହି କାର୍ଯ୍ୟକ୍ରମରେ ଆମେ ଅତ୍ୟାଧୁନିକ ଟେକ୍ନୋଲୋଜି ସମ୍ପର୍କରେ ଆଲୋଚନାକୁ ଆମର ମୂଳ ଉଦ୍ଦେଶ୍ୟ କରିଛୁ; ଯାହାକି କାର୍ଯ୍ୟକ୍ରମର ମଧ୍ୟ ମୁଖ୍ୟ ବିଷୟବସ୍ତୁ ରହିଛି; ଯାହାଫଳରେ ଅଂଶଗ୍ରହଣକାରୀମାନେ ନୂଆ ଆଇଡିଆ ହାସଲ କରିପାରିବେ ।'

ଟେକ୍‌ଭୁବନେଶ୍ୱରର ୪ର୍ଥ ସଂସ୍କରଣରେ ୧୬ ଜଣ ପ୍ରତିଷ୍ଠିତ ତଥା ଉଦ୍ୟୋଗର ପ୍ରମୁଖ ବକ୍ତା ଯୋଗ ଦେଇଥିଲେ ଯେଏକ ଶିଳ୍ପ କ୍ଷେତ୍ରର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ବର୍ତ୍ତମାନର ସ୍ଥିତି ଉପରେ ଗଭୀର ତଥ୍ୟ ପ୍ରଦାନ କରିଛନ୍ତି; ଯାହା ଅଂଶଗ୍ରହଣକାରୀଙ୍କ ପାଇଁ ଖୁବ୍ ଉପଯୋଗୀ ହୋଇପାରିଛି । ୟୁଏସ୍‌ଏ ଓ ଭାରତର ବିଭିନ୍ନ କୋଣରୁ ଆସିଥିବା ବକ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ କିଛି ପ୍ରତିଷ୍ଠିତ ବକ୍ତା ହେଉଛନ୍ତି ଗିରିଶ ନୁଲି, ସିଇଓ, ଅନ୍ତରା, ୱିପ୍ରୋ ଓ ଆଇଗେଟ୍‌ର ପୂର୍ବତନ ଏଚ୍‌ଓଏମ୍ ତଥା ବର୍ତ୍ତମାନ ସିଏମ୍‌ଓଆକ୍ସିସ୍‌ର ସଂସ୍ଥାପକ ବିନୋଦ ହାରିଥ୍, ସ୍ଲାଙ୍ଗ୍ ଲ୍ୟାବ୍‌ସର ଓଡି ତଥା ଲିଟିଲ୍ ଆଇ ଲ୍ୟାବ୍ସର (ଯାହାକୁ ୨୦୧୪ରେ ଫେସ୍‌ବୁକ୍ ଅଧିଗ୍ରହଣ କରିଥିଲା) ସଂସ୍ଥାପକ କୁମାର ରଙ୍ଗରାଜନ୍, ବାଣିଜ୍ୟ ପରିବହନ ଓ ଇଲେକ୍‌ଟ୍ରୋନିକ୍ସ ଆଇଟି ବିଭାଗର ସଚିବ ମନୋଜ କୁମାର ମିଶ୍ର ଏବଂ ଆଲେନ୍ ଇମ୍ବାରାଟୋ, ସିଇଓ, କ୍ଷେତ୍ରସ୍‌ସିଫ୍ଟର, କିବିଜ୍‌ସିଷ୍ଟମ୍ ହେଉଛନ୍ତି ପ୍ରମୁଖ ।

ମରୈଗାଁ ସମବାୟ ସମିତିର ସାଧାରଣ ବୈଠକ

କେନ୍ଦୁଝର(ପିଏନ): ହାଟଡିହି ବ୍ଲକର ମରୈଗାଁ ସମବାୟ ସମିତିର ସଭାପତି ଗୋବର୍ଦ୍ଧନ ଦାସଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳିନ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସହସମ୍ପାଦକ ବିଭୂତି ଭୂଷଣ ସେଠୀ, ଉପସଭାପତି ଜ୍ୟୋତ୍ସ୍ନାମୟୀ ଜେନା ଓ ସମିତିର ଡାଇରେକ୍ଟରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଧାନ କିଭଳି ଚାଷୀଙ୍କ ଠାରୁ ସୁରୁଖୁରୁରେ କିଣାଯାଇପାରିବ ସେଥିପାଇଁ ଗୁରୁତ୍ୱ ଦିଆଯାଇଥିଲା । ଆୟ ବ୍ୟୟର ହିସାବ କରାଯାଇଥିଲା । ତାଛଡ଼ା ପୂର୍ବରୁ ଥିବା ସମ୍ପାଦକ ଶରତ ସେଠୀଙ୍କ ନାମରେ ଅଭିଯୋଗ ହୋଇଥିବାରୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା । ସେଥିରେ କିଛି ଗୁରୁତର ଅଭିଯୋଗ ନଥିବାରୁ ପୁନଃ ତାଙ୍କୁ ନିଯୁକ୍ତି ଦିଆଯାଇ ସମ୍ପାଦକ କାର୍ଯ୍ୟ ତୁଲାଇବା ପାଇଁ ସାଧାରଣ ବୈଠକରେ ଆଲୋଚନା ହୋଇ ନିଷ୍ପତି ହୋଇଥିଲା ଏବଂ ଯେତେ ଦିନ ପର୍ଯ୍ୟନ୍ତ ସେ ଦରମା ପାଇନାହାଁନ୍ତି ତାଙ୍କ ଦରମାକୁ ଦେବା ପାଇଁ ଆଲୋଚିତ ହୋଇଥିଲା । ଏ ସମ୍ପର୍କରେ ଉଚ୍ଚ କର୍ତୃପକ୍ଷଙ୍କୁ ଶୀଘ୍ର ଜଣାଇବା ପାଇଁ ଡାଇରେକ୍ଟର ମାନେ ସଭାପତିଙ୍କୁ ଅନୁରୋଧ କରିଥିଲେ । ଏହି ସମୟରେ କିର୍ତନ ବିହାରୀ ଭୋଳ, ପ୍ରଭଞ୍ଜନ ଦାସ, ରମେଶ ଦାସ, ବିମଳ ମଲ୍ଲିକ, ଶ୍ରୀଧର ଦାସ, ଜଳଧର ମହାପାତ୍ର, ଚକ୍ରଧର ଜେନା, ଭୀମସେନ ନାୟକ, ଜ୍ୟୋସ୍ନା ଦାସ ପ୍ରମୁଖ ସମସ୍ତ ଡାଇରେକ୍ଟରଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା ।

ଜିଲ୍ଲା ଜଜ୍ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବାଲେଶ୍ୱର: ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍ କୋର୍ଟ ସମେତ ଜଳେଶ୍ୱର, ସୋର, ନୀଳଗିରି, ବସ୍ତା ତାଲୁକ ଆଇନସେବା କେନ୍ଦ୍ର ଓ ଭୋଗରାଇ ଗ୍ରାମ୍ୟ ନ୍ୟାୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରକାଧିକରଣର ଅଧକ୍ଷା ସୋନାଲି ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ଏଥିରେ ୨୮ଟି ଚେକ୍ ବାଉନ୍ସ ମାମଲା, ଗୋଟିଏ ବ୍ୟାଙ୍କ୍ ରିକଭରି ମାମଲା, ୭୫ଟି ମୋଟର ଜନିତ ଦୁର୍ଘଟଣା ମାମଲା, ୧୯ଟି ବୈବାହିକ ମୋକଦ୍ଦମା ସହିତ ଅନ୍ୟାନ୍ୟ ୧୨୮ ଟି ମାମଲାର ଫଇସଲା କରାଯାଇଥିଲା । ଚେକ୍ ବାଉନ୍ସ ମାମଲାରେ ୨୪,୦୬,୯୨, ବ୍ୟାଙ୍କ ଋଣ ଆଦାୟ ବାବଦରେ ୫୪,୩,୧୪୬, ମୋଟର ଜନିତ ଦୁର୍ଘଟଣା ମମାଲ ପ୍ରଭୃତି ମୋକଦ୍ଦମା ଫଇସଲା କରାଯାଇ ଜୋରିମନା ଆଦାୟ କରାଯାଇଥିବା ବେଳେ ପ୍ରାକ୍ ମୋକଦ୍ଦମା ଜନିତ ୨୨୪ ଟି ବ୍ୟାଙ୍କ ମାମଲା, ଟେଲିଫନ୍ ଏବଂ ଅନ୍ୟାନ୍ୟ ୩୨ଟି ମୋକଦ୍ଦମାକୁ ଫଇସଲା କରାଯାଇ ମୋଟ୍ ୧୪,୭୯,୮୭୭ ଟଙ୍କା ଆଦାୟ କରାଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର ଲୋକ ଅଦାଲତକୁ ପରିଚାଳନା କରିଥିଲେ ।

ସହାୟତାର ହାତ ବଢାଇଲେ ରବି ନାରାୟଣ

କେନ୍ଦୁଝର(ପିଏନ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ପଇଦାପାଟଣା ପଂଚାୟତ ଖୁଂଟାପଡା ଗ୍ରାମର ଅଯୋଧ୍ୟା ନାୟକ ଦୀର୍ଘ ଦିନ ଥରି ବୋନ୍ ଟିବି ରୋଗରେ ଆକ୍ରାନ୍ତ ହୋଇ ସବସ୍ୱାନ୍ତ ହୋଇ ଆର୍ଥିକ ଓ ମାନସିକ ସ୍ତରରେ ଅସହାୟ ହୋଇଯିବା ପରେ ଏହାର ଖବର ପାଇ ଘଟଗାଁ କୋଦଣ୍ଡଧର ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରବିନାରାୟଣ ଦେହୁରୀ ଖୁଂଟାପଡା ଗ୍ରାମରେ ପହଂଚି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ସହ ଚିକିତ୍ସାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି କହିଛନ୍ତି । ଆଜି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଗ୍ରାମର ଭୀଷ୍ମସେନ ନାୟକ, ଜଗନ୍ନାଥ ମହାନ୍ତ, ଟିକନ ନାୟକ, ନବକିଶୋର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

ଭାରତରେ ମିଶେଲିନ୍ ଏନର୍ଜି ଏକ୍ସଏମ୍୨+ ଟାୟାର ଉନ୍ମୋଚିତ

ଭୁବନେଶ୍ୱର: ବିଶ୍ୱର ଅଗ୍ରଣୀ ଟାୟାର କଂପାନି ମିଶେଲିନ୍ ପକ୍ଷରୁ ନିକଟରେ ମିଶେଲିନ୍ ଏନର୍ଜି ଏକ୍ସଏମ୍୨+କୁ ଭାରତରେ ଉନ୍ମୋଚନ କରାଯାଇଛି । ଏହାକୁ ବ୍ୟାପକ ଭାବେ ସଫଳତା ହାସଲ କରିଥିବା ମିଶେଲିନ୍ ଏକ୍ସଏମ୍୨ ଟାୟାର ସ୍ଥାନରେ ଉପସ୍ଥାପନ କରାଯାଇଛି । ପ୍ରଦର୍ଶନ ଓ ସୁରକ୍ଷା ସହିତ ଟାୟାର ଜୀବନର ଶେଷ ପର୍ଯ୍ୟନ୍ତ ଯାତ୍ରା କରି ।ରୁଥିବା ଟାୟାର ଚାହୁଁଥିବା ଯୁବ ଏବଂ ଅଧିକ ଗମନାଗମନ କରୁଥିବା ଯୁବପିଢ଼ିଙ୍କୁ ନଜରରେ ରଖି ଅଣାଯାଇଥିବା ମିଶେଲିନ୍ ଏନର୍ଜି ଏକ୍ସଏମ୍୨+ କ୍ଷୁଦ୍ର ଓ ମଧ୍ୟମ ଆକାରର କାର୍‌ରେ ଶ୍ରେଷ୍ଠ ଭାବେ ଖାପଖାଇବ । ନିଜର ପୂର୍ବତନ ପିଢ଼ି ତୁଳନାରେ ଅଧିକ ପ୍ରଦର୍ଶନ କରିବା ଲାଗି ପ୍ରସ୍ତୁତ କରାଯାଇଥିବା ମିଶେଲିନ୍ ଏନର୍ଜି ଏକ୍ସଏମ୍୨+ ଶ୍ରେଷ୍ଠ ସୁରକ୍ଷା-ଉଭୟ ନୂଆ ବେଳେ ଏବଂ ଏହାର ଜୀବନର ବ୍ୟବହାର ସମୟରେ ପ୍ରଦାନ କରୁଛି । ମୋହନ କୁମାର, ଉପସଭାପତି, ମିଶେଲିନ୍ ଇଣ୍ଡିଆ କହିଛନ୍ତି ଯେ, "ମିଶେଲିନ୍ କାର୍ଯ୍ୟର କେନ୍ଦ୍ର ସ୍ଥଳରେ ରହିଛି ଦୀର୍ଘସ୍ଥାୟୀ ପ୍ରଦର୍ଶନ । ଭାରତରେ ଆମେ ପୁଣି ଥରେ ମିଶେଲିନ୍ ଏନର୍ଜି ଏକ୍ସଏମ୍୨+ ଜରିଆରେ ଦୈନନ୍ଦିନ ଯାତ୍ରାର ସ୍ତରକୁ ବଢ଼ାଇଛୁ ଯାହା ଏହାର ପୂର୍ବ ମିଶେଲିନ୍ ଏନର୍ଜି ଏକ୍ସଏମ୍୨ ତୁଳନାରେ ଉନ୍ନତ ଏବଂ ତାହା ଦୀର୍ଘ ୮ ବର୍ଷ ପର୍ଯ୍ୟନ୍ତ ନିରନ୍ତର ଭାବେ ଗଣ ବଜାରରେ ଅଗ୍ରଣୀ ରହିଥିଲା । ସୁରକ୍ଷିତ ରହୁଥିବା ଏବଂ ନିଜ ଜୀବନ କାଳ ଶେଷ ପର୍ଯ୍ୟନ୍ତ ଉଚ୍ଚ ପ୍ରଦର୍ଶନ ପ୍ରଦାନ କରୁଥିବା ଟାୟାର ଭାରତକୁ ଆଣିବାକୁ ଆମେ ପ୍ରତିବଦ୍ଧ ଏବଂ ସେହି ପ୍ରତିବଦ୍ଧତା ପ୍ରତି ମିଶେଲିନ୍ ଏନର୍ଜି ଏକ୍ସଏମ୍୨+ ହେଉଛି ଏକ ପ୍ରତିଫଳନ ।''

ମଣିପାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଭୁତତ୍ୱ ଛାତ୍ର ମାନଙ୍କୁ ଗଭୀର ସମୁଦ୍ରରୁ ନମୁନା ସଂଗ୍ରହ ପ୍ରଶିକ୍ଷଣ

ଭୁବନେଶ୍ୱର-ମଣିପାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଏମଆଇଟି) ର ଭୁତତ୍ୱ ସ୍ନାତକୋତର ବିଭାଗର ମସ୍ୟ ବିଜ୍ଞାନ ସମୁଦ୍ର ବିଜ୍ଞାନ ଅନୁସନ୍ଧାନ ପୋତ ସାଗର ସମ୍ପଦା ରେ ଡିସେମ୍ବର ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ସେଡିମେଂଟ ଏବଂ ଅର୍ଗାନିକ ପଦାର୍ଥ ର ନମୁନା ସଂଗ୍ରହ ଟେକ୍‌ନିକ ସମ୍ବନ୍ଧରେ ପ୍ରଶିକ୍ଷଣ ପାଇବାର ସୁଯୋଗ ପାଇଛନ୍ତି ।

ଏହି ଅଧ୍ୟୟନ ଯାତ୍ରା ଯୁବ ସ୍ନାତକୋତର ଛାତ୍ରଛାତ୍ରୀ ମାନଙ୍କୁ ସମୁଦ୍ର ସମ୍ବନ୍ଧରେ ଗବେଷଣା ପାଇଁ ପ୍ରେରଣା ଦେବାକୁ ଭାରତ ସରକାରଙ୍କ ଏକ ପ୍ରୟାସ । ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟର କୋଚିରେ ଅବସ୍ଥିତ ପ୍ରୟୋଗଶାଳା ସିଏମଏଲଆରଇ ପକ୍ଷରୁ ଏହି ଆୟୋଜନ କରାଯାଇଥିଲା । ଛାତ୍ର ମାନଙ୍କୁ ଆରବ ସାଗର ଠାରୁ ପ୍ରାୟ ୭୦କିମି ଦୂରରେ ଅବସ୍ଥିତ କୋଚି ବନ୍ଦର ଠାରୁ ଏକ କ୍ରୁଜରେ ନିଆଯାଇ ବୈଜ୍ଞାନିକ ମାନେ କିଭଳି ସମୁଦ୍ର ତଳୁ ସେଡିମେଂଟ ନମୁନା ସଂଗ୍ରହ କରି ଅତିତରେ ଜଳବାୟୁ, ଭୁବିଜ୍ଞାନ ଏବଂ ମସ୍ୟ ବିଜ୍ଞାନ ସମ୍ବନ୍ଧରେ ଅଧ୍ୟୟନ କରିପାରୁଛନ୍ତି ତାହା ଦର୍ଶାଯାଇଥିଲା । ଗୋଟିଏ ପ୍ରୟୋଗରେ ଏକ ସେଡିମେଂଟ ଗ୍ରାବ ସାମ୍ପଲର ମେସିନ ଦ୍ୱାରା ପ୍ରାୟ ୫୦ ମିଟର ଗଭୀରରୁ ନମୁନା ସଂଗ୍ରହ କରାଯାଇଥିଲା । ଛାତ୍ରମାନେ ଏହି ନମୁନାକୁ ଜିଓ କେମିକାଲ ବିଶ୍ଳେଷଣ ପାଇଁ ସଂରକ୍ଷଣ କରିଥିଲେ । ଛାତ୍ର ମାନଙ୍କୁ ଫାଇଟୋପ୍ଲାଙ୍କଟନ, ମସ୍ୟ ଲାର୍ଭା ଏବଂ ଜୁପ୍ଲାଙ୍କଟନ ରେ ନମୁନା ବ୍ୟବହାର ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା ।

ମଣିପାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ର ଭୁତତ୍ୱ ଅଧ୍ୟାପକ ଡଃ କେ ବାଳକୃଷ୍ଣ ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ସେଂଟର ଫର ମେରାଇନ ଲିଭିଂ ରେସୋର୍ସେସ ଏଣ୍ଡ ଇକୋଲୋଜି ର ବରିଷ୍ଠ ବୈଜ୍ଞାନିକ ଡଃ ଆରି ଶିବାଜୀ କ୍ରୁଜର ପ୍ରମୁଖ ବୈଜ୍ଞାନିକ ଥିଲେ ।

ଏହି କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ର ମାନଙ୍କମଧ୍ୟରେ ରାଗିଣୀ ଆର, ଆଦିଥ ଏନ, ଅଲତାଫ, ଡୋମିନିକ ସି, ମୁନ୍ନାଭିର ପି, ରୁଚି, ଶ୍ରୀ ବିଷ୍ଣୁ କେ, ଶ୍ରୀନିବାସ ଡି କେ, ସ୍ୱରୁପ ଏମ ଏବଂ ଖେଶବ ଆର ଭାଗ ନେଇଥିଲେ ।

ଫାଷ୍ଟ୍ ଟ୍ୟାଗ୍ ଆବେଦନ ପାଇଁ ଟୋଲ ଗେଟ୍ ଅଫିସ ସାମ୍ନାରେ ଭିଡ

ବାଲେଶ୍ୱର : ସେରଗଡ ଟୋଲ ଗେଟ୍ ଅଫିସ ଆଗରେ ଆଜି ଲୋକଙ୍କର ବହୁତ ଭିଡ ଦେଖିବାକୁ ମିଳିଥିଲା । ନିଜ ନିଜ ଗାଡି ପାଇଁ ଫାଷ୍ଟ୍ ଟ୍ୟାଗ୍ ଆବେଦନ ପାଇଁ ଲୋକେ ଲାଇନ୍ ଲଗାଇଥିଲେ । ଦେଶରେ ଫାଷ୍ଟ୍ ଟ୍ୟାଗ୍ ଲାଗୁ ହେବା ନେଇ ଖବର ମିଳିବା ପରେ ଗାଡି ମାଲିକ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ଡିସେମ୍ବର ପହିଲାରୁ ଏହାକୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ମିଳିଥିଲା । ହେଲେ ଏହା ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚି ଥିଲା । ମାତ୍ର ପୁଣି ଥରେ ଏହାକୁ ଜାନୁଆରୀ ୧୫ ପର୍ଯ୍ୟନ୍ତ କୋହଳ କରାଯାଇଛି । ଏହା ମଧ୍ୟରେ ଗାଡିର ଫାଷ୍ଟ୍ ଟ୍ୟାଗ୍ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି । ବାଲେଶ୍ୱର ଲୋକାଲ ଗାଡି ଓ ବ୍ୟକ୍ତିଗତ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଯାନ ପାଇଁ ନିୟମରେ ପରିବର୍ତ୍ତନ ଦାବି କରିଛନ୍ତି ଲୋକେ । ଏମିତିକି ଫାଷ୍ଟ୍ ଟ୍ୟାଗ୍‌ରେ କେତେ ଟଙ୍କା କଟୁଛି ସେ ବିଷୟରେ ସଠିକ୍ ତଥ୍ୟ ଗାଡିର ମାଲିକ ପାଇବାରେ ଅସୁବିଧା ହେଉଛି ବୋଲି ଅଭିଯୋଗ ହୋଇଛି । ଲୋକେ ଫାଷ୍ଟ୍ ଟ୍ୟାଗ୍‌କୁ ନେଇ ଦ୍ୱନ୍ଦରେ ପଡୁଥିଲା ବେଳେ କେତେକ ଲୋକ ଏହାକୁ ସ୍ୱାଗତ କରିଛନ୍ତି । ଏହା ଦ୍ୱାରା ଟୋଲ୍ ଗେଟ୍‌ରେ ଶୀଘ୍ର ଯିବାଆସିବା କରି ହେବ ବୋଲି କହିବା ସହ ଏହାକୁ ସ୍ୱାଗତ କରିଛନ୍ତି ।

ସହକାରୀ ଶିକ୍ଷକଙ୍କ ମାଡରେ ପ୍ରଧାନ ଶିକ୍ଷୟିତ୍ରୀ ଗୁରୁତର

ବାଲେଶ୍ୱର, ୧୫/୧୨(ପିଏନ): ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସହକାରୀ ଶିକ୍ଷକ ମାଡ ମାରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଚଳିତ ମାସ ୫ ତାରିଖରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ସୁନ୍ଦରକୁଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳୀ ମହାନ୍ତି ମଧାହ୍ନ ଭୋଜନରେ ବଳକା ଥିବା କିଛି ଡାଲିକୁ ସହକାରୀ ଶିକ୍ଷକ ଗୌତମ ସାମଲଙ୍କୁ ଦେଇ ପାଚିକାଙ୍କ ହେପାଜତରେ ରଖିବା ପାଇଁ କହିଥିଲେ । ପୁଣି ୯ ତାରିଖରେ କିଛି ଡାଲି ବଳିଯିବାରୁ ପୂର୍ବ ଡାଲି ସହିତ ରଖିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମହାନ୍ତି ପାଚିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ପୂର୍ବରୁ ବଳିଥିବା ଡାଲି ଆଲମିରାରେ ନଥିବା ପାଚିକା କହିଥିଲେ । ଡାଲି କୁଆଡେ ଗଲା ବୋଲି ପାଚିକା ଏବଂ ସହକାରୀ ଶିକ୍ଷକ ସଞ୍ଜୟ କୁମାର ସେଠୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ପଚାରିବାରୁ ସେମାନେ କିଛି ଜାଣିନଥିବା କହିଥିଲେ । ଶିକ୍ଷକ ଗୌତମ ସାମଲଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଉତ୍ତ୍ୟକ୍ତ ହୋଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ । ସେତେବେଳେ ଶ୍ରୀ ସାମଲ ଖାଇବାକୁ ବସିଥିଲେ । ଦୁଇଜଣଙ୍କ ଭିତରେ ଯୁକ୍ତିତର୍କ ଚାଲିଥିଲା ବେଳେ ଶ୍ରୀ ସାମଲ ହଠାତ୍ ଖାଇବା ସ୍ଥାନରୁ ଉଠିପଡି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦୁଇ ଚାପୁଡା ମାରିଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ସ୍କୁଲର କିଛି ଛାତ୍ରଛାତ୍ରୀ ଏବଂ ପାଚିକା ଦେଖିଥିବା ପ୍ରଧାନ ଶିକ୍ଷୟିତ୍ରୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଘଟଣା ସମ୍ପର୍କରେ ସେ ବାଲିଆପାଳ ବିଇଓ ଏବଂ ସ୍କୁଲ ପରିଚାଳନା କମିଟିଙ୍କୁ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ତେଣୁ ସେ ଶୁକ୍ରବାର ବାଲିଆପାଳ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ. ୨୯୪/୧୯ରେ ଏକ ମାମଲା ରୁଜୁ ହୋଇଛି ।

ପ୍ରହସନରେ ପାଲଟିଛି ଜିଲ୍ଲାର ପଥପ୍ରାନ୍ତ ବୃକ୍ଷରୋପଣ

କେନ୍ଦୁଝର(ପିଏନ): ରାଜଧାନୀର ପଥପ୍ରାନ୍ତରେ ବୃକ୍ଷରାଜି ଦେଖି ତଥା ଗଛ ଛାଇ ତଳେ ଚାଲି ଚାଲି ଯାଉଥିବା ପଥିକଙ୍କୁ ଦେଖିବା ପରେ ତତ୍‌କାଳୀନ କେନ୍ଦୁଝର ଜିଲ୍ଲାପାଳ ସୁଶିଲ ଲୋହାନୀ କେନ୍ଦୁଝରର ରାସ୍ତା ଗୁଡିକର ସୌନ୍ଦର୍ଯ୍ୟକରଣ ପାଇଁ ଇଚ୍ଛାବ୍ୟକ୍ତ କରି ସିରାଜୁଦ୍ଦିନ କମ୍ପାନୀକୁ ଦାୟୀତ୍ୱ ଦେଇଥିଲେ । ପ୍ରସ୍ତାବ ଅନୁସାରେ କମ୍ପାନୀ ଜିଲ୍ଲାର ରାସ୍ତା ପାର୍ଶ୍ୱରେ ବୃକ୍ଷ ଲଗାଇବା କଥା । ଯାହାକୁ ମାନି ସିରାଜୁଦ୍ଦିନ କମ୍ପାନୀ ବୃକ୍ଷ ଲଗାଇ ଥିଲା ମଧ୍ୟ କିନ୍ତୁ ସେଗୁଡିକ କେବଳ ଥାନା ଛକରୁ ତହସିଲ ଅଫିସ ରାସ୍ତାକଡ, ଥାନା ଛକରୁ ଡିଏନ୍ ହାଇସ୍କୁଲ ପାଖ, ଚର୍ଚ୍ଚ ଛକରୁ ଜେଲ୍ ରୋଡ୍ ଛକ ପର୍ଯ୍ୟନ୍ତ ସୀମିତ ରହିଗଲା । ସହରର ଏହି ଅଂଚଳରେ ଯେହେତୁ ଭିଆଇପିଙ୍କର ଯିବା ଆସିବା ଲାଗି ରହିଛି ତେଣୁ କମ୍ପାନୀ କେବଳ ସେତିକିରେ ଗଛ ଲଗାଇ ଦେଇ ପୂର୍ଣ୍ଣାହୁତି ଦେଇଦେଲେ । କିନ୍ତୁ କେନ୍ଦୁଝର ସହର କେବଳ ଏତିକି ଅଂଚଳକୁ ବୁଝାଏ କି ? କେନ୍ଦୁଝର ଜିଲ୍ଲାରେ ହୋଇଥିବା ଏହି ବୃକ୍ଷରୋପଣ କେବଳ ପ୍ରହସନ ହୋଇ ରହି ଯାଇଛି । ଏଠାରେ ସୂଚନା ଯୋଗ୍ୟ କି କେନ୍ଦୁଝରରେ ଦୀର୍ଘ ୨୫ରୁ ୩୦ ବର୍ଷ ମ୍ନରେ କେନ୍ଦୁଝରର ପ୍ରତ୍ୟେକ ରାସ୍ତାର ଦୁଇ ପାର୍ଶ୍ୱରେ ସୁଦୃଶ୍ୟମାନ ଅତି ଉପାଦେୟ ଆମ୍ବ, ଜାମୁ, ଲିମ୍ବ, ପଣସ, ଡିମିରି, ବର, ଓସ୍ତ, କରଞ୍ଜ, ତେନ୍ତୁଳି, ଦେବଦାରୁ ପରି ଶତାୟୁ ବୃକ୍ଷରାଜି ଶୋଭା ପାଉଥିଲା । କିନ୍ତୁ ସରକାରୀ ବାବୁଭାୟା ମାନଙ୍କର ଲୋଲୁପ ଦୃଷ୍ଟି ପଡିବା ପରେ ଉକ୍ତ ଗଛ ଗୁଡିକୁ ବିଭିନ୍ନ ଆଳ କରି କାଟି ନିଆଗଲା ପରେ ସଂପୃକ୍ତ ଗଛର କାଠ ଗୁଡିକ କ'ଣ ହେଲା ଏବଂ ସେ ଗୁଡିକର ନିଲାମ ବା ବିକ୍ରୟରୁ ଲବ୍ଧ ଅର୍ଥରାଶି କେଉଁଥିରେ ବିନିଯୋଗ ହେଲା ତାହା ଏକ ରହସ୍ୟ ହୋଇ ରହିଗଲା । ଯେହେତୁ କେନ୍ଦୁଝରର ଜନସାଧାରଣମାନେ ସରକାରଙ୍କ ଆଜ୍ଞାଧିନ ତେଣୁ ଏ ବିଷୟରେ କେହି ପ୍ରଶ୍ନ କରିବା ଉଚିତ୍ ମଣିଲେ ନାହିଁ । ପରବର୍ତି ସମୟରେ ଯାହା ଶୁଣିବାକୁ ମିଳିଲା କି ଉକ୍ତ କାଠ ଗୁଡିକ ରାଜଧାନୀକୁ ବୁହା ହୋଇ ରାଜଧାନୀର ଭବ୍ୟ ଅଟ୍ଟାଳିକା ମାନଙ୍କରେ କବାଟ, ଝରକା, ଆଲମୀରା, ଚୌକି, ଖଟର ରୂପ ନେଇ ନିଜର ସୌଭାଗ୍ୟ ମଣ୍ଡିତ କରିଥିଲେ । କେନ୍ଦୁଝର ସହରବାସୀଙ୍କର ଏହି ନୀରବତାର ଫାଇଦା ନେଇ ପାଣିକୋଇଲି ଠାରୁ ରଜାମୁଣ୍ଡା ରାସ୍ତାର ଦୋହରିକରଣ ହେବା ସମୟରେ କଟା ଯାଇଥିବା ଗଛର ଏକ ପ୍ରତିଶତ ଗଛ ବି ବର୍ତ୍ତମାନ ପର୍ଯ୍ୟନ୍ତ ଲଗା ଯାଇନାହିଁ । ଯାହାଫଳରେ କି ଏବେ ବି ରାଜରାସ୍ତାର ଦୁଇପାର୍ଶ୍ୱ ଲଙ୍ଗଳା ଦେଖା ଯାଉଛି । ରାଜରାସ୍ତାର ଏହିପରି ଅବସ୍ଥା ଦେଖି କାଳେ କିଏ କ'ଣ କହିବ ତେଣୁ ଥାକିଲି ପକା ନ୍ୟାୟରେ ରାଜରାସ୍ତା ମଝି ଡିଭାଇଡରରେ କିଛି କନିଆରୀ, ତରାଟ ପରି ଛୋଟ ଛୋଟ ବୁଦା ବୁଦା ଗଛ ଲଗାଯାଇଛି । ଅତି ଦୁଃଖର ସହ କହିବାକୁ ପଡୁଛି କି ବର୍ତମାନର ଜିଲ୍ଲା ପ୍ରଶାସନ ଏହି ଜିଲ୍ଲାର ସୌନ୍ଦର୍ଯ୍ୟକରଣ ନିମନ୍ତେ ପୂର୍ଣ୍ଣମାତ୍ରାରେ ଉଦାସିନ ଅଟେ । ଏଠାରେ ଏକ ପ୍ରଶ୍ନ ଉଠେ କି ସରକାର ଜଙ୍ଗଲ ବନ୍ଧୁ ବା ପରିବେଶ ବନ୍ଧୁ ପଦବୀ ସୃଷ୍ଟି କରି ଯଦି ଜିଲ୍ଲା ପ୍ରଶାସନର ତତ୍ୱାବଧାନରେ ଆମ୍ବ, ପଣସ, ଜାମୁ ପରି ଔଷଧୀୟ ବୃକ୍ଷ ରାସ୍ତାକଡରେ ଲଗାନ୍ତେ ତେବେ କ'ଣ କ୍ଷତି ହୁଅନ୍ତା ?

ବ୍ୟବସ୍ଥାର ପରିବର୍ତ୍ତନରେ ଗଣମାଧ୍ୟମର ଭୂମିକା

ଗଣମାଧ୍ୟମକୁ ଇଂରାଜୀରେ (ମାସ୍ ମେଡିଆ) କୁହାଯାଏ। ଏହା ମଧ୍ୟ ଚତୁର୍ଥ ସ୍ତମ୍ଭ ଭାବେ ଅଭିହିତ। ଯେଉଁ ଦେଶରେ ଶକ୍ତିଶାଳୀ ଓ ନିରପେକ୍ଷ ଗଣମାଧ୍ୟମ ନାହିଁ, ସେଠାରେ ଗଣତନ୍ତ୍ର ଠିକ୍ ଭାବେ ଚାଲିପାରିବ ନାହିଁ। ପୂର୍ବରୁ ଗଣମାଧ୍ୟମ କହିଲେ କେବଳ 'ଖବର କାଗଜ (ପ୍ରିଂଟ୍ ମେଡିଆ)'କୁ ବୁଝାଯାଉଥିଲା । ମାତ୍ର ବର୍ତ୍ତମାନ ବୈଦ୍ୟୁତିକ ମାଧ୍ୟମ (ଇଲେକ୍ଟ୍ରୋନିକ୍ସ ମିଡିଆ) ଏ ଦିଗରେ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଓ ଚତୁର୍ଥସ୍ତମ୍ଭର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି। ବିଶେଷ ଭାବରେ ଚତୁର୍ଥ ସ୍ତମ୍ଭର କାର୍ଯ୍ୟ ହେଉଛି ଗଣତନ୍ତ୍ରକୁ ଠିକ୍ ଭାବେ ରଖିବା। ଏହାକୁ ବାଟବଣା ହେବାକୁ ନଦେବା । କେଉଁଠାରେ ବ୍ୟତିକ୍ରମ ଦେଖାଦେଲେ ତାହାକୁ ଜନସମ୍ମୁଖକୁ ଆଣି ଏହା ବିରୁଦ୍ଧରେ ବ୍ୟାପକ ଜନମତ ସୃଷ୍ଟି କରିବା। ବିଦେଶରେ ତଥା ଆମେରିକା ଓ ଇଂଲଣ୍ଡ ଭଳି ପରିପକ୍ୱ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ସୋପାନ ଲାଭ କରିବା ସମ୍ଭବପର ହୋଇଛି କେବଳ ଗଣମାଧ୍ୟମ ସଚେତନ ଓ ପାରଦର୍ଶିତା ଯୋଗୁଁ । ସେ ଦେଶରେ ଥିବା ନିରପେକ୍ଷ ଓ ଶକ୍ତିଶାଳୀ ଗଣମାଧ୍ୟମ ଜାଗ୍ରତ ପ୍ରହରୀର କାର୍ଯ୍ୟକରି ଆସୁଛି । ଆପଣମାନେ ଜାଣି ଖୁସି ହେବେ ସେ ଦେଶରେ ରାଜନେତାଙ୍କ ବିରୁଦ୍ଧରେ ସାମାନ୍ୟତମ ଅଭିଯୋଗ ଆସିଲେ ତା'ର କ୍ଷମତା ବଳୟକୁ ରାହୁଗ୍ରାସ କରିଥାଏ, ଅର୍ଥାତ୍ ତାକୁ କ୍ଷମତା ହରାଇବାକୁ ପଡ଼ିଥାଏ । କାରଣ ତାକୁ ଗାଦିଚ୍ୟୁତ ନ କରିବା ପର୍ଯ୍ୟନ୍ତ ଗଣମାଧ୍ୟମ ତା' ପିଛା ଛାଡ଼ି ନ ଥାଏ ।

ଭାରତବର୍ଷ ଦେଶର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର, କିନ୍ତୁ ଆଜି ଏ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଘୋର ବିପଦର ସମ୍ମୁଖୀନ । ଦେଶରେ କ୍ରମବର୍ଦ୍ଧିଷ୍ଣୁ ଭ୍ରଷ୍ଟାଚାର ଏହାର ମୂଳଦୁଆକୁ ଦୁର୍ବଳ କରିସାରିଲାଣି । ଏଥିଯୋଗୁଁ ଏହାର ସମସ୍ତ ଖମ୍ବ କେବଳ ଦୁର୍ବଳ ହେବାରେ ଲାଗିଛି । ଜନପ୍ରତିନିଧିମାନଙ୍କର କଥନୀ ଓ କରଣିରେ ଭିନ୍ନତା ଦେଖା ଦେଇଛି । ଯେଉଁଠାରେ ଶାସକ ଭ୍ରଷ୍ଟ ହେବେ ସେଠାରେ କର୍ମଚାରୀ ଭ୍ରଷ୍ଟ ନହୋଇ ରହିବେ କିପରି ? ଏ ସୁଯୋଗ ପାଇ ସାଧାରଣ ଲୋକ ତଥା ଆମ ମିଡିଆର ଭାଇମାନେ ମଧ୍ୟ ଉଣା ଅଧିକେ ଏହାସହିତ ସାମିଲ ହୋଇଯାଉଛନ୍ତି। ସମୟରେ ପଡ଼ିବା ସହ ବାଧ୍ୟହୋଇ ଏମାନେ ଭ୍ରଷ୍ଟାଚାରୀର ହାତବାରିସୀ ହୋଇ ଭ୍ରଷ୍ଟାଚାରକୁ ଦେଖି ନଦେଖିବା ପରି ଅଭିନୟ କରୁଛନ୍ତି । ବର୍ତ୍ତମାନ ଆମ ଦେଶର ସମସ୍ତେ ଭ୍ରଷ୍ଟାଚାର ରୂପକ ଅକ୍ଟୋପାଶ୍ କବଳରେ ପଡ଼ିଛନ୍ତି । ଆମ ଗଣମାଧ୍ୟମର ଭାଇମାନେ ମଧ୍ୟ ଏଥିରେ ସଂଶ୍ଳିଷ୍ଟ, ତେବେ ଗଣତନ୍ତ୍ର ସୁରକ୍ଷା ଦାୟିତ୍ୱ ନେବ କିଏ ? ଏହା ସମସ୍ତଙ୍କୁ ଭଲଭାବେ ଜଣା ଯେଉଁଦିନ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ଭୁଷୁଡ଼ି ପଡ଼ିବ ସେହିଦିନ ଗଣତନ୍ତ୍ର ମଧ୍ୟ ଭୁଷୁଡ଼ି ପଡ଼ିବ। ତେଣୁ ଗଣତନ୍ତ୍ରର ସୁରକ୍ଷା ପାଇଁ ମାସ୍ ମିଡିଆକୁ ସଜବାଜ ହେବାକୁ ପଡ଼ିବା ସହ ସଦାସର୍ବଦା ଜାଗ୍ରତ ହୋଇ ରହିବାକୁ ପଡ଼ିବ । ଗଣତନ୍ତ୍ରର ବିଫଳତାରେ ଏକ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା ହୋଇ ଦେଶରେ ଅରାଜକତା ମାଡ଼ି ଚାଲିବ । ବ୍ୟକ୍ତିର ସ୍ୱାଧୀନତା ଚାଲିଯିବା ସହ ସର୍ବତ୍ର ଅଶାନ୍ତି ପରିବେଶ ଦେଖାଦେବ । ଏପରି ଅବସ୍ଥାରୁ ଗଣତନ୍ତ୍ରକୁ ପୁନର୍ବାର ଗଣତନ୍ତ୍ର ମାର୍ଗରେ ଫେରାଇ ଆଣିବା ଅତ୍ୟନ୍ତ କଠିନ୍ ହେବ । ସ୍ୱାଧୀନତା ପରଠାରୁ ଆମ ଗଣମାଧ୍ୟମ ନିଜକୁ ଅତ୍ୟନ୍ତ ସଂଯତ ରଖିବା ସହ ଭ୍ରଷ୍ଟ ରାଜନେତା ଓ ପ୍ରଶାସକଙ୍କ ସ୍ତରକୁ ଯାଇନାହାନ୍ତି, ସେମାନେ ନିଜର ପଦର ଗାରିମା ବଜାୟ ରଖିଛନ୍ତି । ସମୟର ଚକ୍ରରେ ପଡ଼ି କେଉଁଠାରେ କାଁ ଭାଁ ଯାହାକି ଅନୈତିକ କାର୍ଯ୍ୟ କରିଛନ୍ତି ତାହା ମଧ୍ୟ ବାଧ୍ୟ ବାଧକତାରେ କରିଛନ୍ତି । ତେଣୁ ଗଣମାଧ୍ୟମ ନିକଟରେ ଏବେବି ସେ କ୍ଷମତା ଅଛି ନିଜର କଲମ ମୁନରେ ସେମାନେ ଗଣତନ୍ତ୍ରକୁ ସଠିକ୍ ଭାବରେ ଆଣି ଏକ ଉତ୍ତମ ଗଣତନ୍ତ୍ର ପ୍ରତିଷ୍ଠା କରିବା ।

ଗଣମାଧ୍ୟମକୁ ଜନସାଧାରଣଙ୍କ ମୁଖପତ୍ର ବୋଲି କୁହାଯାଏ । ତେଣୁ ଏହା ହେଉଛି ଜନତାଙ୍କ ସ୍ୱର । ଜନତାଙ୍କ ସ୍ୱରକୁ ଶାଣିତ କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେଉଁଦିନ ଗଣମାଧ୍ୟମଙ୍କ କଲମ ଓ ସ୍ୱର ଦିଗଭ୍ରଷ୍ଟ ହେବ, ସେହିଦିନ ଜନସାଧାରଣ ମଧ୍ୟ ଦିଗଭ୍ରଷ୍ଟ ହୋଇଯିବେ । ଗଣତନ୍ତ୍ରର ସୁରକ୍ଷା ଉଦ୍ଦେଶ୍ୟରେ ଭ୍ରଷ୍ଟାଚାର ବିରୁଦ୍ଧରେ ଲଢ଼ିବା ପାଇଁ ଜନସାଧାରଣଙ୍କୁ ମାନସିକ ଭାବେ ପ୍ରସ୍ତୁତ କରିବା ଦିଗରେ ମାସ୍ ମିଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ବର୍ତ୍ତମାନ କେତେକ ଖବର କାଗଜ ଓ ଦୂରଦର୍ଶନର ଚାନେଲ୍ କେତେକ ରାଜନେତାଙ୍କ ହାତବାରିସ ହେବା ସହ କ୍ଷମତାଲିପ୍ସୁ ହୋଇ ନିଜର ନୈତିକତାର ପତନ ଘଟାଇଲେଣି । ଅନ୍ୟାୟ ସଦାସର୍ବଦା ଅନ୍ୟାୟ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଗଣମାଧ୍ୟମର କର୍ତ୍ତବ୍ୟ ଯେଉଁମାନେ ନିଜର କର୍ତ୍ତବ୍ୟକୁ ଠିକ୍ ଭାବରେ ପରିଚାଳିତ ନକରି ପାରୁଛନ୍ତି, ସେମାନେ ସ୍ୱତନ୍ତ୍ରଭାବେ ଏ ବୃତ୍ତିରୁ ଦୂରେଇ ଯିବା ଦରକାର । କାରଣ ଏ ବୃତ୍ତିକୁ କଳଙ୍କିତ କରିବାର ଅଧିକାର ଜନସାଧାରଣ ସେମାନଙ୍କୁ ଦେଇନାହାନ୍ତି । ବର୍ତ୍ତମାନ ପରିସ୍ଥିତିରେ ଗଣମାଧ୍ୟମ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଗଣତନ୍ତ୍ରରେ ହେଉଥିବା ବିଭିନ୍ନ ସ୍ତରରେ ଭ୍ରଷ୍ଟାଚାରକୁ ଗଣ ନିକଟରେ ପହଁଚାଇ ବିପୁଳ ଜନଜାଗରଣ ସୃଷ୍ଟି କରିବା ସହ ଏକ ଉତ୍ତମ ଗଣତନ୍ତ୍ର ପ୍ରତିଷ୍ଠା କରିପାରିଲେ ଆମ ଦେଶ ତଥା ରାଜ୍ୟ ନିଶ୍ଚିତ ଭାବରେ ବିଶ୍ୱରେ ଏକ ମହାନ ରାଷ୍ଟ୍ରଭାବେ ପରିଗଣିତ ହେବା ସହ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ସମସ୍ତ ଜନତା ଜନାର୍ଦ୍ଦନଙ୍କର ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିବ ।

ଉମାଶଙ୍କର ପ୍ରସାଦ, ସାମ୍ବାଦିକ ତଥା **ସ୍ତମ୍ଭକାର, ଖୋରଧା, ମୋ: ୮୮୯୫୫୪୭୪୯୦**

ତାଲୁକ୍ ଆଇନ୍ ସେବା ସମିତି ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

କେନ୍ଦୁଝର (ପିଏନ୍): ଆନନ୍ଦପୁର ବ୍ଲକ ଆନୁକୂଲ୍ୟରେ ତାଲୁକ୍ ଆଇନ୍ ସେବା ସମିତି ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଆନନ୍ଦପୁର ବାର୍ ଆସୋସିଏସନ୍‌ର ସଭାପତି ଶ୍ରୀଯୁକ୍ତ ସଞ୍ଜୟ କୁମାର ମିଶ୍ରଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମରେ ଆନନ୍ଦପୁର ଏଡିଜେ ରାଜେଶ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସିଭିଲ୍ ଜଜ୍ ଶ୍ରୀମୟୀ ଆଚାର୍ଯ୍ୟ, ଏସ୍‌ଡିଜେମ୍ ଶିବାନୀ ଆଚାର୍ଯ୍ୟ, ଗ୍ରାମ୍ୟ ନ୍ୟାୟ ଅଧିକାରୀ ଘଷିପୁରାର ମାନସୀ ପ୍ରଧାନ, ଜେଏମ୍‌ଏସ୍‌ସି ଆନନ୍ଦପୁର ଶ୍ରୀମତୀ ସୁପ୍ରଭା କୁଣ୍ଡୁ, ଆନନ୍ଦପୁର ବ୍ଲକ ବିଡିଓ ସୁବ୍ରବାଳା ବେହେରା, ଆନନ୍ଦପୁର ସମାଜ ମଙ୍ଗଳ ଅଧିକାରୀ ଡ. ଶମ୍ଭୁନାଥ ରାଉତ ପ୍ରମୁଖ ଯୋଗ ଦେଇ ବିଶ୍ୱ ଭିନ୍ନକ୍ଷମ ଦିବସରେ କିଭଳି ଭିନ୍ନକ୍ଷମ ମାନଙ୍କୁ ସାମାଜିକ, ଆର୍ଥିକ ସୁରକ୍ଷା ଦିଆଯାଇପାରିବ, ସେମାନଙ୍କୁ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗ ମିଳି ପାରିବ, ଅସାମାଜିକ ବ୍ୟକ୍ତିମାନଙ୍କ ନିକଟରୁ ଭିନ୍ନକ୍ଷମମାନେ ସମାଜରେ ସୁରକ୍ଷା ପାଇପାରିବେ ଆଦି ବିଷୟରେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୧୬ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ଆନନ୍ଦପୁର ବ୍ଲକ ତରଫରୁ ଅତିଥି ମାନଙ୍କ ଦ୍ୱାରା ଭିନ୍ନକ୍ଷମ କାର୍ଡ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ବାର୍ ଆସୋସିଏସନର ସରକାରୀ ଆଇନଜୀବୀ ଶ୍ରୀଯୁକ୍ତ ମହେନ୍ଦ୍ର ମହାପାତ୍ରଙ୍କ ସହିତ ବାର୍ ଆସୋସିଏସନ୍‌ର ସମସ୍ତ ଆଇନଜୀବୀ, ବାଇଧର ସେଠୀ, କମଳାକାନ୍ତ ପଣ୍ଡା, ଆସିଷ୍ଟାଂଟ କଲେକ୍ଟର ଏବଂ ଆନନ୍ଦପୁର ପୌରପରିଷଦର ୧୬ଟି ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇ ବିଶ୍ୱ ଭିନ୍ନକ୍ଷମ ଦିବସକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ ।

ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ...

ପ୍ରତିବର୍ଷ ଡିସେମ୍ବର ୨୦ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଅନ୍ତର୍ଜାତୀୟ ମାନବ ଏକତା ଦିବସ। ଏକତାକୁ ଏକ ମୌଳିକ ଓ ବିଶ୍ୱ ମୂଲ୍ୟବୋଧ ଭାବେ ୨୦୦୫ରେ ଜାତିସଂଘ ଘୋଷଣା କରିଥିଲା। ବିଶ୍ୱସ୍ତରୀୟ ବିଷୟ ଓ ସମସ୍ୟାଗୁଡ଼ିକୁ ମିଳିତ ଭାବେ ସାମ୍ନା କରିବା କେତେ ଗୁରୁତ୍ୱପୂର୍ଣ୍ଣ, ଏହି ଦିବସ ତାହା ଆମକୁ ମନେପକାଇଦିଏ। ବିଶ୍ୱରେ ବିକାଶ ଲକ୍ଷ୍ୟ ପୁରଣରେ ଏକତା ହିଁ ଏକମାତ୍ର ରାସ୍ତା। ବିଶ୍ୱର ସମସ୍ତ ସମସ୍ୟା ସମାଧାନର ଏକମାତ୍ର ପନ୍ଥା ଏକତା ବୋଲି ଜାତିସଂଘର ସାଧାରଣ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱବାସୀ ଗୋଟିଏ ପରିବାରର ସଦସ୍ୟ ଭାବେ କାର୍ଯ୍ୟ କରିବା ଉଚିତ, ଫଳରେ ବୃହତ୍ ଲକ୍ଷ୍ୟ ସାଧନ ସହଜ ହେବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ପରସ୍ପରକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ସହିତ ସମସ୍ତେ ଗୋଟିଏ ସମୁଦାୟର ବୋଲି ମନେକରିବା ଉଚିତ। ଦାରିଦ୍ର୍ୟ ଦୂରୀକରଣରେ ଏକତାର ମୂଲ୍ୟବୋଧ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ମଧ୍ୟ ଏହି ଦିବସର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ। ଏ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ମେଳନ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ନୂଆ ପନ୍ଥା ବାହାର କରିବାକୁ ଲୋକଙ୍କୁ ଉତ୍ସାହିତ କରାଯାଏ। ଲ୍ୟାଣ୍ଡମାଇନ୍‌ଗୁଡ଼ିକୁ ନିଷିଦ୍ଧ କରିବା, ଲୋକଙ୍କୁ ସ୍ୱାସ୍ଥ୍ୟ ଓ ଚିକିତ୍ସା ଯୋଗାଇଦେବା, ପ୍ରାକୃତିକ କିମ୍ବା ମାନବକୃତ ବିପର୍ଯ୍ୟୟରେ ପୀଡ଼ିତ ବ୍ୟକ୍ତିଙ୍କୁ ଉପଶମ ବ୍ୟବସ୍ଥା, ଶିକ୍ଷା, ଆତଙ୍କବାଦ, ଦୁର୍ନୀତି ଓ ଦାରିଦ୍ର୍ୟ ବିରୋଧରେ ଲଢ଼େଇ ଆଦି ପ୍ରମୁଖ ବିଷୟଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ଅଭିଯାନ ମାଧ୍ୟମରେ ପ୍ରୋତ୍ସାହିତ କରାଯାଏ।

ଉଦାର ଚିତ୍ତ ବ୍ୟକ୍ତି ନିମିତ୍ତ ଏ ସମ୍ପୂର୍ଣ୍ଣ ପୃଥିବୀ ଗୋଟିଏ କୁଟୁମ୍ବ ସଦୃଶ। ଉଦାର ବ୍ୟକ୍ତି ମୋର, ତୋର ବୋଲି କହି ନଥାନ୍ତି। ତାଙ୍କର ଜୀବନ ପର ସେବାରେ ନିୟୋଜିତ ରହେ। ଯେପରି ବୃକ୍ଷରେ ଫଳ ଆସିଲେ ନଇଁ ପଡ଼େ ତାହା ଅନ୍ୟର ସ୍ୱାର୍ଥରେ ଲାଗିଥାଏ, ଉଦାରବ୍ୟକ୍ତି କେବଳ ଅନ୍ୟର କଲ୍ୟାଣ ନିମିତ୍ତ ଚେଷ୍ଟାକରନ୍ତି। ସାଧୁ ମହାମାନବ ଏବଂ ସଜ୍ଜନ ଗଣ ବୃକ୍ଷ ସଦୃଶ। ବୃକ୍ଷ ନିଜେ ବହୁ କଷ୍ଟ ସ୍ୱୀକାରକରି ଫଳ ଧରେ ସେହି ଫଳକୁ ନିଜେ ଖାଏନା, ଅନ୍ୟକୁ ଦିଏ। ସେମିତି ଉଦାର ବ୍ୟକ୍ତିମାନେ ନିଜେ କଷ୍ଟ ସହି ଅନ୍ୟର ଉପକାର କରିଥାନ୍ତି। ଯେପରି ଫଳିଥିବା ବୃକ୍ଷକୁ ପଥର ଫିଙ୍ଗିଲେ ସେ ପଥର ମାଡ ସହି ମଧ୍ୟ ଫଳଦାନ କରିଥାଏ, ହିଂସାର ଉତ୍ତର ହିଂସା ନୁହେଁ କ୍ଷମା। ପରାର୍ଥେ ପ୍ରାଜ୍ଞ ପ୍ରାଣ ଉତ୍ସୃଜେତ୍। କ୍ଷମା ହେଉଛି ମହତ୍ ଲୋକର ଲକ୍ଷଣ। କ୍ଷମା ଅର୍ଥ ଦୁର୍ବଳତା ବା ଭୀରୁତା ନୁହେଁ, କ୍ଷମାର ଅର୍ଥ ଉଦାରତା ଏବଂ ସହିଷ୍ଣୁତା। ଉଦାର ମନୁଷ୍ୟ ନିମିତ୍ତ ଧନ, ବୀର ପୁରୁଷଙ୍କ ନିମିତ୍ତ ମୃତ୍ୟୁ, ବିରକ୍ତଙ୍କ ନିମିତ୍ତ ସ୍ତ୍ରୀ ଓ ନିସ୍ପୃହଙ୍କ ନିମିତ୍ତ ସଂସାର ତୃଣ ସମାନ ବୋଧ ହୁଏ। ଅର୍ଥାତ୍ ଅତି ତୁଚ୍ଛ ଅଟେ। ଉଦାର ବ୍ୟକ୍ତି ପରର ନିନ୍ଦାକୁ ମୂକ, ପରଦୋଷ ଦେଖିବାରେ ଅନ୍ଧ, ଚୁଗୁଲି କରିବାରେ ବଧିର ଭଳି ହୋଇଥାଆନ୍ତି। ଚନ୍ଦନ ବୃକ୍ଷକୁ କୁରାଢ଼ିରେ କାଟିଲେ ଯେପିର କାଟିବା ଯନ୍ତ୍ରକୁ ସେ ବାସ ବିତରଣ କରେ ବରଂ ବାରଣ କରେ ନାହିଁ ଯେ ମୋତେ କାଟିଛି ଯାକୁ ବାସ୍ନା ଦେବି ନାହିଁ, ସେହିପରି ଉଦାର ବ୍ୟକ୍ତିର ଅହିତ କରୁଥିବା ଲୋକକୁ କ୍ଷମାପ୍ରଦାନ କରନ୍ତି ଏବଂ ଭଲ ପାଇଥାଆନ୍ତି। ଯେପରି ଦାନବୀର କର୍ଣ୍ଣ ଜାଣିଥିଲେ କୁଣ୍ଡଳଟି ଚାଲିଗଲେ ମୃତ୍ୟୁ ସୁନିଶ୍ଚିତ ତଥାପି ନିଜର କୁଣ୍ଡଳକୁ, ଦାନ କରିଛନ୍ତି। ସେହିପରି ଶିବିରାଜା ଗୋଟିଏ ପକ୍ଷୀକୁ ବ ାଇବାକୁ ଯାଇ ନିଜର ମାଂସକୁ ମଧ୍ୟ ପ୍ରଦାନ କରିଥିଲେ। ଦେବତାମାନଙ୍କ ଦୁର୍ଦ୍ଦଶାକୁ ଦୂର କରିବାକୁ ଦଧିଚୀ ଋଷି ନିଜର ଶରୀରକୁ ତିଳ ତିଳ କରି କ୍ଷୟ କରିଥିଲେ ଏବଂ ନିଜର ଅସ୍ଥିକୁ ସମଗ୍ର ଜଗତ ପାଇଁ ଦାନ କରିଥିଲେ। ଯେଉଁ ଅସ୍ଥିରୁ ଜୀମୂତ ବାହନ ଇନ୍ଦ୍ରଙ୍କ ବଜ୍ରନିର୍ମିତ ହୋଇଥିଲା। ସାରା ସଂସାରରେ ମହାତ୍ମାଙ୍କ ନିକଟରେ କିଛି ଅଦେୟ ନଥାଏ।

ଲୋଭୀ ଲୋକ ଧନଲୋଭରେ ପଡ଼ି ସମସ୍ତ ଧନ ସମ୍ପତ୍ତିକୁ ମାଟିରେ ପୋତି ଦେଇଥାଏ। ସେହି ଧନ ତା ନିଜ କାର୍ଯ୍ୟରେ ଲାଗେ ନାହିଁ କିମ୍ବା ଅନ୍ୟର ଉପକାରରେ ମଧ୍ୟ ଲାଗେନାହିଁ। କିନ୍ତୁ ଯିଏ ଦାତା, ଜୀବନରେ ଅନ୍ୟର ଉପକାର କରି ନିଃସ୍ୱ ହୋଇଯାଇଥାଏ। ତଥାପି ତା'ର ମନ ଅତି ଆନନ୍ଦିତ। କାରଣ ତାର ଧନ ଅନ୍ୟର ଉପକାରରେ ଲାଗିଲା। ସେ ଭାବେ ଦାତା ଏକ ରାମ ଔର ଭିକାରୀ ସାରେ ଦୁନିଆଁ। ସବକୋ ଦେତା ହୈ ଏକହି ଦାତା। ତେଣୁ ସେ ତା'ର ଧନକୁ ଦାନକରି ଆନନ୍ଦ ପାଇଥାଏ। ଆଜି ମନୁଷ୍ୟ ମଧ୍ୟରେ ସ୍ୱାର୍ଥପର ଶୈତାନ୍ ବସିଥିବାରୁ ସେ ହିଂସା, ଈର୍ଷା ଏବଂ ଅନ୍ୟର କ୍ଷତିକରିବାକୁ ପଶ୍ଚାତ୍‌ପଦ ହେଉନାହିଁ। ତା'ର ଯେତିକି ଆବଶ୍ୟକ ତା'ଠାରୁ ବହୁଗୁଣ ଅଧିକ ସମ୍ପତ୍ତି ଠୁଳ କରୁଛି। ପାପ ଅର୍ଜିତ ସେହି ସମ୍ପତ୍ତିକୁ ସୁରକ୍ଷା କରିବାକୁ ଯାଇ ସରକାର ହାତରେ ଧରାପଡୁଛି। କେତେ ନିନ୍ଦା, କେତେ କଳଙ୍କର ଟୀକା ତାକୁ ବହନ କରିବାକୁ ପଡୁଛି। ମଣିଷ ଭାବେ ସମ୍ପତ୍ତି ନେଇ ସେ ସୁଖି ହେବ କିନ୍ତୁ ଯେଉଁ ସମ୍ପତ୍ତିକୁ ସେ ସୁଖର କାରଣ ଭାବେ ତାହା ଦିନେ ଦୁଃଖର କାରଣ ହୋଇ ଠିଆହୁଏ। ସମ୍ପତ୍ତିକୁ ଠୁଳକରିଥିବା ମଣିଷଟି ନା ଶାନ୍ତିରେ ଶୋଇପାରେ ନା ଶାନ୍ତିରେ ଭୋଜନ କରିପାରେ। ମନଟି ତାର ସର୍ବଦା ଥାଏ ସମ୍ପତି ପାଖରେ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ମନ ଈଶ୍ୱର ବା ସତ୍ ଚିନ୍ତନରୁ ଓହରିଯାଇ ବିଷୟରେ ଲାଗିଯାଏ ସେତେବେଳେ ଯାବତୀୟ ଅଶାନ୍ତି ଆସିଥାଏ। ମଣିଷର ଲୋଭ ପ୍ରବୃତ୍ତି ହିଁ ତା'ଅଶାନ୍ତିର ମୂଳକାରଣ ହୋଇଥାଏ। ଗୋଟାଏ ବଖରା ଘରକୁ ମଣିଷର ଆୟୁଷ ନାହିଁ ତଥାପି ସେ ଅନେକ ଘରତୋଳୁଛି। ସେତିକିରେ ଶାନ୍ତି ନରହି ଅଶାନ୍ତ ହୋଇ ଉଠୁଛି ଆହୁରି କିଛି ଜମି, ଜାଗା କିଣିବା ପାଇଁ। ବାସ୍ତବରେ ମଣିଷ ଭିତରେ ଉଦାର ପଣିଆଟିକକ ଲୋପ ପାଇଗଲେ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ। ଜୀବନରେ ଯେତିକି ଆବଶ୍ୟକ ସେତିକିକୁ ନେଇ ଚଳିପାରିଲେ ଶାନ୍ତି ମିଳିବ। ଆମେ ଭାବନ୍ତି ବହୁ ସମ୍ପତ୍ତି ହେଲେ ଉପଭୋଗ କରିବାର ସୁବିଧା ମିଳିଯିବ। ଏହା କିନ୍ତୁ ପରମେଶ୍ୱର ସହନ୍ତିନାହିଁ। ଯେଉଁଲୋକ ଯେତିକି ସମ୍ପତ୍ତି ଠୁଳକରେ ସେ ସେତିକି ଦୁଃଖି ହୋଇଥାଏ। ଯେ ଯେତିକି ସ୍ୱାର୍ଥପର ହୋଇଥାଏ ସେ ସେତିକି ଯନ୍ତ୍ରଣା ଜର୍ଜରିତ ହୋଇଥାଏ। ସଂସାରରେ କାହାର ଦୁଃଖର କାରଣ ନହେଲେ କେହି ତୁମ ଦୁଃଖର କାରଣ ହେବନାହିଁ। ସେଥିପାଇଁ ଜିସସ୍ କହିଥିଲେ ସ୍ୱାର୍ଥପର ଶୈତାନ୍‌କୁ ତଡ଼ି, ପ୍ରେମମୟ ଭଗବାନଙ୍କୁ ହୃଦୟରେ ବସାଇବା ଉଚିତ। ସେହିପରି ଗୌରାଙ୍ଗ ଦେବ ନିଜେ ମାଡ଼ ଖାଇ ମଧ୍ୟ ଜଗାଇମାଧାଇଙ୍କୁ ପ୍ରେମମୟ ପ୍ରଭୁଙ୍କୁ ଦର୍ଶନ କରି ନିଜ ଜୀବନକୁ ପରାର୍ଥେ ଉତ୍ସର୍ଗୀକୃତ କରି ସମଗ୍ର ବଶ୍ୱ ବାସୀଙ୍କୁ ନିଜର କୁଟୁମ୍ବ ବୋଲି ଭାବିଥାଆନ୍ତି। ଆମେ ସେହି ଏକ ପରମପିତାଙ୍କର ସନ୍ତାନସନ୍ତତି ହୋଇ ଚଳିବା ଉଚିତ୍।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଛାତ୍ରୀମୃତ୍ୟୁକୁ ନେଇ ଘଟଗାଁରେ ଉତେଜନା

କେନ୍ଦୁଝର (ପିଏନ୍): ଛାତ୍ରୀ ମୃତ୍ୟୁକୁ ନେଇ ଉତେଜନା ପ୍ରକାଶ ପାଇଥିଲା। ସ୍କୁଲ ଆଗରେ ମୃତଦେହକୁ ରଖି ପରିବାର ଓ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ମସିଣାଯୋଡି ଏଜୁକେସନ କମ୍ପ୍ଲେକ୍ସ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ଅସୁସ୍ଥ ହୋଇ ପଡିଥିଲେ । ତେବେ ସ୍କୁଲ ପକ୍ଷରୁ ତାଙ୍କୁ ଉପଯୁକ୍ତ ଚିକିତ୍ସା ଦିଆନଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତ୍ୟୁ ପରେ ଛାତ୍ରୀଙ୍କ ପରିବାରକୁ କୌଣସି ସୂଚନା ନ ଦେଇ ମୃତଦେହକୁ ଘର ବାରଣ୍ଡାରେ ଛାଡି ପଳାଇଥିଲେ । ଏ ନେଇ ମୃତ ଛାତ୍ରୀଙ୍କ ପରିବାର ପୋଲିସକୁ ଖବର ଦେଇଥିଲେ ମଧ୍ୟ ପୋଲିସ୍ ବିଳମ୍ବରେ ପହଂଚିବାରୁ ଗ୍ରାମରେ ଉତେଜନା ପ୍ରକାଶ ପାଇଥିଲା । ଛାତ୍ରୀଙ୍କ ପରିବାର ଓ ଗ୍ରାମବାସୀ ସ୍କୁଲ ଆଗରେ ମୃତଦେହ ରଖି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ତେବେ ଦୀର୍ଘ ୧୨ଘଂଟା ଧରି ମୃତଦେହ ସ୍କୁଲ ଆଗରେ ପଡି ରହିଥିଲା । ତେଣୁ ଗାଁରେ ପ୍ରବଳ ଉତେଜନା ଦେଖାଦେବା ପରେ ପଣ୍ଡାପଡା ପୋଲିସ ତଦନ୍ତ ଆରମ୍ଭ କରିଛି ।

ଆନନ୍ଦପୁର ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ଗୀତା ଜୟନ୍ତୀ ଉତ୍ସବ ପାଳିତ

କେନ୍ଦୁଝର (ପିଏନ୍): ଆନନ୍ଦପୁର ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ଗୀତା ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଗୀତା ଜୟନ୍ତୀ ଉତ୍ସବ ସମସ୍ତ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିବା ବେଳେ ମନ୍ଦିର ପ୍ରାଙ୍ଗଣରେ ଯଜ୍ଞ ଓ ସମୂହ ଗୀତା ପାଠରେ ଆୟୋଜନ କରାଯାଇଥିଲା । ଏଥିରେ ବହୁ ସଂଖ୍ୟାରେ ଭକ୍ତମାନେ ଯୋଗଦେଇ ଭଗବାନଙ୍କ କୃପା ଲାଭ କରିଥିଲେ । ଏହି ଗୀତା ଜୟନ୍ତୀ ଉତ୍ସବର ଦଧିବାମନଜୀଉ ମନ୍ଦିର ତରଫରୁ ସମସ୍ତ ଆୟୋଜନ କରାଯାଇଥିଲା । ଏଥିରେ ମନ୍ଦିର କମିଟିର ସମସ୍ତ ସଦସ୍ୟ ଓ ପୂଜକଙ୍କ ସହଯୋଗରେ ଗୀତା ଜୟନ୍ତୀ ଉତ୍ସବକୁ ପାଳନ କରାଯାଇଥିଲା ।

ଏସେଲସ୍ ଓ ସିମରିଂ ଷ୍ଟାର ବିଦ୍ୟାଳୟର ବାର୍ଷିକ ଡେ'ଫେଷ୍ଟ

କଟକ (ପିଏନ୍): ପ୍ରତିଭାବାନ ବିଦ୍ୟାର୍ଥୀ ମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ସହ ଏକ ତ୍ୟାଗପୂର୍ଣ୍ଣ ଓ ଆଦର୍ଶମୟ ଶିକ୍ଷା ସମାଜ ଗଠନରେ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ମତ ପ୍ରକାଶ ପାଇଛି । ଓଡ଼ିଶାର ଅନ୍ୟତମ ଆଦର୍ଶ ଓ ଶିକ୍ଷା ପ୍ରତିଷ୍ଠିତ ସିଡ଼ିଏ ସେକ୍ଟର-୯ସ୍ଥିତ ସିମରିଂ ଷ୍ଟାର ବିଦ୍ୟାଳୟର ବାରତମ ବାର୍ଷିକ ଉତ୍ସବ ଓ ଏସେଲସ୍ ପବ୍ଲିକ ସ୍କୁଲର ସପ୍ତମ ବାର୍ଷିକ ଡେ'ଫେଷ୍ଟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କଟକ ବାରବାଟୀର ବିଧାୟକ ଇଂ.ମହମ୍ମଦ ମୋକିମ ଯୋଗ ଦେଇଥିଲେ ଓ କଟକର ବି.ଇ.ଓ. ଡକ୍ଟର ସନ୍ତୋଷ କୁମାର ରାଉତ ଓ ଶିକ୍ଷାବିତ୍ ଡକ୍ଟର ସୁରେଶ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘ୍ନା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଏସେଲସ୍ ପବ୍ଲିକ ସ୍କୁଲର ଅଧକ୍ଷ ସମରେନ୍ଦ୍ର ପରମାଣିକ ବାର୍ଷିକ ଉତ୍ସବ ପାଠ କରିଥିଲେ ଓ ସିମରିଂ ଷ୍ଟାର ବିଦ୍ୟାଳୟର ଅଧକ୍ଷା ଶିକ୍ଷାବିତ୍ ମଞ୍ଜୁଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇଟି ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ଦେଶପ୍ରେମ, ସଚେତନଧର୍ମୀ ଓ ସାମ୍ପ୍ରତିକ ଘଟଣାବଳୀକୁ ନେଇ ପୌରାଣିକ କଥାବସ୍ତୁର ନୃତ୍ୟନାଟିକା ଓ ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲେ । ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ଓ ମେଧାବୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟରେ ଦଶବର୍ଷର ସମର୍ପିତ ଶିକ୍ଷାସେବା ପାଇଁ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ମିନତୀ ଭୂୟାଁଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶିକ୍ଷଣୀୟ କାର୍ଯ୍ୟକ୍ରମରେ ସହରର ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଗଣମାଧ୍ୟମ ପ୍ରତିନିଧି, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କ ସହ ବିଭିନ୍ନ ଶିକ୍ଷାୟତନର ପ୍ରତିନିଧିମାନେ ଯୋଗଦେଇ ଅନୁଷ୍ଠାନର ଉଲ୍ଲେଖନୀୟ ସଫଳତା ଓ ପ୍ରଗତିର ଭୂୟଂଶୀ ପ୍ରଶଂସା କରିଥିଲେ । ଏହି ଅବସରରେ କଟକର ପ୍ରସିଦ୍ଧ ଧବଳେଶ୍ୱର ବ୍ରିଜ୍ ପାଖରେ ଏସେଲସ୍ ପବ୍ଲିକ ସ୍କୁଲର ନବନିର୍ମିତ ଓ ସ୍ୱତନ୍ତ୍ର ଆର୍ଟ ହାଇସ୍କୁଲ ପ୍ରତିଷ୍ଠା ହେବାକୁ ଯାଉଥିବା ସମ୍ପର୍କରେ ସୂଚନା ଦେଇ ଏହାର ଅଗ୍ରଗତି ସଂକ୍ରାନ୍ତ ପ୍ରସ୍ତୁତି ରିପୋର୍ଟ ପ୍ରକାଶ କରିଥିଲେ ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘ୍ନା ମିଶ୍ର ।

ଦିଲ୍ଲୀରେ ଓଡ଼ିଶାର ସାଇରାମ ଗାନ୍ଧୀ ସମ୍ବର୍ଦ୍ଧିତ ।

ଆଦିବାସୀ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ପିରାମଲ୍ ଫାଉଣ୍ଡେସନ ଓ ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ସହଯୋଗିତା

ଭୁବନେଶ୍ୱର : ପିରାମଲ୍ ଫାଉଣ୍ଡେସନ ପକ୍ଷରୁ ଘୋଷଣା କରାଯାଇଛି ଯେ ଭାରତରେ ଆଦିବାସୀ ସ୍ୱାସ୍ଥ୍ୟ ସହଯୋଗିତା ସ୍ଥାପନ କରିବା ଲାଗି ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ପ୍ରଥମ ସହଯୋଗୀ ଭାବେ ଯୋଗ ଦେଇଛି । ଏହା ହେଉଛି ବିବିଧ ଅଂଶୀଦାରଙ୍କୁ ନେଇ ଗଠନ କରାଯାଉଥିବା ଏକ ସହଯୋଗିତା ଭିତିକ କାର୍ଯ୍ୟକ୍ରମ ଯେଉଁଥିରେ ଆଦୀବାସୀ ଅଂଚଳରେ ବସବାସ କରୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଗୁରୁତ୍ୱାରୋପ କରାଯିବ। ଦେଶର ଆଦିବାସୀ ବହୁଳ ଜିଲ୍ଲା ସମେତ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ମଧ୍ୟ କାର୍ଯ୍ୟ କରାଯିବ ଏବଂ ଏହା ଜରିଆରେ ୨୦୩୦ ସୁଦ୍ଧା ଶହଶ୍ରାବ୍ଦୀ ବିକାଶ ଲକ୍ଷ୍ୟ (ଏସଡିଜି) ୩ ହାସଲ କରିବା ଲାଗି ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ମଧ୍ୟ ସମର୍ଥନ ପ୍ରଦାନ କରାଯିବ। ଆଦିବାସୀ ସ୍ୱାସ୍ଥ୍ୟ ସହଯୋଗିତା (ଟ୍ରାଇବାଲ୍ ହେଲ୍ଥ କୋଲାବୋରେଟିଭ୍) ଭାରତ ସରକାରଙ୍କ ସହ ମିଶି କାର୍ଯ୍ୟ କରିବ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟର ଲକ୍ଷ୍ୟ ହାସଲ କରାଇବାରେ ସହାୟକ ହେବ। ଏହା ଏକ ଉଚ୍ଚ ପ୍ରଦର୍ଶନକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିକଶିତ କରିବ ଯାହା ସମାଜର ଉପେକ୍ଷୀତ ବର୍ଗଙ୍କ ଆବଶ୍ୟକତା ପୂରଣ କରିପାରିବ ଓ ବିଶେଷ କରି ଆଦିବାସୀଙ୍କ ଜୀବନରେ ଉନ୍ନତି ଆଣିପାରିବ। କେନ୍ଦ୍ର, ପୂର୍ବ ଏବଂ ଉତର-ପୂର୍ବ ଭାରତରର ଆକାଂକ୍ଷୀ ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାର ୧୫୦ ନିୟୁତ ଲୋକଙ୍କ ପାଖରେ ଏହି କାର୍ଯ୍ୟକ୍ରମ ଜରିଆରେ ପହଂଚିବାକୁ ଲକ୍ଷ୍ୟ ରଖାଯାଇଛି। ଅଜୟ ପିରାମଲ୍, ପ୍ରତିଷ୍ଠାତା, ପିରାମଲ୍ ଫାଉଣ୍ଡେସନ କହିଛନ୍ତି ଯେ, "୨୦୩୦ ସୁଦ୍ଧା ଏସଡିଜି ୩ ଲକ୍ଷ୍ୟ ହାସଲ କରିବା ଦିଗରେ ଭାରତକୁ ସମର୍ଥନ କରିବାକୁ ଆମେ ପ୍ରତିବଦ୍ଧ। ଉପେକ୍ଷୀତ ବର୍ଗର ଲୋକମାନଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ଉଦ୍ୟମ ଜୋରଦାର ହୋଇଛି ଓ ଏହା ବ୍ୟାପକ ହେବ। ଭାରତରେ ଅନେକ ପହଂଚ ଓ ଅପହଂଚ ଆଦିବାସୀ ଜିଲ୍ଲାରେ ପିରାମଲ୍ ଫାଉଣ୍ଡେସନ କାର୍ଯ୍ୟ କରୁଛି ଯେଉଁଥିରେ ୨୫ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟ ରହିଛି। ସମସ୍ୟାର ବ୍ୟାପକତାକୁ ଦୃଷ୍ଟିରେ ରଖି ଆମର ବିଶ୍ୱାସ ରହିଛି ଯେ ସମଭାବାପନ୍ନ ମୂଲ୍ୟ ବୋଧ ଭିତିକ ସଂସ୍ଥା ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ସହିତ ସହଯୋଗିତା ସରକାରଙ୍କ ଉଦ୍ୟମକୁ ସହାୟତା ପ୍ରଦାନ କରିବ। ଆମର ପ୍ରସ୍ତାବିତ କୋଲାବୋରେଟିଭ୍‌ର ଲକ୍ଷ୍ୟ ହେଉଛି ସରକାର, ସଂସ୍ଥା ଓ ଦାତବ୍ୟ ଅନୁଷ୍ଠାନଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରି ଭାରତରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗଣତନ୍ତ୍ର ଆଣିବା।'' ବିଲ୍ ଗେଟସ୍, କୋ-ଚେୟାର, ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟସ୍ ଫାଉଣ୍ଡେସନ କହିଛନ୍ତି ଯେ, "ଉପେକ୍ଷୀତ ବର୍ଗର ଲୋକଙ୍କ ପାଇଁ ଭାରତର ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଗୁରୁତ୍ୱ ଏହାର ଏବଂ ସାରା ବିଶ୍ୱର ୨୦୩୦ ସୁଦ୍ଧା ଏସଡିଜି ୩ ଲକ୍ଷ୍ୟ ହାସଲ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ। ସ୍ୱାସ୍ଥ୍ୟ କ୍ଷେତ୍ର ଓ ଦୁନିଆର ଗରିବ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ସରକାରଙ୍କ ସହ ମିଶି ଆମେ କାର୍ଯ୍ୟ କରିବା ଜାରି ରଖିବୁ।''

ସୋନୀ ପକ୍ଷରୁ ଏହାର ଦୁଇଟି ନୂଆ ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର : ସୋନୀ ପକ୍ଷରୁ ଆଜି ଏହାର ଦୁଇଟି ମିରର ଲେସ କ୍ୟାମେରା ଅଲଫା ୬୬୦୦ ଏବଂ ଅଲଫା ୬୧୦୦ର ଶୁଭାରମ୍ଭ କରାଯାଇଛି । ଏହି ନୂତନ ଅଲଫା ୬୬୦୦ ସବୁଠାରୁ ଅଧିକ ଚାହୁଁଥିବା ଫଟୋଗ୍ରାଫର ଏବଂ ଭିଡିଓ ନିର୍ମାତାଙ୍କ ଆବଶ୍ୟକତାକୁ ନିଜର ବହୁମୁଖୀତା ସହ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା କି ବିଭିନ୍ନ ପ୍ରକାରର ସୁଟିଂ ପରିସ୍ଥିତି ଏବଂ ବ୍ୟବହାରକାରୀଙ୍କ ପାଇଁ ଉପଯୋଗୀ ହୋଇପାରିବ । ସେହିଭଳି ଆଲଫା ୬୧୦୦ ସେହି ବ୍ୟବହାରକାରୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ ଇଣ୍ଟରଚେଞ୍ଜେବୁଲ ଲେନ୍ସ କ୍ୟାମେରା ସହ ବିଭିନ୍ନ ପରିସ୍ଥିତିରେ ସୁଟିଙ୍ଗ ଏବଂ ଉତ୍ତମ ମାନର ଫଟୋ ଓ ଭିଡିଓ ସୁଟ କରିପାରିବେ ।

ଏହି ଦୁଇଟି ଏପିଏସ-ସି ମିରରଲେସ କ୍ୟାମେରାର ଶୁଭାରମ୍ଭ ସହ ସୋନି ପକ୍ଷରୁ ଏହାର ଇ-ମାଉଣ୍ଟର ଲାଇନ ଅଫ ପାଇଁ ଜି ଲେନ୍ସ ସିରିଜରେ ଦୁଇଟି ନୂଆ ଏପିଏସ-ସି ଜୁମ ଲେନ୍ସର ମଧ୍ୟ ଘୋଷଣା କରାଯାଇଥିବାବେଳେ ଏଥିରେ ଇ ୧୬-୫୫ଏମଏମ ଏଫ୨.୮ ଜି ଷ୍ଟାଣ୍ଡାର୍ଡ ଜୁମ ଲେନ୍ସ ଏବଂ ଇ ୭୦-୩୫୦ଏମଏମ ଏଫ୪.୫-୬.୩ ଜି ଓଏସଏସ ସୁପର ଟେଲିଫଟୋ ଜୁମ ଲେନ୍ସ ସାମିଲ ରହିଛି ।

ତେବେ ଏହି ଅବସରରେ ସୋନୀ ଇଣ୍ଡିଆର ଡିଜିଟାଲ ଇମେଜିଂ ଡିଭିଜନର ପ୍ରମୁଖ ଶ୍ରୀ ହିରୋୟୁକି ଟୋକୁନୋ କହିଛନ୍ତି ଯେ, "ଆମର 'ୱାନ ମାଉଣ୍ଟ' କୌଶଳ ନିରବଚ୍ଛିନ୍ନ ଭାବରେ ଇ-ମାଉଣ୍ଟ ସିଷ୍ଟମ, କ୍ୟାମେରା ଏବଂ ଲେନ୍ସକୁ ଫୁଲଫ୍ରେମ ଓ ଏପିଏସ-ସି ମଧରେ ସମ୍ପୂର୍ଣ୍ଣ ଆନ୍ତଃ ଅନୁକୂଳତା ସହ ପ୍ରସାରିତ କରିଥାଏ । ଏହାର ଅର୍ଥାତ ହେଉଛି ଆମେ ଗ୍ରାହକମାନଙ୍କୁ ଚୟନ କରିବା ପାଇଁ ଆକର୍ଷଣକାରୀ ଉତ୍ପାଦର ବ୍ୟାପକ ଶୃଙ୍ଖଳ ଦେଇଥାଉ, ଯାହା ଦ୍ୱାରା ସେମାନେ ନିଜର ଆବଶ୍ୟକତା ନିମନ୍ତେ ଉପଯୁକ୍ତ ସାଧନ ବାଛିପାରିବେ । "

ନୂତନ ଅଲଫା ୬୬୦୦ ଏବଂ ଅଲଫା ୬୧୦୦ର କେନ୍ଦ୍ରରେ ଗୋଟିଏ ୨୪.୨ଏମପି ଏକ୍ସମୋର ସିଏମଓଏସ ଇମେଜ ସେନସର, ସଦ୍ୟତମ ବାୟୋନିଜ ଏକ୍ସ ଇମେଜ ପ୍ରୋସେସର ଏବଂ ଫ୍ରଣ୍ଟ-ଏଣ୍ଡ ଏଲଏସଆଇ ଫୁଲ-ପ୍ରେମ କ୍ୟାମେରା ସହ କାର୍ଯ୍ୟକାରୀ ହୋଇଥାଏ ।

ଭାରତରେ ରିଅଲ୍‌ମି ଏକ୍ସ୨ ପ୍ରୋର ଶୁଭାରମ୍ଭ

ଭୁବନେଶ୍ୱର : ଏକ ବିରାଟ ଲଞ୍ଚ କ୍ରମରେ ଭାରତର ଏକ ନମ୍ବର ଗୁଣବତ୍ତା ବିଶିଷ୍ଟ ଓ ଦୃତ ଅଭିବୃଦ୍ଧି କରୁଥିବା ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ରିଅଲ୍‌ମି ଏହାର ବହୁ ପ୍ରତିକ୍ଷିତ ଫ୍ଲାଗ୍‌ସିପ୍ ସ୍ମାର୍ଟଫୋନ୍ ରିଅଲ୍‌ମି ଏକ୍ସ ୨ ପ୍ରୋକୁ ଆଜି ଭାରତରେ ଲଂଚ୍ କରିଛି। ଉଦୀୟମାନ ତରୁଣ ବ୍ରାଣ୍ଡ୍‌ର ଏହା ହେଉଛି ପ୍ରଥମ ପ୍ରିମିୟମ୍ ଫ୍ଲାଗସିପ୍ ସ୍ମାର୍ଟ। ରିଅଲ୍‌ମି ଏକ୍ସ ୨ପ୍ରୋରେ ଭାରତର ଦୃତତମ ୫୦ ୱାଟ୍ ସୁପର ଭିଓସି ଫ୍ଲାସ୍ ଚାର୍ଜ ରହିଛି(ଯାହା ମାତ୍ର ୩୫ ମିନିଟରେ ୧୦୦ ପ୍ରତିଶତ ଚାର୍ଜ କରିଥାଏ)। ଏହା ସହ ରହିଛି ଦୃତତମ ସ୍ନାପ୍‌ଡ୍ରାଗନ ପ୍ରୋସେସର-ସ୍ନାପ୍‌ଡ୍ରାଗନ୍ ୮୫୫+। ରିଅଲ୍‌ମି ଏକ୍ସ ଟୁ ପ୍ରୋ ଦୁଇଟି ରଙ୍ଗରେ ଉପଲବ୍ଧ ହେବ- ନେପଚୁନ୍ ବ୍ଲୁ ଏବଂ ଲୁନାର ହ୍ୱାଇଟ୍। କମ୍ପାନୀ ମଧ୍ୟ ରେଡ୍ ବ୍ରିକ୍ ଓ କଂକ୍ରିଟ୍ ରଙ୍ଗର ମାଷ୍ଟର ଏଡିସନ୍ ଲଂଚ୍ କରିବ। ଯାହାକୁ ପ୍ରଖ୍ୟାତ ଡିଜାଇନର ନାଓଟୋ ଫୁକାସ୍ୱା ଡିଜାଇନ୍ କରିଛନ୍ତି। ଦୁଇ ଭେରିଆଣ୍ଟ(ପ୍ରକାର)ରେ ଏହି ସ୍ମାର୍ଟ୍ ଫୋନ୍ ଉପଲବ୍ଧ ହେବ-୮+୧୨୮ ଜିବି,ମୂଲ୍ୟ ୨୯,୯୯୯ ଏବଂ ୧୨+୨୫୬ ଜିବି,ମୂଲ୍ୟ ୩୩,୯୯୯ ରହିଛି ଏବଂ ଏହାର ବିକ୍ରି ନଭେମ୍ବର ୨୬ ଆରମ୍ଭ ହେବ। ରେଡ ବ୍ରିକ ଏବଂ କନକ୍ରିଟର ମାଷ୍ଟର ଏଡିସନ ଥିବା ୧୨ + ୨୫୬ ଜିବି ଭ୍ୟାରିଏଣ୍ଟର ମୂଲ୍ୟ ୩୪,୯୯୯ ରହିଛି।

ରିଅଲ୍‌ମି ମଧ୍ୟ ଏହାର ରିଲେମ୍ ୫ଏସ୍‌ର ଅପଗ୍ରେଡେଡ୍ ଭର୍ସନ ଲଂଚ୍ କରିଛି। ନୂଆ ରିଅଲ୍‌ମି ୫ଏସ୍ ୪୮ ଏମପି କ୍ୱାଡ୍ କ୍ୟାମେରା ବିଶିଷ୍ଟ ହୋଇଥିବା ବେଳେ ଏଥିରେ ମହାକାୟ ୫୦୦୦ ଏମଏଚ୍ ବ୍ୟାଟେରି ରହିଛି,ଯାହା ଗ୍ରାହକଙ୍କୁ ଅଧିକ ସମୟ ମନୋରଂଜନର ଅନୁଭବ ଦେବ। କ୍ରିଷ୍ଟାଲ୍ ରେଡ୍, କ୍ରିଷ୍ଟାଲ ପର୍ପଲ ଏବଂ କ୍ରିଷ୍ଟାଲ ବ୍ଲୁ ରଙ୍ଗରେ ଏହା ଉପଲବ୍ଧ ହେବ। ଦୁଇ ପ୍ରକାରରେ ଉପଲବ୍ଧ ହେବାକୁ ଥିବା ଏହି ଫୋନର ଗୋଟିଏ ୪+୬୪ ଜିବିର ମୂଲ୍ୟ ୯,୯୯୯ ହୋଇଥିବା ବେଳେ ଅନ୍ୟଟି ୪+୧୨୮ ଜିବି ଓ ମୂଲ୍ୟ୧୦,୯୯୯ ରହିବ। ନଭେମ୍ବର ୨୯ ତାରିଖରୁ ଫ୍ଲିପ୍‌କାର୍ଟ ଓ ରିଲେମ୍ ଡଟ୍ କମ୍/ଇନ୍‌ରେ ଏହା ଉପଲବ୍ଧ ହେବ।

ଅସାଧାରଣ ଉତ୍ପାଦନ ଦ୍ୱାରା ବଜାରରେ ହଇଚଇ ସୃଷ୍ଟି କରୁଥିବା ରିଅଲ୍‌ମି ଇଣ୍ଡିଅ ସିଇଓ ମାଧବ ସେଠ୍ କହିଛନ୍ତି ଯେ, "ଆମ ଆମର ବୁଦ୍ଧିମାନ ରିଲେମ୍ ଗ୍ରାହକଙ୍କ ପାଇଁ ରିଅଲ୍‌ମି ଏକ୍ସ ଟୁ ପ୍ରୋ ଆଣି ଅତ୍ୟନ୍ତ ଉତ୍ସାହିତ ଅଛୁ। କାରଣ ଦେଶରେ ଏହି ମୂଲ୍ୟ ଭିତରେ ଉପଲବ୍ଧ ଫ୍ଲାଗସିପ୍ ସ୍ମାର୍ଟଫୋନ ମଧ୍ୟରେ ଏହା ହେଉଛି ସର୍ବୋତ୍ତମ। ଆମେ ରିଅଲ୍‌ମି ଏକ୍ସ ଟୁ ପ୍ରୋ ସହ ଅଲ୍ଟିମେଟ୍ ଫ୍ଲାଗସିପ୍ ଫୋନକୁ ଲଞ୍ଚ ପ୍ରଦାନ କରିଛୁ ଏବଂ ଏହାକୁ 'ଫାଷ୍ଟର,ବୋଲ୍ଡର ତଥା ସାର୍ପର' କରିପାରିଛୁ। ୫୦ଡବ୍ଲୁ ସୁପର ଭିଓସି ଫ୍ଲାସ୍ ଚାର୍ଜର ଏବଂ ଦୃତତମ ସ୍ନାପଡ୍ରାଗନ ପ୍ରୋସେସର ସହ ଏହା ହେଉଛି ଦେଶର ସବୁଠୁ ଶୀଘ୍ର ଚାର୍ଜ ହେଉଥିବା ସ୍ମାର୍ଟଫୋନ୍। ଏହାର ଡୁଆଲ ଷ୍ଟେରିଓ ସ୍ପିକର ନୂଆ ଅନୁଭବ ଦେବ। ଏବଂ ଏହାର ୬୪ ଏମପି ମୁଖ୍ୟ କ୍ୟାମେରା, ଯେଉଁଥିରେ ୨୦ଏକ୍ସ ଜୁମ୍ ବୈଶିଷ୍ଟ୍ୟ ରହିଛି , ଆମର 'ଲଞ୍ଚ କରିବା ପାଇଁ ସାହସ' ଦର୍ଶନକୁ ପୁନଃପରିଭାଷିତ କରୁଛି। ଆମ ଗ୍ରାହକଙ୍କ ଏହି ପରମ ସ୍ମାର୍ଟଫୋନର ଉପଭୋଗକୁ ଆମେ ଅପେକ୍ଷା କରିଛୁ"

ରିଅଲ୍‌ମି ୫ଏସ୍ ଉପରେ ଗୁରୁତ୍ୱ ଦେଇ ମାଧବ କହିଥିଲେ ଯେ, ୧୦ ହଜାର ଟଙ୍କା ମଧ୍ୟରେ ଆମର ରିଅଲ୍‌ମି ଫାଇଭ୍ ଏସ୍ ସର୍ବୋତ୍ତମ ୪୮ଏମପି କ୍ୱାଡ୍ କ୍ୟାମ ସ୍ମାର୍ଟଫୋନ୍। ଆମେ ଆମ ଗ୍ରାହକଙ୍କୁ ବଡ ପିକ୍‌ଚର,ବଡ ଷ୍ଟୋରେଜ୍ ଏବଂ ବଡ ବ୍ୟାଟେରି (୫୦୦ଏମଏଚ) ଦେଇ ବେସ୍ ଖୁସୀ ଅନୁଭବ କରୁଛୁ। ଆମ ରିଅଲ୍‌ମି ୫ ଏବଂ ରିଅଲ୍‌ମି ୫ ପ୍ରୋକୁ ଗ୍ରାହକଙ୍କ ସମର୍ଥନ ମିଳିଛି ଏବଂ ମୁଁ ନିଶ୍ଚିତ ଯେ, ରିଅଲ୍‌ମି ୫ ଏସ୍ ବଜାରକୁ ଆଗକୁ ବଢ଼ାଇବ ଏବଂ ଉପଭୋକ୍ତାଙ୍କୁ ସର୍ବୋତ୍ତମ କ୍ୟାମେରା ଏକ୍ସପିରିଏନ୍ସ ଦେବ'

ଆନ୍ଧ୍ର କବଜାରେ ସ୍ୱାଭିମାନ ଅଂଚଳ

ଖବର ପ୍ରସାରିତ ପରେ ପ୍ରଶାସନ ପହଂଚିଲା ଜୁମଡାଙ୍ଗ ଗ୍ରାମରେ

ମାଲକାନଗିରି ,(ପିଏନ)- ଚିତ୍ରକୋଣ୍ଡା-ଆନ୍ଧ୍ର ଓଡିଶା ସୀମାନ୍ତ ନକ୍ସଲ ଉପଦ୍ରୁତ ଆଦିବାସୀ ବହୁଳ ମାଓ ପ୍ରବଣ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ରାଲେଗାଡା ଗ୍ରାମ ପଂଚାୟତ ଅନ୍ତର୍ଭୁକ୍ତ ଜୁମଡାଙ୍ଗ ଗାଁ ଆନ୍ଧ୍ର କବଜକ୍ଷ ରେ ଥିବା ନେଇ ବିଭିନ୍ନ ଖବର କାଗଜରେ ପ୍ରସାରିତ ହେବା ପରେ ଜିଲା ପ୍ରଶାସନ ନିର୍ଦେଶ କ୍ରମେ ଚିତ୍ରକୋଣ୍ଡା ବିଡ଼ିଓ ଲରିମନ ଖରସେଲ ନେତୃତ୍ୱରେ ଏକ ଆଠ ଜଣିଆ ଟିମ କରାଯାଇଥିଲା । ଏଥିରେ ରାଲେଗାଡା ପଂଚାୟତ ସମ୍ପ୍ରସାରଣ ଅଧିକାରୀ ରମେଶ ଆୟାର, ଗ୍ରାମ ରୋଜଗାର ସେବକ ବଳଭଦ୍ର ମାଝୀ, ବ୍ଲକ ସୋସିଆଲ ସିକ୍ୟୁରିଟ ଅଫିସର ଅମର ମାଡକାମି, ସୋସିଆଲ ୱ୍ରକର୍କର ବିରାଜ ମଣ୍ଡଳ ଓ ହରି ଶିଶା, ବିଏଲଓ ଗଙ୍ଗା, ସେଲସମ୍ୟାନ ବିଶ୍ୱନାଥ ଖିଲ ଓ ଅଙ୍ଗନବାଡି କର୍ମୀ ହେମଲତା ଶିଶା ପ୍ରମୁଖ ମିଶି ଉକ୍ତ ଗ୍ରାମକୁ ଯାଇଥିଲେ । ସ୍ୱାଭିମାନ ଅଂଚଳ ପାପରମେଟଲା ପଂଚାୟତ ଯନ୍ତାପାଇ ନିକଟସ୍ଥ ଡୋଲିଆମ୍ବ ଗ୍ରାମରେ ବାଇକ ରଖି ଡୋଲିଆମ୍ବ ଠାରୁ ଦେଢ଼ ଘଂଟା ଘାଟି ଚଢି କତାବାରୁ ରେ ପହଂଚି ପୁଣି ଚାଲିବା ଆରମ୍ଭ କରି ଅପରାହ୍ନ ରେ ଜୁମଡାଙ୍ଗ ଗାଁ ରେ ପହଂଚି ସେଠାକାର ଲୋକଙ୍କ ସହ ମିଶି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝି ଥିଲେ। ସେଠାରେ ଜୁମଡାଙ୍ଗ ଗ୍ରାମ ୨୧ ଟି ପରିବାର ରହୁଛନ୍ତି। ସମସ୍ତ ପରିବାର ଆଦିବାସୀ କନ୍ଧ ସମ୍ପ୍ରଦାୟର। ଗ୍ରାମରେ ସମସ୍ତ ସରକାରୀ ସୁବିଧା ଅପହଂଚ,ବିଦ୍ୟାଳୟ ନାହିଁ ଉକ୍ତ ଗ୍ରାମରେ, ଅଙ୍ଗନବାଡି କେନ୍ଦ୍ର ଥିଲା ଅଙ୍ଗନବାଡି କର୍ମି ସୁନ୍ଦରୀ ହନ୍ତାଳ କିଛି ଦିନ ହେଲା ପଦବୀ ଛାଡି ଆନ୍ଧ୍ର ଚାଲିଗଲା,ବିଦ୍ୟାଳୟ ନାହିଁ, ସମସ୍ତ ପରିବାର ଲୋକଙ୍କ ର ଓଡିଶାର ଭୋଟର କାର୍ଡ ଥିବା ବେଳେ ଆଧାର କାର୍ଡ ଆନ୍ଧ୍ର ର ଥିଲା, କିଛି ଲୋକ ତଥା ଗର୍ଭବତୀ ମହିଳା ମାନଙ୍କ ମମତା ଯୋଜନାରେ ମଧ ଆନ୍ଧ୍ର ଅଂଚଳ ର ବ୍ୟାଙ୍କ ଆକାଉଂଟ ଖାତା ଥିଲା, ଆନ୍ଧ୍ରର ଏକ ପାଣି ଟାଙ୍କି ଥିଲା, ସମସ୍ତ ପରିବାର ଙ୍କ ପାଖରେ ଆନ୍ଧ୍ର ର ଚାଉଳ କାର୍ଡ ରହିଛି। ସୀମାନ୍ତ ଏବଂ ଦୁର୍ଗମ ଅଂଚଳ ପାଇଁ ଓଡିଶା ରାଜ୍ୟ ସରକାରଙ୍କ ସମସ୍ତ ମୌଳିକ ସୁବିଧା ଅପହଂଚ ରହିଛି। ଭତା, ଚାଉଳ, ଇନ୍ଦିରା ଆବାସ ଘର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ସମସ୍ତ ସୁବିଧାରୁ ବଂଚିତ ଅଛନ୍ତି । ପ୍ରକାଶ ଥାଉକି ପାପରମେଟଲା ପଂଚାୟତ ଠାରୁ ଜୁମଡାଙ୍ଗ ଗ୍ରାମ ୫ରୁ ୭ କିଲୋମିଟରର ପାହାଡି ଘାଟି ରାସ୍ତା ରହିଛି । ଓଡିଶା ସୀମାନ୍ତ ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ଜିଲ୍ଲା ମାଡିଗାରୁ ଗାଁ ୨୦ କିଲୋମିଟରରୁ ଉର୍ଦ୍ଧ ମାତ୍ର ସେହି ଗ୍ରାମରେ ଏକ ଚର୍ଚ୍ଚ ଖୋଲାଯାଇ ଜଣେ ପାଷ୍ଟ ର ପିଲା ମାନଙ୍କୁ ଡ୍ରେସ, ପାଠ ପଢାଉ ଥିବାର ସୂଚନା ମିଳିବା ସହ ଆନ୍ଧ୍ର ତରଫରୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଉ ଥିବାର ତଥ୍ୟ ମିଳିବା କ୍ଷଣି ଜୁମଡାଙ୍ଗ ଗ୍ରାମ ପାଇଁ ପ୍ରଶାସନ ତରଫରୁ ଆରମ୍ଭ କରାଯାଇଥିଲା ବିଭିନ୍ନ ଯୋଜନାର ସହାୟତା । ଯାଇଥିବା ଟିମ ଗ୍ରାମ ତଥା ପରିବାର ସର୍ଭେ କରି ୧୦ଜଣଙ୍କ ଭତା ଦରଖାସ୍ତ ଫର୍ମ , ସମସ୍ତ ପରିବାର ପାଇଁ ରାସନ ରାସନକାର୍ଡ ଓ ଇନ୍ଦିରା ଆବାସ ଘର ପାଇଁ ଦରଖାସ୍ତ ଗ୍ରହଣ କରି ସମସ୍ତ ସହାୟତା ଓ ଯୋଜନା ପହଂଚିବ ବୋଲି ପ୍ରତିଶୃତି ଦେଇଥିଲେ।

ସେହିଭଳି ଆନ୍ଧ୍ର ସୀମାନ୍ତ ବର୍ତି ଗ୍ରାମ ଯଥା-କତାବାରୁ, ଚିଟାମଗାରୁ, ମଣ୍ଡକ୍ଷପାଲି ଓ କଟଙ୍ଗଦୁରବନ୍ଧ ଗ୍ରାମକୁ ୮ ଜଣିଆ ଟିମ ଯାଇ ବିଭିନ୍ନ ଯୋଜନାର ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରି ପୁଣି ଆଗାମୀ ସପ୍ତାହରେ ଆସିବା ପାଇଁ କହି ଚିତ୍ରକୋଣ୍ଡା ଫେରିଥିଲେ। ଜୁମଡାଙ୍ଗ ଗ୍ରାମର ଗ୍ରାମବାସୀ ମାନେ ପାପରମେଟେଲା ଗ୍ରାମ ପଂଚାୟତ ୫କିଲୋମିଟର ହେବ ସେ ପଂଚାୟତ ରେ ତାଙ୍କ ଗ୍ରାମ ସାମିଲ କରିବାକୁ ଆବେଦନ କରିଥିଲେ । ମାତ୍ର ତାଙ୍କୁ ବହୁ ଦୂରରେ ରାଲେଗାଡା ପଂଚାୟତ ରେ ସାମିଲ କରାଯାଇ ଥିବାରୁ ଲୋକେ ଆସିବା ଅସମ୍ଭବ ହୋଇ ପଡିଛି ଫଳରେ ସମସ୍ତ ଯୋଜନା ଅପହଂଚ ହୋଇଥିବା ବେଳେ ଆନ୍ଧ୍ର ପାଷ୍ଟର ଏବଂ ଅନ୍ୟାନ୍ୟ ସହଯୋଗରେ ସହାୟତା ଯୋଗାଇ ଓଡିଶା ଗ୍ରାମକୁ ହାତେଇବାକୁ ପ୍ରୟାସ କରୁଛି ଆନ୍ଧ୍ର ସରକାର। ବହୁ ଲୋକ ପାଷ୍ଟରଙ୍କ ଦ୍ୱାରା ପ୍ରଭାବିତ ହୋଇ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବାର ସୂଚନା ମିଳିଛି।

ଭିଭୋ ପକ୍ଷରୁ ୱାଇ-୧୯ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର-ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ଭିଭୋ ପକ୍ଷରୁ ଏହାର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ୱାଇ-୧୯ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫୋନ୍ ଯୁବବର୍ଗଙ୍କ ସେଲଫି ଅଭ୍ୟାସକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଛି। ଏହାକୁ ଜ୍ଞାନକୌଶଳ, ଡିଜାଇନିଂ ଏବଂ ସାମୁହିକ ଦକ୍ଷତା ଭିତିରେ ପ୍ରସ୍ତୁତ କରାଯାଇଛି। ଏଥିରେ ୩ଟି ଏଆଇ ପଛ କ୍ୟାମେରା ରହିଛି। ସେଗୁଡ଼ିକ ଯଥାକ୍ରମେ ୧୬ ଏମ୍‌ପି, ୮ ଏମ୍‌ପି ଏବଂ ୨ ଏମ୍‌ପି କ୍ଷମତା ବିଶିଷ୍ଟ। ଏଥିରେ ୫୦୦୦ଏମଏଏଚ୍ ବ୍ୟାଟେରୀ ଏବଂ ୧୮ ୱାଟ୍ ଶୀଘ୍ର ଚାର୍ଜିଂ ହେଉଥିବା ଚାର୍ଜର ରହିଛି।

ଏହା ମ୍ୟାଗ୍ନେଟିକ୍ ବ୍ଲାକ୍ ଏବଂ ସ୍ପ୍ରିଙ୍ଗ ହ୍ୱାଇଟ୍ ରଙ୍ଗରେ ଫ୍ଲିପ୍‌କାର୍ଟ, ଆମାଜନ, ପେଟିଏମ୍ ଆଦି ଅନ୍ ଲାଇନ୍ ପ୍ଲାଟଫର୍ମରେ ଏବଂ ଅଫଲାଇନ୍ ଅଂଶୀଦାର ତଥା ଭିଭୋ ଇଣ୍ଡିଆ ଇ-ଷ୍ଟୋରରେ ରେ ୨୦୧୯ ନଭେମ୍ବର ୨୦ ତାରିଖଠାରୁ ଉପଲବ୍ଧ ହେବ। ଏହାର ମୂଲ୍ୟ ୧୩,୯୯୦ଟଙ୍କା ରହିଛି।

ଏହି ସ୍ମାର୍ଟଫୋନ୍ କ୍ରୟରେ ଏସବିଆଇ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଧାରକଙ୍କୁ ୫% କ୍ୟାସ ବ୍ୟାକ୍ ସୁବିଧା, ଏଚଡିବି ପେପର ଫାଇନାନ୍ସ କ୍ଷେତ୍ରରେ ୧୦% କ୍ୟାସ୍ ବ୍ୟାକ୍ ସୁବିଧା ଉପଲବ୍ଧ ହେବ। ବଜାଜ୍ ଏବଂ ଏଚଡିଏଫସି ପେପର ଫାଇନାନ୍ସ କ୍ଷେତ୍ରରେ ଜିରୋ ଡାଉନ୍ ପେମେଂଟ୍ ସୁବିଧା ଉପଲବ୍ଧ ହେବ। କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ କ୍ଷେତ୍ରରେ ୧୨ ମାସର ନୋ କଷ୍ଟ ଇଏମ୍‌ଆଇ ସୁବିଧା ସହିତ ରିଲାଏନ୍ସ ଜିଓ ପକ୍ଷରୁ ୬୦୦୦ଟଙ୍କାର ସୁବିଧା ଉପଲବ୍ଧ ହେବ।

ଏହି ଅବସରରେ ଭିଭୋ ଇଣ୍ଡିଆର ବ୍ରାଣ୍ଡ ଷ୍ଟାର୍ଟେଜି ନିର୍ଦ୍ଦେଶକ ନିପୁନ ମାରୟା କହିଲେ, " ଭିଭୋ ସାମ୍ପ୍ରତିକ କ୍ୟାମେରା ଜ୍ଞାନକୌଶଳରେ ଏକ ନୂତନ କ୍ଷେତ୍ର ସୃଷ୍ଟି କରିବା ସହିତ କ୍ୟାମେରାର ଅଭିଜ୍ଞତାକୁ ବିଶେଷ ବୁଦ୍ଧିମନ୍ତ କରିବାକୁ ସକ୍ଷମ ହେବ। ଆମ୍ଭେ ନିଶ୍ଚିତ ଯେ, ଏହି ୱାଇ-୧୯ ସ୍ମାର୍ଟଫୋନ୍ ନୂତନ ବେଂଚମାର୍କ ସୃଷ୍ଟି କରିବାକୁ ସକ୍ଷମ ହେବ ତଥା ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିବା ସହିତ ସେଲଫି ଅଭିଜ୍ଞତାକୁ ବୁଦ୍ଧିମନ୍ତ କରାଇବ।"

ଏଥିରେ ୪ଜିବି ରାମ୍, ୧୨୮ ଜିବି ରମ୍, ଡୁଆଲ୍ ଇଞ୍ଜିନ୍ ଫାଷ୍ଟ ଚାର୍ଜିଂ ସୁବିଧା ରହିଛି। ଏଥିରେ ୧୬.୫୮ ସେମି ହାଲୋ ସ୍କ୍ରିନ୍ ଡିସ୍‌ପ୍ଲେ ରହିଛି। ଏହାର ସ୍କ୍ରିନ୍ ବଡି ଅନୁପାତ ୧୯.୫:୯ ରହିଛି। ଏଥିରେ ୫୦୦୦ଏମଏଏଚ୍ ବ୍ୟାଟେରୀ ରହିଛି। ଏହାର ସ୍କ୍ରିନ୍ ଟୁ ବଡି ରେସିଓ ୯୦.୫% ରହିଛି। ଏଥିରେ ଡୁଆଲ୍ ଟୁର୍ବୋ ସୁବିଧା ରହିଛି। ଏହା ବ୍ୟବହାରକାରୀଙ୍କ ଅଭିଜ୍ଞତା ବୃଦ୍ଧି କରିବାକୁ ସକ୍ଷମ ହେବ।

ସୋନୀ ପକ୍ଷରୁ ଏହାର ଦୁଇଟି ନୂଆ ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର : ସୋନୀ ପକ୍ଷରୁ ଆଜି ଏହାର ଦୁଇଟି ମିରର ଲେସ କ୍ୟାମେରା ଅଲଫା ୬୬୦୦ ଏବଂ ଅଲଫା ୬୧୦୦ର ଶୁଭାରମ୍ଭ କରାଯାଇଛି । ଏହି ନୂତନ ଅଲଫା ୬୬୦୦ ସବୁଠାରୁ ଅଧିକ ଚାହୁଁଥିବା ଫଟୋଗ୍ରାଫର ଏବଂ ଭିଡିଓ ନିର୍ମାତାଙ୍କ ଆବଶ୍ୟକତାକୁ ନିଜର ବହୁମୁଖୀତା ସହ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା କି ବିଭିନ୍ନ ପ୍ରକାରର ସୁଟିଂ ପରିସ୍ଥିତି ଏବଂ ବ୍ୟବହାରକାରୀଙ୍କ ପାଇଁ ଉପଯୋଗୀ ହୋଇପାରିବ । ସେହିଭଳି ଆଲଫା ୬୧୦୦ ସେହି ବ୍ୟବହାରକାରୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ ଇ:ରଚେଞ୍ଜେବୁଲ ଲେନ୍ସ କ୍ୟାମେରା ସହ ବିଭିନ୍ନ ପରିସ୍ଥିତିରେ ସୁଟିଙ୍ଗ ଏବଂ ଉତ୍ତମ ମାନର ଫଟୋ ଓ ଭିଡିଓ ସୁଟ କରିପାରିବେ ।ଏହି ଦୁଇଟି ଏପିଏସ-ସି ମିରରଲେସ କ୍ୟାମେରାର ଶୁଭାରମ୍ଭ ସହ ସୋନି ପକ୍ଷରୁ ଏହାର ଇ-ମାଉ:ର ଲାଇନ ଅଫ ପାଇଁ ଜି ଲେନ୍ସ ସିରିଜରେ ଦୁଇଟି ନୂଆ ଏପିଏସ-ସି ଜୁମ ଲେନ୍ସର ମଧ ଘୋଷଣା କରାଯାଇଥିବାବେଳେ ଏଥିରେ ଇ ୧୬-୫୫ଏମଏମ ଏଫ୨.୮ ଜି ଷ୍ଟାଣ୍ଡାର୍ଡ ଜୁମ ଲେନ୍ସ ଏବଂ ଇ ୭୦-୩୫୦ଏମଏମ ଏଫ୪.୫-୬.୩ ଜି ଓଏସଏସ ସୁ ର ଟେଲିଫଟୋ ଜୁମ ଲେନ୍ସ ସାମିଲ ରହିଛି ।

ଏସ୍‌ବିଆଇ ପକ୍ଷରୁ ନଭେମ୍ବର ୨୨ରେ ସର୍ବଭାରତୀୟ ସ୍ତରରେ "ଗ୍ରାହକ ସମ୍ମିଳନୀ" ଆୟୋଜନ କରାଯିବ

ଭୁବନେଶ୍ୱର: ଗ୍ରାହକଙ୍କ ସହ ଯୋଡ଼ିହେବା, ସେମାନଙ୍କ ଅନୁଭୂତିରେ ଉନ୍ନତି ଆଣିବା ଓ ସେମାନଙ୍କୁ ଉନ୍ନତ ସେବା ପ୍ରଦାନ କରିବା ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସର୍ବଭାରତୀୟ ସ୍ତରରେ ନଭେମ୍ବର ୧୨ରେ ଗ୍ରାହକ ସମ୍ମିଳନୀ ଆୟୋଜନ କରାଯିବ। ଏସବିଆଇ ପକ୍ଷରୁ ଗ୍ରାହକଙ୍କୁ ଡିଜିଟାଲ୍ ପେମେଂଟ୍ ବ୍ୟବସ୍ଥାର ଲାଭ ଓ ସୁବିଧା ବିଷୟରେ ଗ୍ରାହକଙ୍କୁ ଅବଗତ କରିବା ଏବଂ କାରବାର କରିବା ବେଳେ ସୁରକ୍ଷିତ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଅନୁସରଣ କରିବା ଲାଗି ସେମାନଙ୍କୁ ସଚେତନ କରାଯିବ। ଏହି ଅଭିଯାନ ଜରିଆରେ ବ୍ୟାଙ୍କ ତରଫରୁ ଓଡ଼ିଶା ଲୋକାଲ୍ ହେଡ୍ ଅଫିସ୍ (ଏଲ୍ଏଚ୍ଓ)ରେ ୨୫ଟି ସ୍ଥାନ ମାଧ୍ୟମରେ ଗ୍ରାହକଙ୍କ ସହ ଯୋଡ଼ି ହେବାକୁ ଲକ୍ଷ୍ୟ ରଖାଯାଇଛି ଏବଂ ମୋଟ ଉପରେ ବ୍ୟାଙ୍କ ତରଫରୁ ସାରା ଦେଶରେ ଥିବା ଏସବିଆଇର ୧୭ଟି ଏଲ୍ଏଚ୍ଓରେ ୫୧୭ଟି ସ୍ଥାନ ଜରିଆରେ ଗ୍ରାହକଙ୍କ ପାଖରେ ପହଂଚିବାକୁ ବ୍ୟାଙ୍କ ଯୋଜନା ରଖିଛି। ବୈଠକଗୁଡ଼ିକରେ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ବକ୍ତବ୍ୟ ପ୍ରଦାନ କରିବେ।ଏହି ଅଭିଯାନରେ, ଗ୍ରାହକମାନେ ବ୍ୟାଙ୍କର ଷ୍ଟାଫଙ୍କ ସହ ନିଜ ସମସ୍ୟା ବିଷୟରେ ଆଲୋଚନା କରିପାରିବେ ଏବଂ ବ୍ୟାଙ୍କର ଉତ୍ପାଦ ଓ ସେବା ଉପରେ ମତାମତ ଓ ପରାମର୍ଶ ଦେଇପାରିବେ। ଗ୍ରାହକଙ୍କ ମତାମତ ଓ ପରାମର୍ଶ ବ୍ୟାଙ୍କକୁ ନିଜର ଥିବା ଉତ୍ପାଦ ଓ ସେବାରେ ଉନ୍ନତି ଆଣିବାରେ ସହାୟକ ହେବ। ଏହି ଘୋଷଣା କରିବା ଅବସରରେ ଶ୍ରୀଯୁକ୍ତ ପି କେ ଗୁପ୍ତା, ଏମ୍‌ଡି-ରିଟେଲ୍ ଓ ଡିଜିଟାଲ୍ ବ୍ୟାଙ୍କିଙ୍ଗ, ଏସ୍‌ବିଆଇ କହିଛନ୍ତି ଯେ, "ଗ୍ରାହକଙ୍କ ସହ ସମ୍ପର୍କ ସ୍ଥାପନ କରିବା ଏକ ଜାରି ରହିଥିବା ପ୍ରକ୍ରିୟା ଯାହାକୁ ଏସବିଆଇ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛି। ସେମାନଙ୍କ ମୂଲ୍ୟବାନ ମତାମତ ଓ ପରାମର୍ଶ ଗୁଣାତ୍ମକ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବାରେ ବ୍ୟାଙ୍କ ପାଇଁ ସହାୟକ ହେବ। ବ୍ୟାଙ୍କ ସର୍ବଦା ଏହାର ଗ୍ରାହକଙ୍କୁ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ।''

ଆମ୍‌ୱେ ଇଣ୍ଡିଆ ପକ୍ଷରୁ ପଲ୍ଲୀ ଉନ୍ନୟନ ସେବା ସମିତିରେ ସାର୍ବଜନୀନ ଶିଶୁ ଦିବସ ପାଳିତ

ଭୁବନେଶ୍ୱର: ଉନ୍ନତ ଜୀବନ ବଂଚିବା ଲାଗି ଲୋକମାନଙ୍କୁ ସହାୟତା କରିବା ଉପରେ ଗୁରୁତ୍ୱ ଜାରି ରଖି ଦେଶର ସର୍ବବୃହତ ଏଫ୍ଏମ୍‌ସିଜି ପ୍ରତ୍ୟକ୍ଷ ବିକ୍ରି କଂପାନି ଆମ୍‌ୱେ ଇଣ୍ଡିଆ ପକ୍ଷରୁ ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଇଛି । ଆମ୍‌ୱେ ଇଣ୍ଡିଆର ସିଏସ୍ଆର୍ ପ୍ରକଳ୍ପ-ପ୍ରୋଜେକ୍ଟ ସନ୍‌ରାଇଜ୍‌ର ଅଂଶ ସ୍ୱରୂପ ସାରା ଭାରତରେ ୧୨ ଏନ୍‌ଜିଓ ସହଯୋଗୀଙ୍କ ସହ ମିଶି ଏହି ବାର୍ଷିକ ଉତ୍ସବ ପାଳନ କରାଯାଉଛି ଯାହା ଜରିଆରେ ଭାରତର ଉପେକ୍ଷୀତ ବର୍ଗର ପିଲାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ସୁବିଧା ପ୍ରଦାନ କରି ସେମାନଙ୍କ ସାମଗ୍ରିକ ବିକାଶର ପ୍ରସାର କରିବାକୁ ଆମ୍‌ୱେ ଲକ୍ଷ୍ୟ ରଖିଛି।

ଏହି ଉତ୍ସବ ପାଳନରେ ଯୁବପିଢ଼ିଙ୍କୁ ବିଭିନ୍ନ ପ୍ରକାର ଭାବବିନିମୟ ଭିତିକ କାର୍ଯ୍ୟକ୍ରମ ଜରିଆରେ ଉତ୍ସାହିତ ଓ ସଶକ୍ତ କରାଯାଉଛି। ଏଥିରେ ସାମିଲ ରହିଛି ଚିତ୍ରାଙ୍କନ ପ୍ରତିଯୋଗିତା, ସଙ୍ଗୀତ ପ୍ରଦର୍ଶନ, ପ୍ଲାଷ୍ଟିକ୍‌ର ବ୍ୟବହାରକୁ ଦୂର କରିବା ଦିଗରେ ଲୋକମାନଙ୍କୁ ସଚେତନ କରିବା ଲାଗି ସର୍ଟ ସ୍କିଟ୍, ଭାବ ବିନିମୟ କର୍ମଶାଳା, କଣ୍ଢେଇ ନୃତ୍ୟ ପ୍ରଦର୍ଶନ ଏବଂ ଆହୁରି ବହୁତ କିଛି ।ଭୁବନେଶ୍ୱରରେ ଆମ୍‌ୱେ ଇଣ୍ଡିଆ ପକ୍ଷରୁ ପଲ୍ଲୀ ଉନ୍ନୟନ ସେବା ସମିତି ସହଯୋଗରେ ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଇଛି ଯେଉଁଥିରେ ଶିଶୁମାନଙ୍କ ଜ୍ଞାନ ପରିସୀମା ବୃଦ୍ଧି କରିବାର ଅଂଶ ସ୍ୱରୂପ ସେମାନଙ୍କୁ ଆଂଚଳିକ ବିଜ୍ଞାନ କେନ୍ଦ୍ରକୁ ପରିଦର୍ଶନରେ ନିଆଯାଇଥିଲା। ୩୦୦ରୁ ଅଧିକ ପିଲା ଏହି ଦିବସବ୍ୟାପୀ ଭ୍ରମଣରେ ଅଂଶଗ୍ରହଣ କରିଥିଲେ ଏବଂ ଏହାର ଶେଷ ବେଳକୁ ପିଲାମାନେ ପରସ୍ପର ସହିତ ଅତି ଖୁସିର ନିଜର ଭାବନାକୁ ବାଂଟୁଥିବା ଦେଖିବାକୁ ମିଳିଥିଲା। ଏହି ଦିନଟି ପଲ୍ଲୀ ଉନ୍ନୟନ ସେବା ସମିତିର ପିଲାମାନଙ୍କ ଲାଗି କୌତୁକ ଏବଂ ଶିକ୍ଷାର ଏକ ଦିବସ ଥିଲା।ଶ୍ରୀଯୁକ୍ତ ଚନ୍ଦ୍ରା ଚକ୍ରବର୍ତୀ, ଉପସଭାପତି-ପୂର୍ବ, ଆମ୍‌ୱେ ଇଣ୍ଡିଆ କହିଛନ୍ତି ଯେ, "ଆଜିର ପିଲାମାନେ ହେଉଛନ୍ତି ଆସନ୍ତାକାଲିର ନେତୃବୃନ୍ଦ ଏବଂ ଆମ୍‌ୱେ ଇଣ୍ଡିଆ ପ୍ରତିବର୍ଷ ଏହାର ଏନ୍‌ଜିଓ ସହଯୋଗୀଙ୍କ ସହ ମିଶି ଶିଶୁ ଦିବସ ପାଳନ କରୁଛି। ପିଲାମାନଙ୍କ ଭିତରେ ପ୍ରବଳ ଉତ୍ସାହ ଓ ଅଭିଳାଷକୁ ଦେଖିବା ଏବଂ ଜୀବନକୁ ଭାବିବା ବେଳେ ସେମାନେ ଯେଉଁଭଳି ନୂତନ ଚିନ୍ତାଧାରା ପ୍ରଦର୍ଶନ କରୁଛନ୍ତି ତାହାକୁ ଦେଖି ବହୁତ ଖୁସି ଲାଗୁଛି। ପଲ୍ଲୀ ଉନ୍ନୟନ ସେବା ସମିତି ସହିତ ସହଯୋଗିତା ସ୍ଥାପନ କରି ଆମେ ଗର୍ବିତ ଏବଂ ପିଲାମାନଙ୍କ କଲ୍ୟାଣ ପ୍ରତି ଆମେ ସମର୍ଥନ ପ୍ରଦାନ କରିବା ଜାରି ରଖିବୁ।''ଏହି ଅବସରରେ ଶ୍ରୀମତୀ ସ୍ୱାତୀ ସୁଚିସ୍ମିତା ପାତ୍ର, ସଂପାଦିକା, ପଲ୍ଲୀ ଉନ୍ନୟନ ସେବା ସମିତି କହିଛନ୍ତି ଯେ, "ଆମର ଲକ୍ଷ୍ୟ ହେଛି ପିଲାମାନଙ୍କୁ ନିୟମିତ ସମୟରୁ ବାହାର କରି କିଛି ସମୟ ସେମାନଙ୍କୁ କୌତୁକ କାର୍ଯ୍ୟକଳାପରେ ନିୟୋଜିତ କରିବା ଦରକାର ଯାହା ଦ୍ୱାରା ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିବ ଓ ଜ୍ଞାନ ବୃଦ୍ଧି ପାଇବ ଓ ସେମାନେ ଅନେକ କିଛି ଜାଣିପାରିବେ। ବିଗତ କିଛି ବର୍ଷ ହେଲାଣି ଶିଶୁ ଦିବସ ଆମ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଉତ୍ସବରେ ପରିଣତ ହୋଇଛି ଏବଂ ସେମାନେ ଆମ୍‌ୱେ ସହିତ ଏହି ଦିବସଟିକୁ ପାଳନ କରିବା ଲାଗି ଆଗ୍ରହର ସହ ଚାହିଁରହିଥାନ୍ତି। ପିଲାମାନଙ୍କ ଲାଗି ଏକ କୌତୁକପୂର୍ଣ୍ଣ ଦିବସ ପାଳନ କରିଥିବାରୁ ଆମ୍‌ୱେକୁ ହୃଦୟରୁ ଧନ୍ୟବାଦ।''

ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Saturday December 21 ଭୁବନେଶ୍ୱର ଶନିବାର, ଡିସେମ୍ବର ୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

ସାନୀ ଇଣ୍ଡିଆକୁ ଶ୍ରେୟୀ ଫାଇନାନ୍ସ ପକ୍ଷରୁ ୧୩୦ ଏକ୍ସାଭେଟର ପାଇଁ ଅର୍ଡର

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ ତଥା ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ନୂତନ ଉତ୍ପାଦର ବଜାର ପ୍ରବେଶ ସମ୍ପର୍କରେ ଏକ୍ସକନ-୨୦୧୯ରେ ଘୋଷଣା କରାଯାଇଛି। ଏଠାରେ ଭାରତ ତଥା ବିଦେଶରୁ ୧୨୫୦ରୁ ଅଧିକ କମ୍ପାନୀ ଅଂଶ ଗ୍ରହଣ କରି ନିଜର ଉତ୍ପାଦ ପ୍ରଦର୍ଶନ କରିଛନ୍ତି। ଏଠାରେ ବିସ୍ତୃତ ବର୍ଗର ଏକ୍ସାଭେଟର, ଟ୍ରକ୍ କ୍ରାୱଲର, କ୍ରେନ୍, ରୋହ୍ ନିର୍ମାଣ ଯନ୍ତ୍ରାଂଶ, ଖଣି ଖନନ ଯ’ାଂଶ ଆଦି ପ୍ରଦର୍ଶନ ହୋଇଛି। ଏହା ଭାରତରେ ବ୍ୟାପି ବିଭିନ୍ନ ବିତରକ ଏବଂ ଡାଇରେକ୍ଟ ସେଲସ୍ ନେଟ୍‌ୱାର୍କରେ ଉପଲବ୍ଧ ହେବ। ସାନୀ ଇଣ୍ଡିଆ ଶ୍ରେୟୀ ଫାଇନାନ୍ସ ପକ୍ଷରୁ ୧୩୦ ଏକ୍ସାଭେଟର ଡେଲିଭରି ଅର୍ଡର ହାସଲ କରିଛି। ଏହି ଅବସରରେ ସାନୀ ଇଣ୍ଡିଆର ଦକ୍ଷିଣ ଏସିଆ ଏମଡି ଦୀପକ ଗର୍ଗ, ବିକ୍ରି ଏବଂ ବିପଣନ ନିର୍ଦ୍ଦେଶକ ଧୀରଜ ପଣ୍ଡା, ଏଚଇ ଏବଂ କଙ୍କ୍ରିଟ୍ ବିୟୁ ମୁଖ୍ୟ ସୟ ସାକ୍ସେନା, ଏକ୍ସାଭେଟର ବିୟୁ ମୁଖ୍ୟ ଶଶାଙ୍କ ପାଣ୍ଡେ, କଷ୍ଟମର ଫାଇନାନ୍ସ ମୁଖ୍ୟ ଅରୁଣ ରଘୁନାଥ ଏବଂ ଶ୍ରେୟୀ ଫାଇନାନ୍ସର ଏମ୍‌ଡି ଡି.କେ. ବ୍ୟାସ ଏବଂ ସଭାପତି ଅମିତ ଡାଙ୍ଗ୍ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ସାନୀ ଗ୍ରୁପର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, ‘ ଆମେ ନୂତନ ଉତ୍ପାଦର ବଜାର ପ୍ରବେଶ କରାଇଥିବାରୁ ବେଶ୍ ଆନନ୍ଦିତ। ଏସବୁ ଉତ୍ପାଦ ଗୁଡ଼ିକ ବିକଶିତ ଭାବେ ଡିଜାଇନିଂ କରାଯାଇଛି। ଏଥିରେ ଫୁଏଲ୍ ଇଫିସିଏନ୍ସି, ସୁପରିୟର ପରଫରମାନ୍ସ, ବିଶ୍ୱାସନୀୟତା ତଥା ଡିଜିଟାଇଜେସନ ଆଦି ବୈଶିଷ୍ଟ୍ୟ ରହିଛି। ଏହି ଉତ୍ପାଦ ଗୁଡ଼ିକ ନିର୍ମାଣ କ୍ଷେତ୍ର ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିବ।ଏସ୍‌ୱାଇ-୨୬୦ ବ୍ରେକର ଏକ୍ସାଭେଟର ୨୬-୩୫ଟି କ୍ଲାସ୍ ରକ୍ ବ୍ରେକର ଭାବେ କାର୍ଯ୍ୟ କରିବ। ସେହିପରି ଏସ୍‌ୱାଇ-୨୮୫-ସି-୯ ଲଙ୍ଗ୍ ରିଚ୍ ଏକ୍ସାଭେଟର ୧୮ ମିଟର ପର୍ଯ୍ୟ‘ ଖନନ କରିବାକୁ ସକ୍ଷମ।ସେହିପରି ଫାଷ୍ଟ ହ୍ୱିଲଡ୍ ୧୬୧ ଏଚପି ଏକ୍ସାଭଟେର ଏସ୍‌ୱାଇ-୧୫୫-ଡବ୍ଲ୍ୟୁ ଖନନ କରିବା ସହିତ ଘଂଟା ପ୍ରତି ୩୭ କିମି ବେଗରେ ଗତି କରି ପାରିବ।ସାନୀର ନୂଆ ୧୦ ସିରିଜ୍ ଲାର୍ଜ କ୍ଲାସ୍ ଏକ୍ସାଭେଟର ଏସ୍‌ୱାଇ-୩୮୦-ସି-୧୦ଏଚଡି,ଏସ୍‌ୱାଇ-୫୦୦-ସି-୧୦ଏଚଡି ଏବଂ ଏସ୍‌ୱାଇ-୮୦୦-ସି-୧୦ଏଚଡିରେ ସିଆରଡିଆଇ ଇନ୍ ରହିଛି ଏହା ଖଣି ଖନନରେ ଉପଯୋଗୀ ସାବ୍ୟସ୍ତ ହେବ।ଅପରପକ୍ଷରେ ସାନୀର ପ୍ରଥମ ହ୍ୱିଲ୍ ଲୋଡର ଏସୱାଇଏଲ-୯୫୬-ଏଚ୍-୫ ବହୁବିଧ କାର୍ଯ୍ୟ କରିବାକୁ ସକ୍ଷମ ହେବ। ଏହାକୁ କାର୍ଯ୍ୟକ୍ଷକ କରାଇବା ସହଜ। ଏହା ଗିୟରବକ୍ସ ଦ୍ୱାରା ସମ୍ଭବ ହୋଇପାରିବ।ଏହାର ଟ୍ରକ୍ କ୍ରେନ୍ ଏସଟିସି-୨୫୦-ସି ୨୫ ଟନ୍ ଭାର ବୋହି ନେବାକୁ ସକ୍ଷମ। ସେହିପରି ଟ୍ରକ୍ କ୍ରେନ୍ ଏସଟିସି-୫୦୦-ସି ବହୁବିଧ କାର୍ଯ୍ୟ କରିପାରିଥାଏ।

ଓରିଫ୍ଲେମର ନୂତନ ଲଭନେଟର ମଲ୍ଟିମାସ୍କ

ଭୁବନେଶ୍ୱର: ଅଗ୍ରଣୀ ଡାଇରେକ୍ଟ ସେଲିଙ୍ଗ ସ୍ୱେଡିସ ବିୟୁଟି ବ୍ରାଣ୍ଡ ଓରିଫ୍ଲେମ ପକ୍ଷରୁ ଏହାର ଲଭନେଟର ମଲ୍ଟିମାସ୍କର ଶୁଭାରମ୍ଭ କରାଯାଇଛି, ଯାହାକି ପ୍ରତ୍ୟେକ ତ୍ୱଚାର ଉପଯୁକ୍ତ ଧ୍ୟାନ ରଖିବା ପାଇଁ ପ୍ରସ୍ତୁତ ହୋଇଛି । ସୌନ୍ଦର୍ଯ୍ୟ ଦୁନିଆରେ ମଲଟିମାସ୍କିଙ୍ଗ ହେଉଛି ସବୁଠାରୁ ଅଧିକ ଲୋକପ୍ରିୟ ଟ୍ରେଣ୍ଡ । ତ୍ୱଚାର ଭିନ୍ନ ଆବଶ୍ୟକତା ଅନୁଯାୟୀ ଓରିଫ୍ଲେମର ଏହି ମାସ୍କଗୁଡ଼ିକ ମଶ୍ଚୋରାଇଜିଙ୍ଗ ୱାଟରମେଲନ, ସୁଥିଙ୍ଗ ରୋଜ, ପ୍ୟୁରିଫାଇଙ୍ଗ ଆପଲ, ରାଡିଆନ୍ସ ଲିଚି ଏବଂ ନରିସିଙ୍ଗ କୋକୋଆ ଭଳି ଅନେକ ପ୍ରକାରରେ ଉପଲବ୍ଧ । ଏହି ମାସ୍କଗୁଡ଼ିକ ତ୍ୱଚାକୁ ହାଇଡ୍ରେଟ, ସତେଜ ଏବଂ କୋମଳ ରଖିଥାଏ । ପ୍ରତ୍ୟେକ ମାସ୍କକୁ ସବୁପ୍ରକାର ତ୍ୱଚା ଉପରେ ପ୍ରଭାବକାରୀ ଏବଂ କୋମଳତାର ସହ କାର୍ଯ୍ୟ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଛି, ଯେବେକି ଏହାର କ୍ରିମି ସୁଥିଙ୍ଗ ରୋଜ ଭ୍ୟାରିଆଣ୍ଟ ସମ୍ବେଦନଶୀଳ ତ୍ୱଚା ପାଇଁ ଉପଯୁକ୍ତ ହୋଇଥାଏ। ଏହି ମାସ୍କ ଗୁଡ଼ିକ ଥରେ ମାତ୍ର ବ୍ୟବହାର କରାଯାଇପାରିବ।

ଜିନ୍ଦଲ୍ ଷ୍ଟିଲ୍ ପ୍ଲାଣ୍ଟ ଜନଶୁଣାଣିକୁ ବିରୋଧ; ଜନ ଆନ୍ଦୋଳନ ସପକ୍ଷରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର : ସମାଜବାଦୀ ପାର୍ଟି

ଜିନ୍ଦଲ ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଜନଶୁଣାଣୀ ବନ୍ଦ କର
STOP JINDAL STEEL PLANT PUBLIC HEARING AT PARADIP
ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି

ଭୁବନେଶ୍ୱର : ୨୦।୧୨ : ପାରାଦ୍ୱୀପ ଅଞ୍ଚଳର ଢିଙ୍କିଆ, ଗଡ଼କୁଜଙ୍ଗ ଓ ନୂଆଗାଁ ଅଞ୍ଚଳରେ ଜିନ୍ଦଲ ଗ୍ରୁପ୍ ପକ୍ଷରୁ ପ୍ରତିଷ୍ଠିତ ହେବାକୁ ଯାଉଥିବା ଇସ୍ପାତ କାରଖାନା, ବନ୍ଦର ଓ ସିମେଣ୍ଟ କାରଖାନା ଜନଶୁଣାଣିକୁ ବିରୋଧ କରିଛି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି । ‘ପାର୍ଟି’ ପକ୍ଷରୁ ଆଜି ରାଜଭବନ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହେବା ସହିତ ରାଜ୍ୟପାଳଙ୍କୁ ଏକ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିରେ ‘ପାର୍ଟି’ ପକ୍ଷରୁ କୁହାଯାଇଛି ଯେ (୧) ଗଡ଼କୁଜଙ୍ଗଠାରେ ଆଜି ଅନୁଷ୍ଠିତ ହେବାକୁ ଯାଉଥିବା ଜନଶୁଣାଣିକୁ ବାତିଲ୍ କରାଯାଉ । (୨) ପୋସ୍କୋ ବିରୁଦ୍ଧରେ ଆନ୍ଦୋଳନ କରି ମକଦ୍ଦମାରେ ସଢୁଥିବା ସମସ୍ତ ଅଞ୍ଚଳବାସୀଙ୍କ ଉପରୁ ମକଦ୍ଦମା ପ୍ରତ୍ୟାହାର କରାଯାଉ । (୩) ପୋସ୍କୋ ପାଇଁ ସରକାର ଯେଉଁ ୨୭୦୦ ଏକର ଜମି ଅଧିଗ୍ରହଣ କରିଛନ୍ତି, ତାହାକୁ ଲୋକମାନଙ୍କୁ ଫେରାଇ ଦିଆଯାଉ । (୪) ପାରାଦ୍ୱୀପ ଶିଳ୍ପାଞ୍ଚଳ ପରିବେଶ ପ୍ରଦୂଷଣ ଦୃଷ୍ଟିରୁ ବର୍ତ୍ତମାନ ଏକ ବିଷ ବଳୟରେ ପରିଣତ ହୋଇଛି । ସେଠାରେ କାରଖାନା ପ୍ରତିଷ୍ଠା ହେଲେ ଧୂଳି ଧୂଆଁରେ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିବ । ଏହାକୁ ଦୃଷ୍ଟିରେ ରଖି କାରଖାନା ପ୍ରତିଷ୍ଠା ବନ୍ଦ କରାଯାଉ । ଜଟାଧାରୀ ମୁହାଣ ଦେଇ କଟକ ସହର ବିରିବାଟି, କନ୍ଦରପୁର ସମେତ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର, ବିରିଡ଼ି, ତିର୍ତ୍ତୋଲ, ଜଗତସିଂହପୁର, ଏରସମା ଓ କୁଜଙ୍ଗ ବ୍ଲକ ବର୍ଷାଜଳ ସମୁଦ୍ରକୁ ନିଷ୍କାସିତ ହୁଏ । ସେଠାରେ ବନ୍ଦର ପ୍ରତିଷ୍ଠା ହେଲେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନର ବାଟ ବନ୍ଦ ହୋଇଯିବ । ଫଳରେ ବର୍ଷାଋତୁରେ ମହାନଦୀ-କାଠଯୋଡ଼ି ଅଞ୍ଚଳର ବର୍ଷାଜଳ ନିଷ୍କାସିତ ହୋଇପାରିବ ନାହିଁ । ଏହାଫଳରେ ବହୁ ଧନଜୀବନ କ୍ଷତି ହେବାର ଆଶଙ୍କା ଦେଖାଦେଇଛି । ମାଛମାରି ଧାନ ଓ ପାନ ଚାଷ କରି ଜୀବିକା ନିର୍ବାହ କରୁଥିବା ଲୋକଙ୍କ ଜୀବିକା ଧ୍ୱଂସ ପାଇଯିବ । ଏହାକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବିତ ପ୍ରକଳ୍ପକୁ ବନ୍ଦ କରିବାକୁ ସମାଜବାଦୀ ପାର୍ଟି ଦାବି କରୁଛି । ‘ପାର୍ଟି’ର ରାଜ୍ୟ ସଭାପତି ରବି ବେହେରାଙ୍କ ନିର୍ଦ୍ଦେଶକ୍ରମେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ ସଭାପତି ସୁବ୍ରତ ଲେଙ୍କା, କୋଷାଧ୍ୟକ୍ଷ ସଞ୍ଜୟ ନାୟକ, ଚାଷୀ ନେତା ବିଜୟ ବେହେରା, କଟକ ଜିଲ୍ଲା ସଭାପତି ଦୀପ୍ତି ପଣ୍ଡା, ଯୁବନେତା ସୁନୀଲ୍ ମିଶ୍ର, ସୁଶୀଲ୍ ହୋତା, ନାରୀନେତ୍ରୀ ରୀତା ପଟ୍ଟନାୟକ, ଭାରତୀ ପଟ୍ଟନାୟକ, ସମ୍ବଲପୁର ଜିଲ୍ଲା ନେତା ଶରତ ଚନ୍ଦ୍ର ବେହେରା, ନରେଶ ଚନ୍ଦ୍ର ବେହେରା, ବଲାଙ୍ଗୀର ନେତା ସତ୍ୟନାରାୟଣ ଦାସ ପ୍ରମୁଖ ଏହି ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ । ଛାତ୍ରନେତା ଦେବାଶିଷ ମହାପାତ୍ର ଓ ରାଜ୍ୟପ୍ରିୟ ଦାସ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ଇଣ୍ଡିଆନ ଟେରେନ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଏଡିସନ୍ ଷ୍ଟାର୍ ୱାରସ୍ କ୍ୟାପ୍‌ସୁଲ କେଲକ୍ସନର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ପୁରୁଷ ପୋଷାକ ବ୍ରାଣ୍ଡ୍ ଇଣ୍ଡିଆନ ଟେରେନ୍ ଲୁକାସ୍ ଫିଲ୍ମସ୍‌ର ଷ୍ଟାର୍ ୱାରସ୍ ସହଯୋଗିତାରେ ଏହାର ୨୦ତମ ବାର୍ଷିକୀ ପାଳନ କରିବାକୁ ପ୍ରସ୍ତୁତ ହୋଇଯାଇଛି। ଷ୍ଟାର୍ ୱାରସ୍: ଦି ରାଇଜ୍ ଅଫ୍ ଦି ସ୍କାଏ ୱାକର୍’ ସିନେମା ରିଲିଜ୍ ହେବା ପୂର୍ବରୁ ଏହି ବ୍ରାଣ୍ଡ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଏଡିସନ୍ ଷ୍ଟାର୍ ୱାରସ୍ କ୍ୟାପ୍‌ସୁଲ୍ କଲେକ୍ସନକୁ ଉନ୍ମୋଚନ କରାଯାଇଛି। କୁଲ୍ ତଥା ଆରାମଦାୟକ ପୋଷାକ ପରିଧାନ କରି କାର୍ଯ୍ୟ ଏବଂ କ୍ରୀଡ଼ା ମଧ୍ୟରେ ଅତି ସହରରେ ସଂତୁଳନ ରକ୍ଷା କରିପାରୁଥିବା ନୂତନ ପିଢ଼ିର ଯୁବ ଗ୍ରାହକଙ୍କୁ ନଜରରେ ରଖିଛି ଇଣ୍ଡିଆନ ଟେରେନ୍। ଷ୍ଟାର ୱାରସ୍ କ୍ୟାପ୍‌ସୁଲ୍ କଲେକ୍ସନରେ ପ୍ରତିଟି ଷ୍ଟାର୍ ୱାରସ୍ ପ୍ରେମୀଙ୍କ ପାଇଁ କିଛି ନା କିଛି ରହିଛି। ଏହି କଲେକ୍ସନରେ ରହିଛି ଉଭୟ ପୁରୁଷ ଏବଂ ବାଳକଙ୍କ ପାଇଁ ଷ୍ଟାଇଲିସ୍ ପୋଷାକ। ଇଣ୍ଡିଆନ ଟେରେନ୍ ଓ ଇଣ୍ଡିଆନ ଟେରେନ୍ ବଏରେ ବିଭିନ୍ନ ସ୍ୱତନ୍ତ୍ର ଧରଣ ଓ ବିଭିନ୍ନ ରଙ୍ଗ ଏବଂ ଡାରଥ ଭାଦେର, ଡେଥ୍ ଷ୍ଟାର୍, ଷ୍ଟର୍ମଟ୍ରୁପରସ୍, ମିଲେନିଅମ୍ ଫାଲକନ୍, ବିବି୮, ଆର୨ଡି୨ ଏବଂ ଆହୁରି ବହୁତ କିଛି ପ୍ରିଂଟ୍ ଥିବା ଗ୍ରାଫିକ୍ ଟିଜ୍, ସ୍ୱେଟ୍‌ସାର୍ଟ ଓ ହୁଡିଜ୍ ରହିଛି। ଏହି ଅବସରରେ ଶ୍ରୀଯୁକ୍ତ ଚରଥ ନରସିଂହନ, ପରିଚାଳନା ନିର୍ଦ୍ଦେଶକ ଓ ସିଇଓ, ଇଣ୍ଡିଆନ ଟେରେନ୍ ଫ୍ୟାସନ୍ସ ଲିମିଟେଡ କହିଛନ୍ତି ଯେ, ‘ଷ୍ଟାର ୱାରସ୍ ଆମ ମଧ୍ୟରେ ଅନେକଙ୍କ ମଧ୍ୟରେ ସ୍ମୃତି ତାଜା କରିଥାଏ ଏବଂ ଆମେ ସ୍ୱତନ୍ତ୍ର ଏଡିସନ୍‌ର ଷ୍ଟାର ୱାରସ୍ ସମ୍ଭାରକୁ ଉନ୍ମୋଚନ କରିଥିବାରୁ ଅତ୍ୟ‘ ଆନନ୍ଦିତ। ଏହି ସିନେମା ସିରିଜ୍ ପ୍ରତି ଏହା ଆମର ଶ୍ରଦ୍ଧାଳି ଯାହା ଅନେକ ବର୍ଷ ଧରି ବିଭିନ୍ନ ହୃଦୟ ଜୟ କରିପାରିଛି। ଆମେ ଦୃଢ଼ ନିଶ୍ଚିତ ଯେ ଏହି ସମ୍ଭାର ଆମର ସମସ୍ତ ଗ୍ରାହକଙ୍କ ମଧ୍ୟରେ ବଡ଼ ଧରଣର ସଫଳତା ହାସଲ କରିବ।‘

ରିଲାଏନ୍ସ ଜୁଏଲସ୍ ପକ୍ଷରୁ ବ୍ରହ୍ମପୁରରେ ଫ୍ଲାଗସିପ ସୋ’ରୁମ୍ ଉଦଘାଟିତ

ବ୍ରହ୍ମପୁର: ଭାରତର ସବୁଠୁ ବିଶ୍ୱାସଯୋଗ୍ୟ ଗହଣା ବ୍ରାଣ୍ଡ ରିଲାଏନ୍ସ ଜୁଏଲସ ପକ୍ଷରୁ ବ୍ରହ୍ମପୁରରେ ଏହାର ଫ୍ଲାଗସିପ ସୋ’ରୁମକୁ ଉଦଘାଟନ କରାଯାଇଛି। ବ୍ରହ୍ମପୁରର କେନ୍ଦ୍ର ସ୍ଥଳରେ ଅବସ୍ଥିତ ଲୋକପ୍ରିୟ ସପିଙ୍ଗ ସ୍ଥଳ ବଡ଼ ବଜାରରେ ଏହି ଆକର୍ଷଣୀୟ ନୂଆ ସୋ’ରୁମ ଖୋଲାଯାଇଛି। ଏହି ନୂତନ ସୋ’ରୁମର ଶୁଭାରମ୍ଭ ସହିତ ଓଡ଼ିଶାରେ ରିଲାଏନ୍ସ ଜୁଏଲସର ସୋ’ରୁମ ସଂଖ୍ୟା ୬ରେ ପହଂଚିଛି ଯେଉଁଗୁଡ଼ିକ ଭୁବନେଶ୍ୱର, କଟକ, ରାଉରକେଲା, ଅନୁଗୁଳ ଓ ବ୍ରହ୍ମପୁର ଭଳି ସହରରେ ରହିଛି। ବର୍ତମାନ, ରିଲାଏନ୍ସ ଜୁଏଲସର ଉପସ୍ଥିତି ଭାରତରେ ୧୦୦ରୁ ଅଧିକ ସହରରେ ସ୍ୱତନ୍ତ୍ର ଏବଂ ସପ ଇନ ସପ ଫର୍ମାଟ ସମେତ ୨୦୦ରୁ ଅଧିକ ଷ୍ଟୋର ଜରିଆରେ ରହିଛି। ବିବାହ ଋତୁ ଆସିଯାଇଥିବା ବେଳେ ରିଲାଏନ୍ସ ଜୁଏଲସରେ ସୁନା, ହୀରା, ସୋଲିଟାୟାର, କୁନ୍ଦନ ଏବଂ ପର୍ଲ ଆଦିର ନିତିଦିନିଆ ଗହଣା ଠାରୁ ଆରମ୍ଭ କରି ଭାରି ନବବଧୂ ସମ୍ଭାର ପର୍ଯ୍ୟ‘ ବ୍ୟାପକ ବର୍ଗର ପାରମ୍ପରିକ ଓ ସମସାମୟିକ ଗହଣା ସମ୍ଭାର ସପିଙ୍ଗ ପାଇଁ ରହିଛି। କଂପାନିର ନୂଆ ହାତ ତିଆରି କାରିଗରୀରେ ପ୍ରସ୍ତୁତ ‘ଅତୁଲ୍ୟ’ ଗହଣା ସମ୍ଭାରରେ ୨୨ କ୍ୟାରେଟ ସୁନାର ନେକଲେସ ସେଟ ଆଂଟିକ ଓ କଲକତି ଫିନିସ ସହ ୧୮ କ୍ୟାରେଟ ସୁନା ଓ ହୀରା ଖଚିତ ସେଟ ରହିଛି, ଯାହା ନବବଧୂମାନଙ୍କ ପାଇଁ ବେଶ ପ୍ରଯୁର୍ଯ୍ୟ। ଏହି ସମ୍ଭାରରେ ରହିଛି ଚୋକରସ, ଛୋଟ ଓ ଲମ୍ବା ଷ୍ଟାଇଲର ନେକଲେସ ଯାହା ନିଶ୍ଚିତ ରୂପେ ଯେକେଣସି ପ୍ରକାର ପରିଧାନରେ ଗ୍ଲାମର ଓ ଷ୍ଟାଇଲ ଯୋଡ଼ିପାରିବ। ଏହି ଉତ୍ସାହକୁ ଆଗକୁ ବଢ଼ାଇ, ରିଲାଏନ୍ସ ଜୁଏଲସ ପକ୍ଷରୁ ଏହି ନୂତନ ସୋ’ରୁମର ଗ୍ରାହକଙ୍କ ପାଇଁ ନୂଆ ଆକର୍ଷଣୀୟ ଉଦ୍‌ଘାଟନୀ ଅଫର ପ୍ରସ୍ତୁତ କରାଯାଇଛି। ସ୍ୱତନ୍ତ୍ର ଉଦଘାଟନୀ ଅଫରରେ ଗ୍ରାହକମାନେ ସୁନା ଗହଣା ଗଢ଼ା ମୂଲ୍ୟ ଉପରେ ଫ୍ଲାଟ ୨୫% ଓ ହୀରା ଗହଣା ଉପରେ ୨୫% ପର୍ଯ୍ୟ‘ ରିହାତି ପାଇପାରିବା ସହିତ ଡିସେମ୍ବର ୨୨ ତାରିଖ ପର୍ଯ୍ୟ‘ ପ୍ରଥମ ୧୦୦ ଜଣ ଗ୍ରାହକ ମାଗଣା ସୁନା କଏନ ହାସଲ କରିପାରିବେ। ଗ୍ରାହକମାନେ ମଧ୍ୟ ଏଚ୍‌ଡିଏଫ୍‌ସି ଡେବିଟ୍ ଓ କ୍ରେଡିଟ୍ କାର୍ଡରେ ୧୦% ରିହାତି ପାଇପାରିବେ। (ସର୍ତାବଳୀ ଲାଗୁ)।ବ୍ରହ୍ମପୁରରେ ଏହି ନୂତନ ସୋ’ରୁମ ଉଦଘାଟନ ହୋଇଥିବାରୁ ନିଜ ଉତ୍ସାହକୁ ପରିପ୍ରକାଶ କରି ରିଲାଏନ୍ସ ଜୁଏଲସର ପ୍ରବକ୍ତା କହିଛନ୍ତି ଯେ, ‘‘ବ୍ରହ୍ମପୁରରେ ଆମର ନୂତନ ସୋ’ରୁମ ସହିତ ଓଡ଼ିଶାରେ ଆମେ ଆମର ଉପସ୍ଥିତିକୁ ସଂପ୍ରସାରିତ କରିଥିବାରୁ ଉଲ୍ଲସିତ। ସାରା ଭାରତରେ ଆମର ଗ୍ରାହକଙ୍କ ଜବରଦସ୍ତ ସମର୍ଥନ ଆମକୁ ଏହି ବିଶ୍ୱାସ ଦେଇଛି ଯେ ଆମର ଆକର୍ଷଣୀୟ ସମ୍ଭାର, ମୂଲ୍ୟ, ଗୁଣବତା ଏବଂ ଶୁଦ୍ଧତାର ପ୍ରତିବଦ୍ଧତା ବ୍ରହ୍ମପୁରରେ ଆମ ଗ୍ରାହକଙ୍କ ଗହଣା ସପିଙ୍ଗରେ ନୂତନ ମାନଦଣ୍ଡ ଧାର୍ଯ୍ୟ କରିବ।’’ ଦ୍ରୁତ ସଂପ୍ରସାରଣ ଯୋଜନା ସହିତ, ରିଲାଏନ୍ସ ଜୁଏଲସ ଗ୍ରାହକମାନଙ୍କୁ କେବଳ ଆକର୍ଷଣୀୟ ସମ୍ଭାର ନୁହେଁ ବରଂ ଗହଣା ସଂପର୍କିତ ସବୁ ପ୍ରକାର ସେବା ପ୍ରଦାନ କରିବ। ନୂତନ ପ୍ରଯୁକ୍ତି ସହିତ ଏହି ଆଧୁନିକ ସୋ’ରୁମ ଗ୍ରାହକଙ୍କୁ ସାମଗ୍ରିକ ସେବା ପ୍ରଦାନ କରି ଏକ ନିଆରା ଗହଣା ସପିଙ୍ଗ ଅନୁଭୂତି ପ୍ରଦାନ କରିବ।

ମାଇକ୍ରୋସଫ୍ଟ ଇଣ୍ଡିଆ ପକ୍ଷରୁ କ୍ଲାଉଡ୍ ଫର୍ ଡିଜିଟାଲ ଗଭର୍ଣ୍ଣାନ୍ସ ଟୁର୍

ଭୁବନେଶ୍ୱର: ଦେଶକୁ ଏହାର ଡିଜିଟାଲ ଇଣ୍ଡିଆ ଲକ୍ଷ୍ୟରେ ସହଯୋଗ କରିବା ପ୍ରତିଶ୍ରୁତିର ଅଂଶ ସ୍ୱରୂପ ମାଇକ୍ରୋସଫ୍ଟ ଇଣ୍ଡିଆ ପକ୍ଷରୁ ଆଜି ଭୁବନେଶ୍ୱରରେ କ୍ଲାଉଡ୍ ଫର୍ ଡିଜିଟାଲ ଗଭର୍ଣ୍ଣାନ୍ସ ଟୁର୍ ଆୟୋଜିତ ହୋଇଯାଇଛି । ଏହି ଦିନିକିଆ ସମ୍ମିଳନୀ କ୍ଲାଉଡ୍ ଫର୍ ଡିଜିଟାଲ ଗଭର୍ଣ୍ଣାନ୍ସ ଜାତୀୟ କାର୍ଯ୍ୟକ୍ରମର ଅଂଶ ଅଟେ, ଯାହାକୁ ଚଳିତ ବର୍ଷ ଅଗଷ୍ଟରେ ମାଇକ୍ରୋସଫ୍ଟ ଦ୍ୱାରା ଦେଶବ୍ୟାପୀ ଆଇଟି କ୍ଷେତ୍ରର ସରକାରୀ ଅଧିକାରୀମାନଙ୍କୁ ଜଟିଳ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ବୁଦ୍ଧିମାନ କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍ କୌଶଳ ଶିଖାଇବା ନିମନ୍ତେ ଶୁଭାରମ୍ଭ କରାଯାଇଥିଲା। ଏହି ଅଭିଯାନ ଶାରୀରିକ ଓ ଯଥାର୍ଥ କର୍ମଶାଳାର ଏକ ଶୃଙ୍ଖଳା ସାମିଲ ସାମିଲ କରିଛି ଏବଂ କୁଶଳୀ, ଦକ୍ଷ ଏବଂ ଫଳପ୍ରଦ ଗଭର୍ଣ୍ଣାନ୍ସ ପାଇଁ ସେମାନଙ୍କୁ ଏଆଇ ଓ ସୁରକ୍ଷିତ କ୍ଲାଉଡ୍ ଟେକ୍ନୋଲୋଜିର ଲାଭ ଉଠାଇବାରେ ସହଯୋଗ କରିବା ନିମନ୍ତେ ଏହା ୧୨ ମାସ ମଧ୍ୟରେ ପ୍ରାୟ ୫୦୦୦ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏଆଇ ଓ ଇଣ୍ଟେଲିଜେଣ୍ଟ ଟେକ୍ନୋଲୋଜି ଗୁଡ଼ିକ ବ୍ୟବସାୟ, ସମୁଦାୟ ଓ ସରକାର ଆଦି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ସବୁ ସ୍ଥାନକୁ ବ୍ୟାପିବାରେ ଲାଗିଛି। ଏହି ଟୁରକୁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରାଦ୍ୟୋଗିକ ଏବଂ ସାର୍ବଜନିନ ଉଦ୍ୟମ ଓ ସଶକ୍ତୀକରଣ ମନ୍ତ୍ରୀ ଶ୍ରୀ ଏସି ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିସହିତ ଏଥିରେ ସରକାର, ଆଇଟି ଓ ଇଲେକ୍‌ଟ୍ରୋନିକ୍ ବିଭାଗ ଏବଂ ଷ୍ଟାଟଅପ୍ ଇକୋସିଷ୍ଟମ କ୍ଷେତ୍ରରୁ ଅନେକ ବିଶିଷ୍ଟ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସରକାରୀ ସେବାଗୁଡିକ ପାଇଁ ଦାୟିତ୍ୱପୂର୍ଣ୍ଣ ଓ ଦ୍ରୁତତମ ଏଆଇ ସମାଧାନ ନିୟୋଜିତ କରିବାର ଆବଶ୍ୟକତା, ପ୍ରଭାବୀ ଉପାୟରେ ସହଯୋଗ କରିବା ପାଇଁ ସାଇବର ସୁରକ୍ଷାର ଆବଶ୍ୟକତା ଏବଂ ଏଆଇ ପ୍ରତି ଏକ ସମାବେଶୀ ଦୃଷ୍ଟିକୋଣର ଆବଶ୍ୟକତା ପ୍ରସଙ୍ଗରେ ଏକ ଆଲୋଚନାରୁ ଆରମ୍ଭ ହୋଇଥିଲା; ଯାହା ସହର, ଗ୍ରାମାଞ୍ଚଳ ଓ ଦିବ୍ୟାଙ୍ଗ ଲୋକଙ୍କ ସହ ଜଡ଼ିତ। ଏହି ଅବସରରେ ମାଇକ୍ରୋସଫ୍ଟ ଇଣ୍ଡିଆ ସ୍ୱାସ୍ଥ୍ୟ ଓ ଶିକ୍ଷା ଏବଂ ପବ୍ଲିକ୍ ସେକ୍ଟର ବିଭାଗର କଣ୍ଟ୍ରି ଜେନେରାଲ ମ୍ୟାନେଜର ଶ୍ରୀ ମନିଶ ପ୍ରକାଶ କହିଛନ୍ତି, ‘ମାଇକ୍ରୋସଫ୍ଟ ଭାରତରେ ସରକାରୀ ଇକୋସିଷ୍ଟମର ଡିଜିଟାଲ ରୂପା‘ରଣରେ ଗଭୀରଭାବେ ନିବେଶ କରିଛି। ଆଜି ଆମେ ଡିଜିଟାଲ ଦକ୍ଷତା ଓ ଟେକ୍ନୋଲୋଜି ମାଧ୍ୟମରେ ସରକାରଙ୍କୁ ସଶକ୍ତ କରି ତାଙ୍କୁ ନିଜର ଡିଜିଟାଲ ଯାତ୍ରାରେ ଆଗକୁ ବଢାଇବା ପାଇଁ ଓଡିଶା ସରକାରଙ୍କ ସହ ସହଭାଗିତା କରିଥିବାରୁ ଖୁବ୍ ଆନନ୍ଦିତ।‘

ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ମେଗା କୃଷକ ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର: ଜାତୀୟ କୃଷକ ଦିବସ ପାଳନ କରିବା ତଥା ନିଜ ସିଏସ୍‌ଆର୍ ଅଭିଯାନର ଅଂଶସ୍ୱରୂପ ଆଦିତ୍ୟ ବିର୍ଲା ଗ୍ରୁପ୍‌ର କଂପାନି ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ସମ୍ବଲପୁର ଜିଲ୍ଲାର ତାପଙ୍ଗା ଠାରେ ଏକ ମେଗା କୃଷକ ସମ୍ମିଳନୀ ଆୟୋଜନ କରାଯାଇଛି। ଏହି ସମ୍ମିଳନୀକୁ ଧୋରୋପାଣି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜନ କରାଯାଇଥିଲା ଯେଉଁଥିରେ ୨୫୦ରୁ ଅଧିକ କୃଷକ ଅଂଶଗ୍ରହଣ କରିଥିଲେ।ଆଦିତ୍ୟ ଆଲୁମିନିୟମ୍‌ର ଏଭିପି-ଏଚ୍‌ଆର୍ ଡକ୍ଟର ବିବେକାନନ୍ଦ ମିଶ୍ର ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମ୍ମିଳନୀ ସରକାରୀ କର୍ତ୍ତୃପକ୍ଷ, ନାଗରିକ ସମାଜ, କୃଷକ ଏବଂ କର୍ପୋରେଟ୍‌କ ପରସ୍ପର ପାଖରେ ପହଂଚିବ, ସରକାରୀ ସ୍କିମ୍ ବିଷୟରେ ସୂଚା ବିନିମୟ କରିବା, ଶ୍ରେଷ୍ଠ ପ୍ରଥା ଏବଂ ଅର୍ଥକାରୀ ଫସଲ ଚାଷର ଶ୍ରେଷ୍ଠ ପଦ୍ଧତି ଉପରେ ଆଲୋଚନା କରିବା କୁ ସୁଯୋଗ ପ୍ରଦାନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ସମ୍ମିଳନୀରେ ଉପ କୃଷି ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁଦର୍ଶନ ପ୍ରହରାଜ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଂଜନ ଦାସ ମହାପାତ୍ର, ବରିଷ୍ଠ ବୈଜ୍ଞାନିକ କେବିକେ ଶ୍ରୀମତୀ ସାସ୍ୱତୀ ପଟ୍ଟନାୟକ, ରେଂଗାଳି ବ୍ଲକ୍‌ର ଉପାଧ୍ୟକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ୍, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚର୍ ଆଣ୍ଡ ରିସର୍ଚ୍ଚର ରିସୋର୍ସ ପର୍ସନ ଶ୍ରୀଯୁକ୍ତ କିଶୋର ସୂତାର, ୫ ଗ୍ରାମ ପଂଚାୟତର ସରପଂଚ, ଆଦିତ୍ୟ ଆଲୁମିନିୟମ୍‌ର ମାନବ ସମ୍ବଳ ବିକାଶର ଶ୍ରୀଯୁକ୍ତ ସତ୍ୟ ଦାସ ଉପସ୍ଥିତ ଥିଲେ।ଅତିଥିମାନେ ସେମାନଙ୍କ ଆଲୋଚନାରେ ଅର୍ଗାନିକ ଫାର୍ମିଂ, ଉଦ୍ୟାନ କୃଷି, ଫୁଲ ଚାଷ ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରିଥିଲେ। ସଫଳ ଚାଷୀମାନେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ପ୍ରତି ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ସ୍ୱରୂପ ଏକ ସ୍ପ୍ରେୟର ପ୍ରଦାନ କରାଯାଇଥିଲା।

ସେନ୍‌କୋ ଗୋଲ୍ଡ ଏଣ୍ଡ ଡ଼ାଇମଣ୍ଡର ’ଦି ଗ୍ରେଟ ଇଣ୍ଡିଆନ ବିବାହ କଲେକ୍ସନ’

ଭୁବନେଶ୍ୱର : ଭାରତର ଅନ୍ୟତମ ବୃହତ ଖୁଚୁରା ଅଳଙ୍କାର ଶୃଙ୍ଖଳ ସେନ୍‌କୋ ଗୋଲ୍ଡ ଏଣ୍ଡ ଡ଼ାଇମଣ୍ଡ ’ଦି ଗ୍ରେଟ ଇଣ୍ଡିଆନ ବିବାହ କଲେକ୍ସନ’ ନାମରେ ନୂଆ କନ୍ୟା ଅଳଙ୍କାର ସମ୍ଭାର ବଜାରକୁ ଆଣିଛି । ବିବାହ ଋତୁର ଚାହିଦା ପୂରଣ ପାଇଁ ନୂଆ କିସମର ବିଭିନ୍ନ ଅଳଙ୍କାର ବଜାରକୁ ଅଣାଯାଇଛି । ସେନ୍‌କୋ ଗୋଲ୍ଡ ଏଣ୍ଡ ଡ଼ାଇମଣ୍ଡ କାରିଗରଙ୍କ ହସ୍ତକଳାର ଯାଦୁଗରୀ ସ୍ପର୍ଶ ଏହି ଅଳଙ୍କାରକୁ ଆକର୍ଷଣୀୟ କରିବା ଉପଯୁକ୍ତ ଗୁଣାତ୍ମକ ମାନର ମଧ୍ୟ କରିଛି । ବଙ୍ଗଳା, ପାବୀ, ମୁସଲିମ ବା ଦକ୍ଷିଣ ଭାରତୀୟ ଆଦି ଅଞ୍ଚଳର ପ୍ରତ୍ୟେକ କନ୍ୟାଙ୍କ ମନକୁ ଛୁଇଁବା ପରି ନିଖୁଣ ଢ଼ାଞ୍ଚାରେ ପ୍ରତ୍ୟେକ ଅଳଙ୍କାର ପ୍ରସ୍ତୁତ କରାଯାଇଛି । ଏହି ଅଳଙ୍କାର ପରିଧାନ କଲେ ପ୍ରତ୍ୟେକ ଭାରତୀୟ ମହିଳା ଝଲସିବେ । ସାଦି, ବିବାହମ, ନିକା, କଲ୍ୟାଣମ୍, ବିବାହୋ ଇତ୍ୟାଦି ବିଭିନ୍ନ ସଂସ୍କୃତିର ବିବାହ ଉତ୍ସବ ହୋଇପାରେ କିନ୍ତୁ ଏହା ମଧ୍ୟରେ ଦୁଇଟି ମନର ଆବେଗ ଓ ଆନନ୍ଦ ଏକତ୍ରିତ ହୋଇଥାଏ । ବିବାହ ଦିବସରେ ପ୍ରତ୍ୟେକ କନ୍ୟା ରାଜକୁମାରୀ ପରି ଦେଖାଯିବାକୁ ଚାହେଁ । ନିଜ ପରିଧାନ ମଧ୍ୟରେ କନ୍ୟାଳଙ୍କାର କନ୍ୟାର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହୋଇଥାଏ । କେତେକ ଅଳଙ୍କାର ପ୍ରତୀକାତ୍ମକ ଅର୍ଥ ଓ କାରଣ ରହିଛି । ମୁଦି, ଝୁମର, ନୋଥ, ହାତଫୁଲ, ମାଙ୍ଗଟିକା, ହାର ସେଟ୍, ଆର୍ମବ୍ୟାଣ୍ଡ, ନାକ ପିନ୍, ଚୁଟି ଉପକରଣ, କଟିମେଖଳା, ଚୁଡ଼ି, ଝୁଣ୍ଟିଆ, ଶଙ୍ଖା, ପାଉଁଜି, ଖଡ୍ଡୁ, ଚିକ୍ ଏଣ୍ଡ ଲଙ୍ଗ ଚେନ୍ ଆଦି ଅଳଙ୍କାର ବିବାହ ଦିନ କନ୍ୟାର ଔଜଲ୍ୟ ବୃଦ୍ଧିରେ ସହାୟକ ହୋଇଥାଏ । ଏହି ଅବସରରେ ସେନ୍‌କୋ ଗୋଲ୍ଡ ଏଣ୍ଡ ଡ଼ାଇମଣ୍ଡ ସୁନା ଓ ହୀରା ଅଳଙ୍କାର ଗଢ଼ା ମଜୁରୀରେ ୨୫% ରିହାତି ପ୍ରଦାନ କରିବା ସହ ହୀରା ଅଳଙ୍କାର ମୂଲ୍ୟରେ ୧୦% ରିହାତି ପ୍ରଦାନ କରୁଛି । ସେହିପରି ପୁରୁଣା ସୁନା ବଦଳ ପାଇଁ କିଛି କାଟ କରାଯାଉ ନାହିଁ । ’ସାତ ପକେ ବନ୍ଧା’ ନାମରେ ୭ କିସମ ଅଳଙ୍କାର ନେଇ ସେନ୍‌କୋ ଗୋଲ୍ଡ ଏଣ୍ଡ ଡ଼ାଇମଣ୍ଡ ବିବାହ କମ୍ବୋ ପ୍ୟାକେଜ ପ୍ରସ୍ତୁତ କରିଛି। ଏହାର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି । ହୀରା ପ୍ୟାକେଜରେ ହାର, କାନ ରିଂ, ମଙ୍ଗଳସୂତ୍ର, ନାକ ପିନ୍, ମୁଦି ଓ ନୋଆ ରହିଥିବାବେଳେ ସୁନା ପ୍ୟାକେଜରେ ସୀତାହାର, ହାର , କାନ ରିଂ, ଚୁଡ଼ି, ଶଙ୍ଖା, ପୋଲା, ନୋଆ ଓ ମୁଦି ରହିଛି ।

ଏଚଡିଏଫସି ଇରଗୋ ରବି ଋତୁ ପାଇଁ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ଓଡ଼ିଶାରେ ଲାଗୁ କରିଛନ୍ତି

ଭୁବନେଶ୍ୱର : ଏଚଡିଏଫସି ଇରଗୋ ଜେନେରାଲ ଇନସୁରାନ୍ସ କମ୍ପାନୀ, ବେସରକାରୀ କ୍ଷେତ୍ରରେ ଭାରତର ତୃତୀୟ ବୃହତମ ଅଣଜୀବନ ବୀମା ପ୍ରଦାନକାରୀ ୨୦୧୯ର ରବି ଋତୁ ପାଇଁ ଦେବଗଡ, କେନ୍ଦ୍ରାପଡା, ମୟୁରଭ, ନବରଙ୍ଗପୁର, ଗାମ, କଳାହାଣ୍ଡି, ପୁରୀ ଏବଂ ସୁବର୍ଣ୍ଣପୁର ଆଦି ଜିଲ୍ଲାରେ ଋଣୀ ଏବଂ ଅଣ-ଋଣୀ କୃଷକ ମାନଙ୍କ ପାଇଁ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଲାଗୁ କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାଧିକୃତ ହେଇଛନ୍ତି । ମରୁଡି, ବନ୍ୟା, ପାଗ, ଭୂସ୍ଖଳନ, ବାତ୍ୟା, ହାର୍କେଇନ, ତୁଷାର ପାତ, ଅତ୍ୟଧିକ ପାଣି, କୀଟ, ରୋଗ ଏବଂ ଅନ୍ୟାନ୍ୟ ଆଦି ବ୍ୟାପକ ବାହ୍ୟ ବିପର୍ଯ୍ୟୟ ଯୋଗୁଁ ଫସଲ ଆମଦାନିରେ ସୃଷ୍ଟି ହେଉଥିବା ଯେକୌଣସି କ୍ଷତି ବିପକ୍ଷରେ ପିଏମଏଫବିୱାଇ ଯୋଜନା କୃଷକ ମାନଙ୍କୁ ବୀମା ଭୁକ୍ତ କରିଥାଏ। ଉପଜରେ ହେବା କ୍ଷତି ନିର୍ଦ୍ଧାରିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ସ୍କିମ ପାଇଁ ବିଜ୍ଞାପିତ ଅଂଚଳରେ ବିଜ୍ଞାପିତ ଫସଲ ଉପରେ ଫସଲ କାଟିବା ପରୀକ୍ଷଣର (ସିସିଇ ସମୂହ) ଯୋଜନା ଏବଂ ଆୟୋଜନ କରିବେ। ଆୟୋଜିତ ହୋଇଥିବା ସିସିଇ ସମୂହ ଆଧାରରେ ଉପଜ ଡାଟା ନିମ୍ନ ରହିବା କ୍ଷେତ୍ରରେ କୃଷକର ଉପଜରେ କ୍ଷତି ସହିଛି ବୋଲି ବିବେଚନା କରାଯିବ ଯାହା ପାଇଁ କୃଷକକୁ ତାର ଦାବି ପ୍ରଦାନ କରାଯିବ । ବୁଣିବା-ପୂର୍ବ, ଅମଳ ଏବଂ ଅମଳ-ପର ଆଦି ଫସଲ ଚକ୍ରର ସମସ୍ତ ସୋପାନରେ ବିପର୍ଯ୍ୟୟ ପାଇଁ ସ୍କିମ ବୀମା ଆବରଣ ପ୍ରଦାନ କରିଥାଏ । ପିଏମଏଫବିୱାଇ ଯୋଜନା ଅଧୀନସ୍ଥ ସମସ୍ତ ଉତ୍ପାଦ କୃଷି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି । ଦେବଗଡ, କେନ୍ଦ୍ରାପଡା, ମୟୁରଭ, ନବରଙ୍ଗପୁର, ଗାମ, କଳାହାଣ୍ଡି, ପୁରୀ ଏବଂ ସୁବର୍ଣ୍ଣପୁର ଆଦି ଜିଲ୍ଲାର କୃଷକମାନେ ସେମାନଙ୍କ ଜିଲ୍ଲାରେ ସେମାନଙ୍କର ସମ୍ବନ୍ଧିତ ବ୍ୟାଙ୍କ, ସାଧାରଣ ସେବା କେନ୍ଦ୍ରରେ (ସିଏସସି ସମୂହ) କରିପାରିବେ କିମ୍ବା ପ୍ରାଧିକୃତ ଏଚଡିଏଫସି ଇରଗୋ ଏଜେଂଟ ସହ ସମ୍ପର୍କ କରି ଉପରୋକ୍ତ ତାଲିକାଭୁକ୍ତ ଫସଲ ପାଇଁ ପିଏମଏଫବିୱାଇ ସ୍କିମ ଅଧୀନରେ ବୀମା ଆବରଣ ପ୍ରାପ୍ତ କରିପାରିବେ । କୃଷି ବିଭାଗର ୱେବସାଇଟରେ କୃଷକ ମାନଙ୍କ ପାଇଁ ବୀମା ଆବରଣ ପ୍ରାପ୍ତି କରିବାର ବୈଧ ଅବଧିର ସବିଶେଷ ଉପଲବ୍ଧ ହେବ। ଏଚଡିଏଫସି ଇରଗୋ ବିଷୟରେଏଚଡିଏଫସି ଇରଗୋ ଜେନେରାଲ ଇନସୁରାନ୍ସ କମ୍ପାନୀ ଲିମିଟେଡ ଭାରତର ପ୍ରମୁଖ ଆବାସ ବିକାଶ ଆର୍ଥିକ ନିଗମ ଲିମିଟେଡ (ଏଚଡିଏଫସି) ଏବଂ ଜର୍ମାନୀର ମ୍ୟୁନିକ ରେ ଗୃପର ପ୍ରାଥମିକ ବୀମା ସତା, ଇରଗୋ ଅ’ରାଷ୍ଟ୍ରୀୟ ଏଜି ମଧ୍ୟରେ ଏକ ୫୧.୪୯ ସଂଯୁକ୍ତ ଉଦ୍ୟମ ଅଟେ। ଏଚଡିଏଫସି ଇରଗୋ ବେସରକାରୀ କ୍ଷେତ୍ରରେ ତୃତୀୟ ବୃହତମ ସାଧାରଣ ବୀମା ପ୍ରଦାନକାରୀ ମଟର, ସ୍ୱାସ୍ଥ୍ୟ, ଗୃହ, କୃଷି, ଯାତ୍ରା, କ୍ରେଡିଟ, ସାଇବର ଏବଂ ବାସ୍ତବିକ ସ୍ଥାନ ଏବଂ ସମ୍ପତିରେ ବ୍ୟକ୍ତିଗତ ଦୁର୍ଘଟଣା, ମରିନ, ଇଂଜିନିୟରିଙ୍ଗ, ମରିନ କାର୍ଗୋ, ଗୃପ ସ୍ୱାସ୍ଥ୍ୟ ଏବଂ ନିଗମ ସ୍ଥାନରେ ଦାୟିତ୍ୱ ବୀମାଆଦିର ଏକ ସଂପୂର୍ଣ୍ଣ ଶୃଙ୍ଖଳାର ସାଧାରଣ ବୀମା ଉତ୍ପାଦ ପ୍ରଦାନ କରିଥାଏ । ବିଗତ କିଛି ବର୍ଷ ହେଲା ଏଚଡିଏଫସି ଇରଗୋ କେବଳ ବିକଶିତ ବଜାରର ଆବଶ୍ୟକତା ସହ ନିଜକୁ ସମରେଖିତ ନକରି ଏହାର ପ୍ରଦାନ ଅନୁସାରେ ନିଜକୁ ଅଗ୍ରଣୀ କରିବାକୁ ନିର‘ର ପ୍ରୟାସ କରିଆସିଛି । ଭୂମି ଉପରେ କାନ ରଖିଥିବାରୁ ଅତ୍ୟଧିକ ଲକ୍ଷ୍ୟତ ନୂତମ ଉତ୍ପାଦ ଏବଂ ଏଆଇ-ଆଧାରିତ ଟୁଲ ଓ ପ୍ରାଦ୍ୟୋଗୀକିର ଏକ ଷ୍ଟ୍ରିମ ସୃଷ୍ଟି କରିବାରେ କମ୍ପାନୀକୁ ସହାଯ୍ୟ ମିଳିପାରୁଛି । ଏହା ଅନୋଖା ବୀମା ଉତ୍ପାଦ, ଏକୀକୃତ ଗ୍ରାହକ ସେବା ମଡେଲ, ସମୁହରେ ସର୍ବୋତମ ଦାବି ପ୍ରକ୍ରିୟା ଏବଂ ଏହାର ଗ୍ରାହକଙ୍କ ପାଇଁ ଅଭିନବ ଉତ୍ପାଦ ହୋଇଥାଇପାରେ ।

ହିରୋ ମୋଟୋକର୍ପ ର ପ୍ରିମିୟମ ଆଡଭେଂଚର ବାଇକ -ଏକ୍ସପଲ୍ସ ୨୦୦ କୁ ବହୁ ବାଂଛିତ

ଭୁବନେଶ୍ୱର :ବିଶ୍ୱର ବୃହତମ ଦୁଇ-ଚକିଆ ନିର୍ମାତା ହିରୋ ମୋଟୋକର୍ପର ଆଡଭେଂଚର ମଟରସାଇକେଲ - ଏକ୍ସପଲ୍ସ ୨୦୦ ଭାରତୀୟ ଦୁଇ-ଚକିଆ ଉଦ୍ୟୋଗର ସର୍ବୋଚ୍ଚ ସମ୍ମାନଜନକ ପୁରସ୍କାର- ’ଦ ଇଣ୍ଡିୟାନ ମଟରସାଇକେଲ ଅଫ ଦ ଇୟର’ (ଆଇଏମଓଟିୱାଇ) ପାଇଛି, ଏହି ଭଳି କମ୍ପାନୀର ନୂତନ ଆଧୁନିକ ପ୍ରିମିୟମ ବ୍ରାଣ୍ଡ ଅପିଲ କୁ ମଜଭୁତ ଭାବେ ପ୍ରତିଷ୍ଠିତ କରିଛି । କମ୍ପାନୀର ପ୍ରିମିୟମ ଫୋର୍ଟଫୋଲିଓ ର ପ୍ରମୁଖ ଉତ୍ପାଦ ଏକ୍ସପଲ୍ସ ୨୦୦-ଗତିଶୀଳ, ଅନ-ରୋଡ-ଅଫ-ରୋଡ ମଟରସାଇକେଲ -ଭାରତୀୟ ଆଡଭେଂଚର ମଟରସାଇକେଲ ସେଗମେଂଟକୁ ପୁନଃ ପରିଭାଷିତ କରିଛି । ଏକ୍ସପଲ୍ସ ୨୦୦ ଲଂଚ ହେବାର କେବଳ କିଛି ମାସ ମଧ୍ୟରେ କେବଳ ଭାରତରେ ନୁହେଁ, ଏସିଆର ସମସ୍ତ ଦେଶ, ଦକ୍ଷିଣ ଆମେରିକା ଏବଂ ମଧ୍ୟ ପ୍ରାଚ୍ୟର ରୋମାଂଚ ଚାହାଁଳି ମାନଙ୍କର ଧ୍ୟାନ ଆକର୍ଷଣ କରିଛି । ପ୍ରଦର୍ଶନ, ଗତିଶୀଳତା ଏବଂ ସୌନ୍ଦର୍ଯ୍ୟତା ଉପରେ ଅତ୍ୟଧିକ ଜୋର ଦେଉଥିବା ମଟରସାଇକେଲ ହିରୋ ମୋଟୋକର୍ପର ଜୟପୁରରେ ଥିବା ବିଶ୍ୱ-ଶ୍ରେଣୀୟ ଆର ଓ ଡି ସେଟ ଅପ-ଦ ସେଂଟର ଫର ଇନୋଭେସନ ଏଣ୍ଡ ଟେକ୍ନୋଲୋଜି ରେ (ସିଆଇଟି) ଡିଜାଇନ ଏବଂ ନିର୍ମିତ ହୋଇଛି। ଏହି ଅବସରରେ ଟିପ୍ପଣୀ ଦେଇ ଡଃ ପଓ୍ୱନ ମୁ୍ାଲ, ଅଧକ୍ଷ, ହିରୋ ମୋଟୋକର୍ପ କହିଲେ, ‘ଭାରତୀୟ ଅଟୋମୋଟିଭ ଉଦ୍ୟୋଗର ସର୍ବାଧିକ ବାଂଛିତ ସମ୍ମାନ ପାଇଥିବାରୁ ଆମେ ଅତ୍ୟ‘ ଖୁସି । ’ପ୍ରିମିୟମ ହିରୋ’ ଭାବରେ ଆମର ବ୍ରାଣ୍ଡ ଅପିଲର ବର୍ଦ୍ଧନ ଯୋଗୁଁ ୨୦୧୯ ଆମ ପାଇଁ ଏକ ମାଇଲ ଖୁଂଟ ବର୍ଷ ହୋଇପାରିଛି । ଏହି ସମସ୍ତ କ୍ଷେତ୍ରକୁ ପୁନଃ-ପରିଭାଷିତ କରୁଥିବା ନୂତନ ମଟରସାଇକେଲ ଏବଂ ସ୍କୁଟର ଡିଜାଇନ ଏବଂ ବିକାଶ କରିବା ପାଇଁ ଆମେ ସଚେତନ ପ୍ରୟାସ କରିଆସୁଛୁ । ସିଆଇଟି ରେ ଆମ ନିଜର ଇନ-ହାଉସ୍ ଇନିୟରମାନଙ୍କ ଦ୍ୱାରା ଆମର ନୂତନ ଶ୍ରେଣୀର ପ୍ରିମିୟମ ଉତ୍ପାଦ ସମ୍ପୂର୍ଣ୍ଣ ରୁପେ ଡିଜାଇନ ଏବଂ ବିକାଶ କରାଯାଇଛି । ଆଗକୁ ବଢି ଏହି ସେଗମେଂଟରେ ଆମର ଦୁନିଆ ଭରି ଗ୍ରାହକମାନଙ୍କ ପାଇଁ ନୂତନ ଉତ୍ପାଦ ଆଣିବା ଆମେ ଜାରି ରଖିବୁ ।‘

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray